# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୪ ଫେବୃଆରୀ ୨୦୨୬

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

**ମୋଟ ପ୍ରଶ୍ନର ସଂଖ୍ୟା - 381**

----

### Current status of the Treatment Plant

**485** **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the current status of the Rs 210 crore Treatment Plant at the confluence of Daya River and Gangu Nullah, which was tendered in September 2025 with a two-year completion deadline; When will the Government operationalise this critical infrastructure, given that contaminated water from Gangua has caused diarrhoea outbreaks in Kanas block (including villages under Satyabadi constituency) resulting in multiple deaths in January 2025?

----

### Transfer ହୋଇଥିବା SFC, CFC ଯୋଜନାର ଅର୍ଥ ରାଶି

**492** **ଶ୍ରୀ ମାଧବ ଧଡା (ସୋରୋ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବାଲେଶ୍ୱର ଜିଲ୍ଲାର ସୋରୋ ଏବଂ ବାହାନଗା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରୁ ତଥା ପଂଚାୟତ ସମିତିରୁ 2022-23 ରୁ 2025- 26 ଆର୍ଥିକ ବର୍ଷ ମଧ୍ୟରେ କେତେ SFC, CFC ଯୋଜନା ର ଅର୍ଥ ରାଶି ଗତ ଚାରି ବର୍ଷ ମଧ୍ୟରେ DW, Division, ବାଲେଶ୍ୱରକୁ transfer ହୋଇଛି, Zilla Parishad/ DRDA ବାଲେଶ୍ୱରର ଏହିଭଳି SFC, CFC କେତେ ଅର୍ଥ ରାଶି Drinking Water and Sanitation Divisionକୁ ଗତ ତିନି ବର୍ଷ ମଧ୍ୟରେ transfer ହୋଇଛି, ଉକ୍ତ ସମୁଦାୟ transfer ହୋଇଥିବା ଅର୍ଥ Block wise, Project wise ସମ୍ପୂର୍ଣ୍ଣ ତଥ୍ୟ ଗ୍ରାମପଂଚାୟତ ୱାରୀ ପ୍ରଦାନ କରିବେ କି; (ଖ ) ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଗ୍ରାମରେ ଆଲୋକୀକରଣର ବ୍ୟବସ୍ଥା ନଥିବା ସରକାର ଅବଗତ ଅଛନ୍ତି କି; ଯଦି ଅଛନ୍ତି ତାହାଲେ ବିଦ୍ୟୁତ କିମ୍ବା ସୋଲାର ଲାଇଟ ଦ୍ୱାରା ପ୍ରତ୍ୟେକ ଗ୍ରାମର ରାସ୍ତା ଆଲୋକୀକରଣ ପାଇଁ ବ୍ୟବସ୍ଥା କରିବେ କି, ଉକ୍ତ କାର୍ଯ୍ୟ କେବେ ସୁଦ୍ଧା ସମାପ୍ତ ହେବ ଏବଂ ବାଲେଶ୍ୱର ଜିଲ୍ଲା ପରିଷଦ / DRDA ତରଫରୁ 2021-22 ରୁ ଅଦ୍ୟ ତାରିଖ ସୁଦ୍ଧା ସୋରୋ ଓ ବାହାନଗା ବ୍ଲକ ରେ CFC ଯୋଜନାରେ ଯେଉଁ Cluster Light ଲଗାଯାଇଅଛି ମରାମତି ଅଭାବରୁ ଗ୍ରାମାଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧାର ଥବା ହେତୁ ଲୋକ ମାନଙ୍କୁ ଯାତାୟତ କରିବାରେ ଘୋର ବ୍ୟାଘାତ ସୃଷ୍ଟି ହେବାହେତୁ, ଏହାର ମରାମତି ନିମନ୍ତେ ବିଭାଗ ବ୍ୟବସ୍ଥା କରାଇବାକୁ ପଦକ୍ଷେପ ଗ୍ରହଣ କରିବେ କି ?

----

## 'ମୋ ବସ୍' ଚଳାଚଳ

**514 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସୋର ନିର୍ବାଚନ ମଣ୍ଡଳୀର ସୋର ଠାରୁ ଘାସୁଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ 'ମୋ ବସ୍' ଚାଲୁଥିବା ସତ୍ତ୍ୱେ କିଛି ମାସ ଧରି 'ମୋ ବସ୍' ଚଳାଚଳ କରୁନଥିବା ସତ୍ୟ କି ; ସର୍ବସାଧାରଣ ଅସୁବିଧାକୁ ଲକ୍ଷ୍ୟ ରଖି ତୁରନ୍ତ 'ମୋ ବସ୍' ଚାଳନ ପାଇଁ ପଦକ୍ଷେପ ନେବେ କି?

----

## ବସ ସେବା ପ୍ରଦାନ

**523 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଆମ ବସ୍ Capital Region Urban Transport (CRUT) ସେବାରେ Pick Hour ରେ ଅଧିକ ଭିଡ଼ ହେଉଥିବା ଯୋଗୁଁ ଯାତ୍ରୀମାନେ ଅସୁବିଧାରେ ପଡିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ, ପ୍ରତ୍ୟେକ ବସର ଧାର୍ଯ୍ୟ ଯାତ୍ରୀ ସୀମା (Sitting g Standing Capacity) କେତେ, ସୀମା ବାହାରେ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ ନିରୀକ୍ଷଣ ପାଇଁ CRUTର କଣ Mechanism ରହିଛି? ଗତ ୨ ବର୍ଷରେ ଅତିରିକ୍ତ ଯାତ୍ରୀ ନେବା ଘଟଣା କେତୋଟି ଚିହ୍ନଟ ହୋଇଛି ?

----

## ବସ ଚଳାଚଳ ପାଇଁ ବ୍ୟବସ୍ଥା

**572 ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ନିମାପଡା ଭାୟା ବାଲିପାଟଣା ଅଠାନ୍ତର ରୁଟରେ ସରକାରୀ ବସ୍ ଚଳାଚଳ ପାଇଁ ବହୁତ ଥର ପ୍ରସ୍ତାବ ଦେବା ସତ୍ତ୍ୱେ ସରକାର ଅଦ୍ୟାବଧି CRUT ଦ୍ୱାରା କୌଣସି ବ୍ୟବସ୍ଥା କରିନାହାନ୍ତି ; ଏହି ରୁଟରେ ବସ୍ ଚଳାଇବା ପାଇଁ କେବେ ସୁଦ୍ଧା ସୁବ୍ୟବସ୍ଥା କରିବେ?

----

## ପୋଲ ନିର୍ମାଣ

594 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାମିୟାଳ ନଦୀ ଉପରେ ପ୍ରସ୍ତାବିତ ଗୃଣିତା ନାଳୀଠାରେ ପୋଲର ଅଗ୍ରଗତି ସମ୍ବନ୍ଧରେ ଅବଗତ କରିବେ କି?

----

## ଆମ ବସ ଚଳାଚଳ

597 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ସରକାରଙ୍କ ତରଫରୁ ଆମବସ ଚଳନ ଯୋଜନାରେ କେଉଁ ବ୍ଲକରେ କେଉଁ କେଉଁ ଗାଁରେ କେତୋଟି ବସ ଚାଲିଛି ଏବଂ ସେଗୁଡ଼ିକୁ କେଉଁ କେଉଁ ଗାଁ ଦେଇ ଯାଇଅଛି ଓ ଆମବସ ମାଧ୍ୟମରେ ମାସିକ ଆୟ କେତେ ହେଉଅଛି ?

----

## କାରଖାନା ଗୁଡିକରେ ହୋଇଥିବା ଦୁର୍ଘଟଣା

736 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲାରେ ଗତ ୧୦ ବର୍ଷ ମଧ୍ୟରେ କେଉଁ କେଉଁ କାରଖାନା ଗୁଡ଼ିକରେ ଦୁର୍ଘଟଣା ଘଟିଥିଲା, କାରଖାନା ଓ ବାଷ୍ପିତ୍ର ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ( Director of Factories & Boilers ) ତରଫରୁ କରିଥିବା ତଦନ୍ତ ତଥ୍ୟ ପ୍ରଦାନ କରିବା ସହ କେତେ ଜଣ କାର୍ଯ୍ୟରତ ଶ୍ରମିକ ବା କର୍ମଚାରୀ ଦୁର୍ଘଟଣାର ଶିକାର ହୋଇଛି, ସେମାନଙ୍କ ମଧ୍ୟରୁ କେତେ ଜଣ ସାମାନ୍ୟ ଆହତ, ଗୁରୁତର ଆହତ, ଅକର୍ମଣ୍ୟ ଏବଂ କେତେ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି, କେଉଁ କାରଣରୁ, କେଉଁ ତାରିଖରେ, କେଉଁ କାରଖାନାରେ ଦୁର୍ଘଟଣା ଘଟିଥିଲା, ପ୍ରତ୍ୟେକ ମୃତଙ୍କ ନାମ ଏବଂ ପରିବାରର ଠିକଣା ପ୍ରଦାନ କରିବାରେ ସହଯୋଗ କରିବେ କି ?

----

## PMAY ଯୋଜନା ଅଧିନରେ ଆବେଦନକାରୀଙ୍କ ସଂଖ୍ୟା

863 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ PMAY ଯୋଜନା ଅଧିନରେ କେତେ ଜଣ ହିତାଧିକାରୀ ଆବେଦନ କରିଛନ୍ତି ଓ ସେଥିମଧ୍ୟରୁ କେତେଜଣଙ୍କ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ତାର ଏକ ତାଲିକା ଦେବା ସହ ଯେଉଁ ହିତାଧିକାରୀ ମାନଙ୍କର ନିଜସ୍ୱ ଜମି ନାହିଁ ସେମାନେ PMAY ଯୋଜନାର ଲାଭ ଉଠିବାରେ ବିଳମ୍ୱ ହେଉଥିବା ଏବଂ ଜଙ୍ଗଲ ଜମିରେ ରହୁଥିବା ହିତାଧିକାରୀ ମାନଙ୍କ FRA ଅନୁମୋଦନରେ ବିଳମ୍ୱ ହେଉଥିବା କଥା ସରାକରଙ୍କ ଦୃଷ୍ଟିଗୋଚର ହୋଇଛି କି; ଯଦି ହଁ ତେବେ ଏ ସମ୍ପର୍କରେ ନିୟମ ଗୁଡ଼ିକର ସରଳୀକରଣ କରିବା ପାଇଁ ସରକାର କଣ ପଦକ୍ଷେପ ନେବେ ?

----

**Seasonal labour out-migration in Kalahandi**

1540 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Recent reports indicate seasonal labour out-migration in Kalahandi with figures suggesting tens of thousands leaving for work outside the state. What is the latest official migration data (numerical) for Western Odisha and what grievances have been recorded, and how is the department ensuring MGNREGA's enhanced 300 work-days and top-up wage implementation on ground ?

----

**ରାଜ୍ୟରେ ଥିବା ସମସ୍ତ PSU ସଂସ୍ଥା ମାନଙ୍କରେ E.P.F. କର୍ମଚାରୀ ମାନଙ୍କୁ Pension ଲାଗୁ ସମ୍ପର୍କରେ**

1568 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମସ୍ତ P.S.U. ସଂସ୍ଥା ମାନଙ୍କରେ E.P.F ଭୋଗୀ କର୍ମଚାରୀ ୧୦ ବର୍ଷ ଏବଂ ଏହାଠାରୁ ଅଧିକ ବର୍ଷ କାର୍ଯ୍ୟ କରି ଅବସର ନେବା ପରେ ବିନା Pension ରେ ପରିଣତ ବୟସରେ କିପରି ଚଳିବେ ସେଥିପ୍ରତି ଦୃଷ୍ଟିକୁ ନେଇ ସମସ୍ତଙ୍କ ପାଇଁ ପେନସନ ର ବ୍ୟବସ୍ଥା କରିବାକୁ ସରକାର କାର୍ଯ୍ୟକାରୀ କରିବା ପାଇଁ ସୁବ୍ୟବସ୍ଥା କରିବେ କି ?

----

**Staggering mining revenue loss**

1637 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- As per the data of CAG Report 2024 (Sept.2024) on Systems and Controls in Assessment and Collection of Revenue from Major Minerals (2015-2022), Between 2015 and 2022, Odisha incurred a staggering mining revenue loss of Rs.22, 392 crore due to systemic failures in the previous government's oversight-including

mining leaseholders undervaluing ore grades, misreporting quality and mining in excess of approved plans without adequate controls; Of this, Rs.10,294 crore was lost due to deliberate misclassification of crushed fines as screened fines to evade higher royalty; Since the current government took office, what corrective mechanisms have been implemented in forest clearance procedures to prevent similar circumvention and how are independent verification protocols being strengthened to ensure transparent compliance with mining plan stipulations before forest land diversion approvals are granted?

----

**Plan approval power transferred to BMC**

1638 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Bhubaneswar Development Authority (BDA) approved around 2,858 building plans and plotting schemes between 2015 and 2023 within BMC jurisdiction, even though plan approval powers had already been transferred to BMC under the 74th Constitutional Amendment framework and State orders; and if so, will the government state; (a) Whether the H&UD Department recognizes these 2,858 approvals as legally valid; and if any legal opinion has been obtained on who is the competent sanctioning authority inside municipal limits; (b) How the rights and safety of homebuyers in such projects will be protected-especially if future litigation questions the validity of approvals granted by an agency (BDA) which, by law, may not have had jurisdiction and what structural reform the Government proposes so that BDA's regional planning role and BMC's municipal planning role are clearly delimited and Bhubaneswar does not continue with this 'dual and confused' planning regime?

----

**Provide to drinking water to every village**

1639 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The government has commendably set an ambitious target to provide drinking water to every village by 2026 through the 'Vikshit Gaon, Vikshit Odisha' programme, allocating Rs.10,000 crore for rural infrastructure, a stark contrast to the previous government's delays in 54 mega projects where contractors from outside

Odisha siphoned funds, completing only pipe-laying while neglecting intake wells and purification systems; In Satyabadi Constituency, how many of these mega piped water supply projects have been revived and fast-tracked present government assumed power in June 2024; What is their current completion status and when do they align with the 2026 deadline; What blacklisting actions have been taken against errant contractors from the previous government to ensure accountability and prevent recurrence?

----

## ଗଛ ଲଗାଇବାରେ ଜାଲିଆତି

**1640 ଶ୍ରୀ ମାଧବ ଧଡା (ସୋରୋ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋରୋ ନିର୍ବାଚନ ମଣ୍ଡଳୀରେ କେତେ ଗଛ ଲଗାଯାଇଅଛି, କେଉଁ କେଉଁ ଅନୁଷ୍ଠାନକୁ କେଉଁ କେଉଁ ସଂସ୍ଥାମାନଙ୍କୁ କେତେ ଲେଖାଏଁ ଗଛ ଲଗାଇବା ପାଇଁ ଦାୟିତ୍ୱ ଦିଆଯାଇଥିଲା ଓ ଗୋଟେ ଗଛ ପିଛା କେତେ ଟଙ୍କା ଖର୍ଚ୍ଚ କରାଯାଇଥିଲା, ସମୁଦାୟ କେତେ ଟଙ୍କା କେଉଁ କେଉଁ ଗଛ ଲଗାଇବା ପାଇଁ ଖର୍ଚ୍ଚ ହୋଇଛି ଓ କେତୋଟି Tree guard (ଗଛକୁ ସୁରକ୍ଷା ଦେବା ପାଇଁ) ତାର ଜାଲି ଦିଆଯାଇଛି କି, କେଉଁ କେଉଁ ସ୍ଥାନରେ କେତେ ଲେଖାଏଁ ଗଛ ଲଗାଯାଇଛି ଓ ଆଜ ଦିନ ସୁଦ୍ଧା କେତେ ଗଛ ବଞ୍ଚିଛି, ଗଛ ଲାଗିଥିବା ସ୍ଥାନର ନାମ ସହିତ ଗ୍ରାମପଞ୍ଚାୟତ ୱାରୀ ତାଲିକା ପ୍ରଦାନ କରିବେ କି ?

----

## PMGSY ଯୋଜନାରେ ନିମ୍ନମାନର ରାସ୍ତା ନିର୍ମାଣ

**1641 ଶ୍ରୀ ମାଧବ ଧଡା (ସୋରୋ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁରୁଡ଼ା ଠାରୁ ଗୁଡ଼ PMGSY III ଯୋଜନାରେ କାର୍ଯ୍ୟ କରି ହୋଇଥିବା ରାସ୍ତା ଅତି ନିମ୍ନମାନର ହୋଇଥିବା ଅଭିଯୋଗ ଜନସାଧାରଣ ବାରମ୍ବାର ବିଭାଗ ନିକଟରେ ଅଭିଯୋଗ କରିଥିବା ବିଷୟ ଉପରେ ବିଭାଗ କଣ ପଦକ୍ଷେପ ଗ୍ରହଣ କରିଅଛି?

----

## ନିର୍ମାଣ ଶ୍ରମିକଙ୍କୁ ସହାୟତା ବାଟମାରଣା

**1642 ଶ୍ରୀ ମାଧବ ଧଡା (ସୋରୋ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ମାନଙ୍କର ସହାୟତା ପ୍ରଦାନ ପାଇଁ ମଧ୍ୟସ୍ଥି ଦ୍ୱାରା ସହାୟତା ଟଙ୍କା ବାଟମାରଣା ହେଉଥିବା ଖବର ବିଭାଗ ନଜରରେ ଅଛି କି କିମ୍ବା ମଧ୍ୟସ୍ଥିଙ୍କୁ କାର୍ଯ୍ୟାଳୟରୁ ବିଦା ପାଇଁ ବିଭାଗ କଣ ପଦକ୍ଷେପ ଗ୍ରହଣ କରିଛନ୍ତି କି ଯଦି ହଁ, କରାଯାଇଛି ତଥ୍ୟ ପ୍ରଦାନ କରିବା ହେବେ କି, ଏହି ଘଟଣା ଉପରେ ବିଭାଗ ତରଫରୁ ହୋଇଥିବା ବିଭାଗୀୟ ତଦନ୍ତ ତଥ୍ୟ ପ୍ରଦାନ କରିବେ କି ; (ଖ) ସୋରୋ ଓ ବାହାନଗା ବ୍ଲକ ପାଇଁ ସମ୍ପୃକ୍ତ Labour Officer ଙ୍କୁ ସମ୍ପୃକ୍ତ ବ୍ଲକ ରେ କ୍ୟାମ୍ପ ଅଫିସ ଚାଲୁ କରିବା ପାଇଁ ବିଭାଗ ନିର୍ଦ୍ଦେଶାନାମା ଜାରି କରିବା ସହିତ ପ୍ରକୃତରେ ଶ୍ରମିକକୁ ଚିହ୍ନଟ କରି card ପ୍ରଦାନ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯିବ ?

----

## ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ

1643 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ କେଉଁ କେଉଁ ସ୍ଥାନକୁ ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ କରାଯାଇ ତାହାର ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି ; କେତୋଟି ନିର୍ମାଣାଧିନ ଅଛି ଓ କେତୋଟି ପ୍ରସ୍ତାବାଧିନ ଅଛି ପ୍ରକାଶ କରି କଟକ ଜିଲ୍ଲାର ପରିବେଶ ପର୍ଯ୍ୟଟନ ପ୍ରକଳ୍ପଗୁଡିକ ପୂର୍ଣ୍ଣାଙ୍ଗ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ

1644 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ବ୍ଲକରେ କେତେଗୋଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି, କେତୋଟି ନିର୍ମାଣାଧିନ ଅଛି, ଏହି ପ୍ରକଳ୍ପ ଗୁଡ଼ିକ ପୂର୍ଣ୍ଣାଙ୍ଗ କରି ଚଳିତ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ନୂତନ ସହରୀ ଯୋଜନା

1645 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନବଗଠିତ ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ଏକ ନୂତନ ସହରୀ ଯୋଜନା ପ୍ରଣୟନ ପାଇଁ ବ୍ୟବସ୍ଥା କରି ଏକ ସୁସ୍ଥ ପୂର୍ଣ୍ଣାଙ୍ଗ ସାଲେପୁର ସହର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଗାଁର ପୁନଃବସତି ଜାଗାକୁ ରାସ୍ତା ନିର୍ମାଣ

1646 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଟାଇଁସର ଧଉରା ଗୋଠ ଠାରେ ଅସନବାହାଡ ଓ ଟୁଲୁକା ଗାଁର ପୁନଃବସତି ଜାଗାକୁ ପକ୍କା ରାସ୍ତା ଏପର୍ଯ୍ୟନ୍ତ ହୋଇନାହିଁ, ଏହି ପକ୍କା ରାସ୍ତା କେବେ ସୁଦ୍ଧା ସରକାର ତିଆରି କରିବେ ?

----

**Metro ପ୍ରକଳ୍ପ ବନ୍ଦ**

1647 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ ଚାଲିଥିବା Metro Railway ର କାମକୁ କେଉଁ କାରଣରୁ ବନ୍ଦ କରିଦିଆଗଲା, ଅଦ୍ୟାବଧି ଏହି ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କେଉଁ କେଉଁ ବାବଦରେ ଖର୍ଚ୍ଚ ହୋଇଛି, ଆଗାମୀ ଦିନରେ ଏହି ଖର୍ଚ୍ଚ ସରକାରଙ୍କର କିଛି କାର୍ଯ୍ୟରେ ଆସିବ ନା ନାହିଁ ସବିଶେଷ ତଥ୍ୟ ଦେବେ କି ?

----

**ଆଠମଲ୍ଲିକ ପଞ୍ଚାୟତ ସମିତିରେ ହୋଇଥିବା କାର୍ଯ୍ୟ**

1648 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆଠମଲ୍ଲିକ ପଞ୍ଚାୟତ ସମିତିର ନିମ୍ନ ଲିଖିତ କାର୍ଯ୍ୟ ଗୁଡିକର Work file ଯେଉଁଥିରେ କାର୍ଯ୍ୟାଦେଶ, Estimate, Payment received by J.E. payment made to work under for material and payment to labourer with detail measurement ପ୍ରଦାନ କରିବେ କି, Construction of Farm pond Mirttamu Sahoo at Phanipal, village work code.2421006003, 24-25, construction of Farm pond at Jagabandu Pradhan at Phanipal work code.2421006003, 24-25 construction of Farm pond of Ranjan Sahoo at Phanipal work code. 24-25, construction of Farm pond at Janmejaya Sahoo at Phanipal work code. 2421006003, 24-25 ?

----

**Environmental compliance of Industrial project in Sambalpur**

1649 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Whether the Government has verified that all mandatory statutory and environmental clearances including those under the Industries, Environment (Protection) Act, Forest (Conservation) Act, and other relevant laws - were obtained prior to the inauguration and commencement of operations of the Aditya Birla Group-run projects (Hindalco Industries and Aditya Aluminium) in Sambalpur; and if so, the details of such approvals, the dates they were granted, and the specific monitoring or compliance reports submitted by the

project proponents; if not, what action the Government proposes to take against the project authorities and the concerned officials for any procedural lapses; and What mechanisms are being put in place to ensure that no industrial project is inaugurated or made operational without full legal and environmental compliance in the future?

----

### Contractual women workers' grievances listed

1650 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many of the labour disputes and contractual women workers' grievances listed have been resolved district-wise, how many remain pending beyond three months, and the reasons for such pendency despite inspections and awareness programmes claimed by the Department?

----

### Enforcement action initiated building violation

1651 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That enforcement action has been initiated in only 35 cases out of 636 building approvals granted in the last five years, will the clarify how many of these 35 cases have resulted in demolition, sealing, penalty recovery or restoration of public land and how many cases remain pending as on date along with reasons for such pendency ?

----

### ପଞ୍ଜିକରଣ କରିଥିବା ଶ୍ରମିକ

1652 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- "ରେଙ୍ଗାଲିର ଆଦିତ୍ୟ ଆଲୁମିନିୟମ୍" ଭଳି ବିଶାଳ କାରଖାନାରେ ବାର୍ଷିକ ୩.୮୦ ଲକ୍ଷ ଟନ୍ ଉତ୍ପାଦନ କ୍ଷମତା ରହିଛି, ଏତେ ବଡ଼ ବିପଜ୍ଜନକ କାରଖାନାରେ ଶ୍ରମିକଙ୍କ ସୁରକ୍ଷା ପାଇଁ କେଉଁ ଅତ୍ୟାଧୁନିକ ବ୍ୟବସ୍ଥା ଅଛି, ଗତ ବର୍ଷକ ମଧ୍ୟରେ ରେଙ୍ଗାଲି ଅଞ୍ଚଳରେ ଘଟିଥିବା ଶିଳ୍ପ ଦୁର୍ଘଟଣା ଏବଂ ସେଥିରେ 'ନୋଟିଫାଏବଲ୍ ଡିଜିଜ୍' (ଶିଳ୍ପ ଜନିତ ରୋଗ)ରେ ଆକ୍ରାନ୍ତ ଶ୍ରମିକଙ୍କ ସଂଖ୍ୟା ଅନେକ ସମୟରେ କାରଖାନା କର୍ତ୍ତୃପକ୍ଷ ଦୁର୍ଘଟଣାକୁ ଗୋପନୀୟ ରଖୁଛନ୍ତି, ପରିଶ୍ରମ ପୋର୍ଟାଲ୍ (PARESHRAM PORTAL) ରେ କେତେଜଣ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ହୋଇଛି ଏବଂ ସେମାନଙ୍କ ସୁରକ୍ଷା ଅଡିଟ୍ କେବେ ହୋଇଥିଲା ?

----

## ଶିଳ୍ପସଂସ୍ଥାରେ ସ୍ଥାନୀୟ ନିଯୁକ୍ତି

1653 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- "ଶିଳ୍ପ ନୀତି ସଂକଳ୍ପ (IPR 2022) ଅନୁଯାୟୀ ଶିଳ୍ପଗୁଡ଼ିକରେ ଶତକଡା ୮୦ ଭାଗ ନିଯୁକ୍ତି ସ୍ଥାନୀୟ ଲୋକଙ୍କୁ ଦେବା ବାଧ୍ୟତାମୂଳକ, ସମ୍ବଲପୁରର ହିଣ୍ଡାଲକୋ (Hindalco) ଏବଂ ଏହାର ଅନୁବନ୍ଧିତ କମ୍ପାନୀଗୁଡ଼ିକରେ ହୋଇଥିବା ପ୍ରାୟ ୧୫,୦୦୦ ନୂତନ ନିଯୁକ୍ତି ମଧ୍ୟରୁ କେତେଜଣ ସମ୍ବଲପୁର ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟ (District Employment Exchange) ମାଧ୍ୟମରେ ନିଯୁକ୍ତି ପାଇଛନ୍ତି ଏବଂ କେତେଜଣ ବାହାର ରାଜ୍ୟରୁ ଆସିଛନ୍ତି, ତାର ତଥ୍ୟ ସରକାର ଦେବେ କି, " ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୪-୨୫ ଅନୁଯାୟୀ ରାଜ୍ୟର ବିକାଶ ହେଉଛି କିନ୍ତୁ ରେଙ୍ଗାଲିର ଲପଙ୍ଗା ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବକମାନେ ନିଯୁକ୍ତି ପାଇଁ ଆନ୍ଦୋଳନ କରୁଥିବା ବେଳେ ବେସରକାରୀ କମ୍ପାନୀଗୁଡ଼ିକ କେଉଁ ଆଧାରରେ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି ?"

----

## ଅନୁମୋଦିତ ଅର୍ଥ ଖର୍ଚ୍ଚ ହେବା

1654 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) 2024 2025 ଓ 2025 2026 ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲ୍ଲାର କେଉଁ ବ୍ଲକକୁ କେତେ ଟଙ୍କାର ବିଭାଗୀୟ ଅନୁଦାନ ଆସିଛି ଏବଂ ସେଥିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି କେତେ ଟଙ୍କାର ବିନିଯୋଗ ପ୍ରମାଣପତ୍ର ପଠାଯାଇଛି ଏହାର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେକି, (ଖ) ଏହି ଦୁଇ ବର୍ଷରେ Grant-in-Aid ପ୍ରକଳ୍ପରେ ବାଲେଶ୍ୱର ଜିଲ୍ଲାର 12 ଟି ବ୍ଲକ ମଧ୍ୟରୁ କେତୋଟି ବ୍ଲକରେ ଅନୁମୋଦିତ ଅର୍ଥ ଖର୍ଚ୍ଚ ହୋଇଛି ଏବଂ କେତୋଟି ବ୍ଲକରେ କାହିଁକି ଖର୍ଚ୍ଚ ହୋଇନାହିଁ ଜଣାଇବେକି ?

----

## ଚନ୍ଦନେଶ୍ୱର NAC ଲାଗି ପଞ୍ଚାୟତ ଅନ୍ତର୍ଭୁକ୍ତ

1655 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରସ୍ତାବିତ ଚନ୍ଦନେଶ୍ୱର NAC ଲାଗି ଯେଉଁ ପଞ୍ଚାୟତ ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା, ସେଥିରୁ ସାହାକାଜିପୁର ଓ ବାଜିତପୁର ପଞ୍ଚାୟତକୁ ସମ୍ପୂର୍ଣ୍ଣଭାବେ ନିଆନଯାଇ ଆଂଶିକଭାବେ ନେବାର କାରଣ କଣ; କେଉଁ ଆଧାରରେ ସହରାଞ୍ଚଳ ସୁବିଧା ଥିବା ଏବଂ ଉଦୟପୁର ବେଳାଭୂମିରେ ଥିବା ପର୍ଯ୍ୟଟନସ୍ଥଳୀକୁ ପ୍ରସ୍ତାବିତ ଅଞ୍ଚଳରୁ ବାଦ ଦିଆଯାଇଛି, ଏହାଦ୍ୱାରା ସୃଷ୍ଟି ହୋଇଥିବା ଅସଙ୍ଗତି ଓ ଅସନ୍ତୋଷକୁ ଆଖିରେ ରଖି ଏହି ଦୁଇ ପଞ୍ଚାୟତର ସବୁତକ ଗାଁକୁ NACରେ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେବେ କି?

----

## ପାନୀୟଜଳ ଯୋଗାଣ ପାଇଁ ଅନୁଦାନ ପ୍ରଦାନ

1656 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪ -୨୫ ଆର୍ଥିକ ବର୍ଷରେ ଭୋଗରାଇ ନିର୍ବାଚନ ମଣ୍ଡଳୀ ଭୋଗରାଇରେ ପାନୀୟ ଜଳ ଯୋଗାଇ ପାଇଁ କେତେ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି ଏବଂ ସେଥିରୁ କେତେଟଙ୍କା କେଉଁ ପ୍ରକଳ୍ପରେ ଖର୍ଚ୍ଚ ହୋଇଛି, ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ; (ଖ) ୨୦୨୧- ୨୨, ୨୦୨୨ -୨୩ , ୨୦୨୩ -୨୪ ଏହି ତିନି ଆର୍ଥିକ ବର୍ଷରେ ପୂର୍ବ ସରକାର ଭୋଗରାଇ ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳଯୋଗାଣ ପାଇଁ କେତେ ଟଙ୍କା ଖର୍ଚ୍ଚ କରି କେଉଁ କେଉଁ ପ୍ରକଳ୍ପ କରିଥିଲେ ?

----

### ଆମ ବସ ଚଳାଚଳର ଆୟ ଓ ବ୍ୟୟ

1657 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସହରାଞ୍ଚଳରେ ଚଳାଚଳ କରୁଥିବା ଆମ ବସ ପାଇଁ ସରକାର ବର୍ତ୍ତମାନ ସୁଦ୍ଧା କେତେ ପରିମାଣର ଅର୍ଥ କେଉଁ ବାବଦରେ ଯୋଗାଇ ଦେଇଛନ୍ତି ଏହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବା ସହିତ ଆମ ବସ ଚଳାଚଳ କରିବାଠାରୁ ଆଜି ପାର୍ଯ୍ୟନ୍ତ ପ୍ରତିବର୍ଷର ଆୟ ଓ ବ୍ୟୟ ଉଲ୍ଲେଖ କରିବେ କି ?

----

### ପଞ୍ଜିକୃତ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ

1658 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେତେ ସଂଖ୍ୟକ ନିର୍ମାଣ ଶ୍ରମିକ ସରକାରଙ୍କ ନିକଟରେ ନିଜକୁ ପଞ୍ଜିକୃତ କରିଛନ୍ତି ଏହାର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ ବର୍ତ୍ତମାନ ସୁଦ୍ଧା ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ କେଉଁ କେଉଁ ପ୍ରକାର ସହାୟତା ପ୍ରଦାନ କରାଯାଇଛି ଓ ଏ ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ?

----

### Penalty on Violations by allottes of BDA Housing Project

1659 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a)Will the Government to impose Penalty on Violations by allottes of BDA Housing Project at Jarjarsing Mauze, Khordha for their convinience and provide on apportunity to regularize the constructions under "Sarvakhyama Yojana" without demolition ; (b) Is it a fact that, the process of Natural Justice has not been adopted and violators have not been heard by B.D.O. , serving proper procedure of notice and hearing and is planning to demolish illegal constructions ?

----

## ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ଯୋଗ୍ୟ ହିତାଧିକାରୀ

1660 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାଟକୁରା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ବ୍ଲକ ଗୁଡ଼ିକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ପାଇଁ କେତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇ ଅଛନ୍ତି ଓ ବିଗତ ଦୁଇବର୍ଷରେ କେତେ ଜଣଙ୍କୁ ଆବାସ ଯୋଜନାରେ ଘର ଦିଆଯାଇଅଛି ଓ କେତେଜଣ ଏ ପର୍ଯ୍ୟନ୍ତ ପାଇନାହାନ୍ତି ତାହାର ପଞ୍ଚାୟତୱାରୀ ସବିଶେଷ ତଥ୍ୟ ସରକାର ପ୍ରଦାନ କରିବେ କି ?

----

## Status of mega pipe water supply

1661 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government inform about the status of mega pipe water supply projects in Balangir, number of villages covered and completion timeline, given the recurring water shortages in Balangir, will the Government state the urgent steps taken to ensure safe and continuous drinking water supply, including improvement of pipelines, connectivity, and water quality testing & will the Government update on the measures taken to integrate drinking water supply with the Upper Lanth irrigation project and how this integration will benefit domestic water supply and agriculture in Balangir, in view of the directive to expedite water supply projects in Balangir, will the Government provide details of the monitoring mechanisms in place, measures for contractor accountability and steps taken to ensure timely completion of drinking water works?

----

## Improve the housing & urban infrastructure in Balangir

1662 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 1. Will the Government inform about the measures taken to improve housing and urban infrastructure in Balangir district, including the construction of new affordable housing units under PMAY-U 2.0, the role of Odisha State Housing Board and the establishment of new municipal or Notified Area Councils such as Loisinga; & 2. What progress has been achieved so far in ensuring adequate housing and urban amenities for residents ?

----

## କଟକ ସହର ବନଖଣ୍ଡ ଦ୍ୱାରା ପ୍ରକଳ୍ପ କାର୍ଯ୍ୟ

1663 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସହର ବନଖଣ୍ଡରେ ବିଗତ ତିନି ବର୍ଷରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରାଯାଇଛି ତାହାର ବିବରଣୀ ଦର୍ଶାଇ ଅଧିକ ବନୀକରଣ ପୂର୍ବକ କଟକ ସହରର ପରିବେଶ ସୁରକ୍ଷା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## SEM ମାନଙ୍କ ପାରିଶ୍ରମିକ ବୃଦ୍ଧି

1664 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- SEM ମାନଙ୍କର ଆଜିର ବଜାର ଦରକୁ ଦୃଷ୍ଟିରେ ରଖି ପାରିଶ୍ରମିକ ବୃଦ୍ଧି ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିଭିନ୍ନ ସଂସ୍ଥା ଦ୍ୱାରା Mega Water Supply କାର୍ଯ୍ୟ

1665 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Mega Water Supply କେଉଁ ସଂସ୍ଥା କେଉଁ ବ୍ଲକରେ କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ମିଳିଛି ଓ ସେମାନେ କେତେ କାର୍ଯ୍ୟ ବର୍ତ୍ତମାନସୁଦ୍ଧା କରି କେତେ ଟଙ୍କା ଖର୍ଚ୍ଚ କରାଯାଇଅଛି ତାହାର ତାଲିକା ସଂସ୍ଥାୱାରୀ ବ୍ଲକୱାରୀ ପ୍ରଦାନ କରିବେ କି ?

----

## ନୂତନଭାବେ ଜଙ୍ଗଲ ସୃଷ୍ଟି

1666 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଙ୍ଗଲ ପରିବେଶ ବିଭାଗରେ ରାଜ୍ୟରେ କି କି ଯୋଜନା କାର୍ଯ୍ୟ କରାଯାଉଅଛି ତାହାର ତାଲିକା ଯୋଜନାୱାରୀ ପ୍ରଦାନ କରିବେ କି; କେତେ ଜଙ୍ଗଲ ୨୦୨୦-୨୧ଠାରୁ ୨୦୨୫-୨୬ ମଧ୍ୟରେ ନଷ୍ଟ ହୋଇଅଛି ଓ କେତେ ଜଙ୍ଗଲ ନୂତନଭାବରେ ସୃଷ୍ଟି କରାଯାଇଅଛି ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଅଛି ତାହାର ତାଲିକା ପ୍ରଦାନ କରିବେ କି ?

----

## ଗ୍ରାମ୍ୟ ଉନ୍ନୟନ ବିଭାଗଦ୍ୱାରା ନୂତନ ବ୍ରିଜ୍ ଓ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ

1667 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗ୍ରାମ୍ୟ ଉନ୍ନୟନ ବିଭାଗଦ୍ୱାରା କେଉଁ ରାସ୍ତା ଓ ବ୍ରିଜ୍ କରିବା ପାଇଁ ପ୍ରସ୍ତାବ ରହିଅଛି ତାହାର ତାଲିକା ବ୍ଲକୱାରୀ ଦେବା ସହ କେବେଠାରୁ ଆରମ୍ଭ 2024-25 ଓ 2025-26 ବର୍ଷର କାର୍ଯ୍ୟ କରାଯିବ ?

----

## କାର୍ଯ୍ୟକ୍ଷମ ଥିବା Mega Water Supply Project

1668 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ସ୍ଥାପିତ ହେଉଥିବା Mega Water Supply Project କେବେସୁଦ୍ଧା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା ଏବଂ ସଠିକ୍ ଭାବେ କେବେ କାର୍ଯ୍ୟକ୍ଷମ ହୋଇ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭାଗ ତରଫରୁ ସମୟ ଧାର୍ଯ୍ୟ ହୋଛି, ବିଳମ୍ବ ହେବାର କାରଣ କଣ ?

----

## DLEC ଦ୍ୱାରା ରାସ୍ତା ମଞ୍ଜୁର

1669 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରା DLEC କମିଟିରେ ମଞ୍ଜୁର ହୋଇଥିବା RD ରାସ୍ତା ଗୁଡିକ ମଧ୍ୟରୁ ଚଳିତ ବର୍ଷ ସିମୁଳିଆ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ରାସ୍ତାକୁ ଅଗ୍ରାଧିକାର ଦିଆଯାଇଛି, ତାହାର ଏକ ପୂର୍ଣ୍ଣାଙ୍ଗ ତାଲିକା ଦେବା ସହ ଉକ୍ତ ରାସ୍ତା ଗୁଡିକୁ କେବେସୁଦ୍ଧା tender ପ୍ରକ୍ରିୟା ଆରମ୍ଭ କରିବେ ?

----

## ଖାଲିଥିବା SDO ଓ JE ପଦବୀ ପୂରଣ

1670 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ନିର୍ବାଚନ ମଣ୍ଡଳୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ SDO, JE ଙ୍କ ପଦବୀ ସଂଖ୍ୟା କେତେ ଏବଂ ଅଦ୍ୟାବଧି ଉକ୍ତ ସ୍ଥାନମାନଙ୍କରେ କେତେ ଜଣ କାର୍ଯ୍ୟରତ ଅଛନ୍ତି ତାହାର ତାଲିକା ପ୍ରଦାନ କରିବା ସହିତ ଏଠାରେ JE ମାନଙ୍କର ଅଭାବ ରହିଥିବା, ସେଥିପାଇଁ ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସରକାର ଜାଣନ୍ତି କି, ତେବେ ଉକ୍ତ ଖାଲିଥିବା ପଦବୀଗୁଡିକ ପୁରଣ କରିବା ପାଇଁ ସରକାର କି ପ୍ରକାର ନିଷ୍ପତ୍ତି ନେଇଛନ୍ତି ?

----

## ବୁଲା କୁକୁର ଓ ଗୋରୁ ଗାଇ ଦ୍ୱାରା ସମସ୍ୟା

1671 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସହରାଞ୍ଚଳ ରାସ୍ତାରେ ବୁଲା କୁକୁର, ଗାଇ ଗୋରୁ ଓ ଅନ୍ୟାନ୍ୟ ପଶୁ ବୁଲିବା ସମସ୍ୟା ରହୁଛି କି ଓ ତଦ୍ଦ୍ୱାରା ସାଧାରଣ ଲୋକେ କ୍ଷତିଗ୍ରସ୍ତ ହେବା ସାଙ୍ଗକୁ ଯାନବାହାନ ଦୁର୍ଘଟଣା ଘଟୁଛି କି ଏବଂ ଉତ୍ତର ହଁ ହୋଇଥିଲେ, ଏହି ସମସ୍ୟାର ବିଶଦ୍ ବିବରଣୀ ଦେଇ ସରକାର ଏହାର ପ୍ରତିକାର ଲାଗି କି ପଦକ୍ଷେପ ନେଉଛନ୍ତି ?

----

## ଜଳବାୟୁ ପରିବର୍ତ୍ତନର ପ୍ରଭାବ

1672 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳବାୟୁ ପରିବର୍ତ୍ତନର କୌଣସି ପ୍ରଭାବ ରାଜ୍ୟରେ ଗତ ବର୍ଷା ଋତୁରେ ଓ ଶୀତ ଋତୁରେ ଅନୁଭୂତ ହୋଇଛି କି ଓ ଉତ୍ତର ହଁ ହୋଇଥିଲେ, ତାହା କଣ ଏବଂ ପୂର୍ବଠାରୁ ଏହା କେତେ ଦୂର ଭିନ୍ନ ଏବଂ ଏଥିଯୋଗୁଁ ଆଗାମୀ ଦିନରେ କୌଣସି କ୍ଷତି ଆଶଙ୍କା କରାଯାଉଛି କି, ଉତ୍ତର ହଁ ହୋଇଥିଲେ ତା ପ୍ରତିକାର ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ପଞ୍ଚାୟତ ସଂସ୍ଥାକୁ କ୍ଷମତା ଓ ଦାୟୀତ୍ୱ

1673 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 73 ତମ ସମ୍ବିଧାନ ସଂଶୋଧନ ଅନୁସାରେ ପଞ୍ଚାୟତ ଅନୁଷ୍ଠାନଗୁଡିକୁ କେଉଁସବୁ କ୍ଷମତା ଓ ଦାୟୀତ୍ୱ ଦିଆଯିବା କଥା ସେସବୁ ଓଡିଶାର ପଞ୍ଚାୟତ ସଂସ୍ଥାଗୁଡିକୁ ଦିଆଯାଇଛି ଓ ଯଦି ତାହା ଦିଆଯାଇନାହିଁ ତେବେ କେଉଁ କ୍ଷମତା ଓ ଦାୟିତ୍ୱଗୁଡିକ ରାଜ୍ୟରେ ପଞ୍ଚାୟତ ଅନୁଷ୍ଠାନଗୁଡିକୁ ଦିଆଯିବା ବାକି ଅଛି ଏବଂ ସେସବୁକୁ କେବେ ହସ୍ତାନ୍ତର କରାଯିବ?

----

## ଜଳଯୋଗାଣ ପ୍ରକଳ୍ପର ମଟର ଚାଳକ ସମସ୍ୟା ସମାଧାନ

1674 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୋଟି କୋଟି ଟଙ୍କା ବିନିଯୋଗରେ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଦୃଷ୍ଟିରୁ ଏହାର ନିୟମିତ ପରିଚାଳନା ପାଇଁ ମଟର ଚାଳକ ସର୍ଭେ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ ପାଇଁ ସରକାର କଣ ସବୁ ପଦକ୍ଷେପ ମାନ ଗ୍ରହଣ କରୁଛନ୍ତି?

----

## ଜଙ୍ଗଲ ବୃଦ୍ଧି କରିବା ପାଇଁ ପଦକ୍ଷେପ

1675 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ବୃଦ୍ଧି କରିବା ପାଇଁ କି କି ବ୍ୟବସ୍ଥା ଗ୍ରହଣ କରାଯାଇଛି, (ଖ) ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଜନିତ କେଉଁ କେଉଁ ନୂଆ ବିପଦ ବା ବିପର୍ଯ୍ୟୟ ସୃଷ୍ଟି ହୋଇଥିବା ଅଦ୍ୟାବଧି ସମ୍ନାକୁ ଆସିଅଛି ଏବଂ ଆଗାମୀ ଦିନରେ କେଉଁ କେଉଁ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିପାରେ ବୋଲି ଆକଳନ କରାଯାଉଛି, ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ତର ସଙ୍କଟର ମୁକାବିଲା ଓ ପରିଚାଳନା ପାଇଁ ଚଳିତ ବର୍ଷ ସହ ଗତ ତିନି ବର୍ଷରେ ଏବାବଦକୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ?

----

### କାର୍ଯ୍ୟରତ Mega Water Supply କାର୍ଯ୍ୟ ଶେଷ କରିବା

1676 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତଜୟପାଟଣା ବ୍ଲକ ଓ ଧୁଆମୂଳ ରାମପୁର ବ୍ଲକରେ Mega Water Supply ଯୋଜନା କେବେ ସୁଦ୍ଧା କାର୍ଯ୍ୟ ଶେଷ ହୋଇ ଜନସାଧାରଣଙ୍କ ପାନୀୟ ଜଳ ଯୋଗାଣ ହୋଇପାରିବ, ଉକ୍ତ ଦୁଇଟିର କାର୍ଯ୍ୟ ଏଶଷ କରିବା ପାଇଁ ଠିକା ସଂସ୍ଥାକୁ କେବେ ସୁଦ୍ଧା ଶେଷ କରିବା ପାଇଁ ଚୁକ୍ତି ହୋଇଥିଲା, ଯଦି ନିର୍ଦ୍ଧାରିତ ସମୟସୀମା ଶଏଷ ହୋଇଛି, ତେବେ କେଉଁ ସର୍ତ୍ତରେ Extension of Time ଦେବାର ପ୍ରାବଧାନ କରିଛନ୍ତି ?

----

### ଉଦଳା NAC ରେ ମଡେଲ ବସଷ୍ଟାଣ୍ଡ ନିର୍ମାଣ

1677 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଉଦଳା NAC (ବିଜ୍ଞାପିତ ଅଞ୍ଚଳ ପରିଷଦ) ରେ ଏକ ନୂତନ ମଡେଲ ବସଷ୍ଟାଣ୍ଡ ନିର୍ମାଣ ପାଇଁ କେତେ ଅ୍ରର୍ଥ ବ୍ୟୟ ବରାଦ କରିଛନ୍ତି, କପ୍ତିପଦା ନୂତନ NAC ର ଭିତ୍ତିପ୍ରସ୍ତର Infrastructure ସ୍ଥାପନ ପାଇଁ କେତେ ଅର୍ଥ ବିନିଯୋଗ କରୁଛନ୍ତି ?

----

### Mega ପାନୀୟ ଜଳ ପ୍ରକଳ୍ପ ପାଇଁ ଅର୍ଥ ବରାଦ

1678 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କେତେ ଅର୍ଥ ବିନିଯୋଗ କରାଯାଇଛି, ଉଦଳା ବ୍ଲକ, କପ୍ତିପଦା ବ୍ଲକ ଓ ଗୋପବନ୍ଧୁ ନଗର ବ୍ଲକ ଗୁଡିକରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ କେତେ ଅର୍ଥ ବ୍ୟୟ ବରାଦ କରିଛନ୍ତି ତାର ସ୍ଥିତି କଣ ଅଛି ?

----

### ଲୁଣିଜଳକୁ ମଧୁର ଜଳରେ ପରିଣତ

1679 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରଚୁର ଜଳ ସମ୍ପଦ ଥିବାବେଳେ ତାର ଉଚିତ ବିନିଯୋଗ ପାଇଁ ଲୁଣି ଜଳରୁ ମଧୁର ଜଳରେ ପରିଣତ କରିବା ପାଇଁ ଏକ ମେଗା ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ବ୍ୟବସ୍ଥା ଅଛି କି, ଏବଂ ଭୂପୃଷ୍ଠଜଳର ସଂରକ୍ଷଣ ଓ ଝରଣା ଜଳର ସଂରକ୍ଷଣ ପାଇଁ ମୟୂରଭଞ୍ଜରେ ଏକ ଯୋଜନା କରିବେ କି, ଏବଂ ଉଦଳା ଉପଖଣ୍ଡରେ କୃଷକମାନଙ୍କୁ କେତୋଟି ସେଚକୂର ହସ୍ତାନ୍ତର କରାଯାଇଛି ?

----

### Works Sanctioned & Ongoing Under the Department

1680 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The details of all works sanctioned and ongoing under the Department in the Barabati-Cuttack constituency, ward-wise ; (b) the nature of each work, its cost, date of sanction, executing agency and present status, the funds released and expenditure incurred work-wise, the timeline fixed for completion of ongoing works and reasons for delay, if any; and whether any quality audit/ inspection has been conducted and the results thereof ?

----

### Withheld Amounts Released

1681 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) For how many days, on average and at maximum, payments for Departmental and MLA LAD works are being withheld due to audit or scrutiny ; (b) The prescribed time-limit for completion of such audit/scrutiny and whether it is being followed, whether payments are being released in all cases after rectification of objections, and the year-wise details since 2019-20 of withheld amounts released so far and the amounts still pending, with reasons ?

----

### Incomplete or Non-Functional Urban Water Supply

1682 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the Government has reviewed audit observations regarding incomplete or non-functional urban water supply projects in the Barabati-Cuttack constituency despite substantial expenditure under AMRUT and BASUDHA ; (b) whether prescribed service level benchmarks, including 135 LPCD, are being achieved

in the said constituency & the reasons for premature failure or poor performance of assets due to maintenance or operational gaps; and the accountability mechanism for contractors, consultants and urban local bodies, and the corrective steps being taken to ensure reliable water supply ?

----

## ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥ ବ୍ୟୟ

1683 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2024 ଜାନୁଆରୀରୁ ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ବିଭାଗ ପକ୍ଷରୁ କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ କାର୍ଯ୍ୟ କରାଯାଇଛି ଓ ଆଉ କେତେ ଅର୍ଥରେ କେଉଁ କେଉଁ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ ଓ କେଉଁ କେଉଁ କାର୍ଯ୍ୟ ଅଧା ପଡି ରହିଛି, ତାହା କାହିଁକି ପଡି ରହିଛି ଏହାର କାରଣ ଓ ପଞ୍ଚାୟତ ୱାରୀ ସମସ୍ତ ତାଲିକା ପ୍ରଦାନ କରିବେ କି ?

----

## ଅଧା ଅବସ୍ଥାର ପଡିରହିଥିବା କାର୍ଯ୍ୟ

1684 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ (2025-26) ବର୍ଷରେ ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ବିଭାଗ ପକ୍ଷରୁ କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ କାର୍ଯ୍ୟ କରାଯାଇଛି ଓ ଆଉ କେତେ ଅର୍ଥରେ କେଉଁ କେଉଁ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ ଓ କେଉଁ କେଉଁ କାର୍ଯ୍ୟ ଅଧା ପଡି ରହିଛି, ତାହା କାହିଁକି ପଡି ରହିଛି ଏହାର କାରଣ ଓ ପଞ୍ଚାୟତ ୱାରି ସମସ୍ତ ତାଲିକା ପ୍ରଦାନ କରିବେ କି ?

----

## ମେଗା ଇଣ୍ଡଷ୍ଟ୍ରିରେ ସ୍ଥାନୀୟ ନିଯୁକ୍ତି

1685 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଇସ୍ପାତ, ଖଣି ଓ ମେଗା ଇଣ୍ଡଷ୍ଟ୍ରିରେ ଅଣକୁଶଳୀ ଓ କୁଶଳୀ ଶ୍ରେଣୀରେ ସ୍ଥାନୀୟ ନିଯୁକ୍ତି ପ୍ରଦାନ ପାଇଁ ସରକାରଙ୍କର କୌଣସି ନିର୍ଦ୍ଦେଶନାମା ରହିଛି କି, ଯଦି ରହିଛି, ଗତ ୩ ବର୍ଷ ମଧ୍ୟରେ କେତୋଟି ଶିଳ୍ପ ସଂସ୍ଥା ଏହି ନିୟମକୁ ଶତ ପ୍ରତିଶତ ପାଳନ କରିଛନ୍ତି ଏବଂ ନିୟମ ଉଲଂଘନ କରୁଥିବା ସଂସ୍ଥା ଗୁଡ଼ିକ ବିରୋଧରେ ସରକାର କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, (କ) କମ୍ପାନୀ ଗୁଡ଼ିକ ସେମାନଙ୍କର ମୋଟ ନିଯୁକ୍ତି ସଂଖ୍ୟା ଏବଂ ସେଥିରେ ଓଡ଼ିଶାର ଯୁବକ ମାନଙ୍କ ଭାଗ କେତେ, ସେ ସମ୍ପର୍କିତ ତଥ୍ୟ ସାର୍ବଜନୀନ ବା ସରକାରଙ୍କୁ ନିୟମିତ ପ୍ରଦାନ କରୁଛନ୍ତି କି, ଏହାର ତଦାରଖ ପାଇଁ କୌଣସି 'ନିଯୁକ୍ତି ସର୍ବେକ୍ଷଣ କମିଟି' ଅଛି କି ?

----

## ବଡଚଣା ନିର୍ବାଚନ ମଣ୍ଡଳୀରେ ଅର୍ଥ ବ୍ୟୟ

1686 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆର୍ଥିକ ବର୍ଷ ୨୦୨୫-୨୬ରେ ବଡ଼ଚଣା ନିର୍ବାଚନ ମଣ୍ଡଳୀ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ ଯୋଜନାରେ କେତେ ଅର୍ଥ ବ୍ୟୟବରାଦ କରାଯାଇଛି, ଚଳିତ ମାସ(ଫେବୃଆରୀ) ୯ ସୁଦ୍ଧା ସେଥିମଧ୍ୟରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଓ କେତେ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇଛି ତାହର ତଥ୍ୟ ଯୋଜନା ଓ୍ୱାରୀ ପ୍ରଦାନ କରିବେ କି ?

----

## ପ୍ରସ୍ତାବିତ ପାନୀୟଜଳ ପ୍ରକଳ୍ପ ଅନୁମୋଦନ

1687 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ଅଦ୍ୟାବଧି କେତେ ଗ୍ରାମକୁ ଘରକୁ ଘର ପିଇବା ପାଣି ପହଁଞ୍ଚି ନାହିଁ ଏବଂ କେତେ ଗାଁର ୧୦୦% ଭାଗ ଘରକୁ ପାନୀୟ ଜଳ ବ୍ୟବସ୍ଥା ପହଁଞ୍ଚିଛି କହିବେ କି, ଏହି ମର୍ମରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ସ୍ଥିତାବସ୍ଥା କ'ଣ, ୨୦୨୭ ସୁଦ୍ଧା ଓଡିଶାରେ କେତେ ଗ୍ରାମର କେତେ ଘରକୁ ସମ୍ପୂର୍ଣ୍ଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେବ ଜିଲ୍ଲା/ ଗାଁ ୱାରି କହିବେ କି ; (ଖ) ଦୀର୍ଘ ଦିନରୁ ବିଭାଗକୁ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ପରିଖି ଗ୍ରାମ ପାଇଁ ପ୍ରସ୍ତାବିତ ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ ନହେବାର କାରଣ କଣ, କେବେ ସୁଦ୍ଧା ତାହା ଅନୁମୋଦନ ହେବ କହିବେ କି, ପରିଖି ସମେତ ଅନ୍ୟ କେଉଁ ପ୍ରକଳ୍ପ ପାଇଁ proposal ଆସିଛି ତାହାର ଅର୍ଥ ବ୍ୟୟ ବରାଦ ସହ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ସହରାଞ୍ଚଳରେ ଭୂମିହୀନ ପରିବାର ଚିହ୍ନଟ

1688 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ବିଗତ ଦୁଇ ବର୍ଷରେ ସହରାଞ୍ଚଳରେ କେତେ ଭୂମିହୀନ ପରିବାରକୁ ନଗର ଉନ୍ନୟନ ବିଭାଗ ଚିହ୍ନଟ କରିଛି, ବାଲେଶ୍ୱରରେ କେତେ, ରାଜସ୍ୱ ବିଭାଗ ପକ୍ଷରୁ ସହରରେ ଉକ୍ତ ଭୂମିହୀନ ମାନଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ବ୍ୟବସ୍ଥା ନଥିବାରୁ ଉକ୍ତ ଭୂମିହୀନଙ୍କୁ ସହରାଞ୍ଚଳରେ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ପାଇଁ ବିଭାଗ କିଛି ଯୋଜନା କାର୍ଯ୍ୟକାରୀ କରିବେ କି, ଯଦି ହଁ କେବେ, ଯଦି ପୂର୍ବରୁ ଯୋଜନା କାର୍ଯ୍ୟକାରୀ ହୋଇରହିଛି ତେବେ ବିଗତ ୨ବର୍ଷ ମଧ୍ୟରେ ବାଲେଶ୍ୱର ପୌରପାଳିକାର ଏଦିଗରେ କଣ ଉପଲବ୍ଧି ବିସ୍ତୃତ ଭାବେ କହିବେ କି ?

----

## ଓଡିଶାରେ ବାୟୁ ପ୍ରଦୂଷଣର ସ୍ଥିତି

1689 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ ବାୟୁ ପ୍ରଦୂଷଣର ସ୍ଥିତି କଣ ଏବଂ ଦେଶର ଅନ୍ୟ ରାଜ୍ୟ ସହ ଆମ ରାଜ୍ୟର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବେ କି, ଆମ ରାଜ୍ୟରେ ସହର ୱାରି ଏକ ଚାର୍ଟ ଦେବେ, ବାଲେଶ୍ୱର ସହର କିଛି ମାସ ପୂର୍ବରୁ ସର୍ବାଧିକ ପ୍ରଦୂଷିତ ସହର ବୋଲି ଯେଉଁ ସମ୍ବାଦ ହୋଇଥିଲା ତାହା ସତ୍ୟ କି, ଯଦି ହଁ ତେବେ ଏହାର ନିରାକରଣ ପାଇଁ ସରକାର କଣ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ବାଲେଶ୍ୱର ସହର ପାଇଁ କରିବେ ଅର୍ଥ ବ୍ୟୟ ବରାଦ ସହ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ପଞ୍ଚାୟତ ଓ ବ୍ଲକ ପୁର୍ନଗଠନ

1690 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପଞ୍ଚାୟତ ନିର୍ବାଚନ ନିର୍ଦ୍ଧାରିତ ସମୟ ଫେବୃୟାରୀ 2027 ପୂର୍ବରୁ କରାଯିବାର କୌଣସି ସତ୍ୟତା ଅଛି କି ; (ଖ) ଏହି ନିର୍ବାଚନ ପୂର୍ବରୁ ବ୍ଲକ ଓ ପଞ୍ଚାୟତ ଗୁଡିକର ପୁର୍ନଗଠନ ହେବାର ଯୋଜନା ସରକାର କରିଛନ୍ତି କି ; ଯଦି ହଁ, ତେବେ ଏହି ପୁର୍ନଗଠନ ପ୍ରକ୍ରିୟା କେବେ ଆରମ୍ଭ ହେବ ?

----

## ପ୍ରକଳ୍ପ ଅନୁମୋଦନ ନିମନ୍ତେ ନିର୍ଦ୍ଦେଶ

1691 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାର ଜାନୁୟାରୀ 7, 2026 ରେ ବିବିବିଓ ଗାଇଡଲାଇନ ପରିବର୍ତ୍ତନ କରି ତଦନୁଯାୟୀ ପ୍ରକଳ୍ପ ଅନୁମୋଦନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିଥିବା ସତ୍ୟ କି ; (ଖ) ଯଦି ହଁ, ତେବେ 2025-26 ର ପ୍ରକଳ୍ପ ତାଲିକା କେତେକ ଜିଲ୍ଲାରେ ପୂର୍ବ ଗାଇଡଲାଇନ ଅନୁସାରେ ପ୍ରସ୍ତୁତ ହୋଇ ସରକାରଙ୍କ ଅନୁମୋଦନ ଲାଭ କରିଥିବା ସରକାର ଜାଣନ୍ତି କି?

----

## Jaljivan Mission Scheme ରେ କେନ୍ଦ୍ର ଠାରୁ ମିଳିବାକୁ ଥିବା ଅର୍ଥ

1692 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Jaljivan Mission Scheme ରେ ଓଡିଶା ରାଜ୍ୟ କେନ୍ଦ୍ର ସରକାର ଠାରୁ 2025-2026 ଆର୍ଥିକ ବର୍ଷରେ କେତେ ଅର୍ଥ ପାଇବା ପାଇଁ ଆକଳନ କରିଥିଲେ ଓ ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ପାଇଛନ୍ତି ; ପାଇଥିବା ଅର୍ଥରୁ ବର୍ତ୍ତମାନ ସୁଦ୍ଧା କେତେ ଖର୍ଚ୍ଚ କରିଛନ୍ତି?

----

## ସୋନପୁର Municipality ରେ ଗୋ-ଶାଳା ପ୍ରତିଷ୍ଠା

1693 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋନପୁର Municipality ପାଇଁ ଏକ ଗୋ-ଶାଳା ତିଆରି କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ସହରାଞ୍ଚଳରେ ଗାଡ଼ି ପାର୍କିଂ ଫି ବାବଦରେ ଅର୍ଥ ଆଦାୟ

1694 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସହରାଞ୍ଚଳ ଗୁଡ଼ିକରେ ଗାଡ଼ି ପାର୍କିଂ ଫି ବାବଦରେ ବାର୍ଷିକ କେତେ ରାଜସ୍ୱ ଆଦାୟ କରାଯାଉଛି, ଗତ ୫ ବର୍ଷ ମଧ୍ୟରେ କେତେ ରାଜସ୍ୱ ସଂଗ୍ରହ ହୋଉଛି ତାହା ବର୍ଷୱାରି ତାଲିକା ପ୍ରଦାନ କରିବେ କି ?

----

## ସୀମା ନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ

1695 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କ୍ରମ ବର୍ଦ୍ଧିଷ୍ଣୁ ଜନ ସଂଖ୍ୟା ଯୋଗୁଁ ପୁଣି ସୀମା ନିର୍ଦ୍ଧାରଣ ଆବଶ୍ୟକତା ରହିଛି କି, ରାଜସ୍ୱ ଗ୍ରାମର ସରକାରୀ ମାନ୍ୟତାର ଆଧାର କଣ, ବର୍ତ୍ତମାନ ସୁଦ୍ଧା କେତୋଟି ଗ୍ରାମ ରାଜସ୍ୱ ମାନ୍ୟତା ପୂରଣ କରିଥିବା ସ୍ୱତେ ସରକାରୀ ମାନ୍ୟତା ମିଳିପାରିନି, କେବେ ସୁଦ୍ଧା ପୁନ ସୀମା ନିର୍ଦ୍ଧାରଣ କାମ ଆରମ୍ଭ ହେବ ?

----

## ପୁରୀ ମହାନଗର ନିଗମରେ କମିଶନର ଓ ଡେପୁଟି କମିଶନର ନିଯୁକ୍ତି

1696 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ମହାନଗର ନିଗମ ହୋଇଥିବା ବିଜ୍ଞପ୍ତି ଜାରି ହେବା ପରେ ମହାନଗର ନିଗମ ପରିଚାଳନା ପାଇଁ ସମୁଦାୟ କେତେଜଣ କମିଶନର ଓ ଡେପୁଟି କମିଶନର ନିଯୁକ୍ତି ହେବାର ବ୍ୟବସ୍ଥା ରହିଛି ଏବଂ କମିଶନର ଓ ଡେପୁଟି କମିଶନର କେଉଁ କେଉଁ rank ର ହେବା କଥା ଓ କେବେସୁଦ୍ଧା ଏହି ନିଯୁକ୍ତି ପ୍ରକ୍ରିୟା ଶେଷ ହେବ?

----

## ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଅନୁଦାନ

1697 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ 2025 2026 ପାଇଁ ପୁରୀକୁ ସମୁଦାୟ କେତେ ଅନୁଦାନ ଦିଆଯାଇଛି ଏବଂ ମ୍ୟୁନିସିପାଲ ବୋର୍ଡର ଅନୁପସ୍ଥିତିରେ ୱାର୍ଡସ୍ତର ପ୍ରକଳ୍ପଗୁଡିକ କାହା ପ୍ରସ୍ତାବରେ ଅନୁମୋଦିତ ହେଉଛି ଓ ସମୁଦାୟ କେତୋଟି ପ୍ରକଳ୍ପ 2025 2026 ରେ ପାରିତ ହୋଇଛି ଏବଂ କାହା ପ୍ରସ୍ତାବରେ ହୋଇଛି, Roads and Drains ପାଇଁ କେତେ ଭାଗ ଓ development ପାଇଁ କେତେ ଭାଗ ଏବଂ ଏଥିନିମନ୍ତେ guidelines କଣ ରହିଛି ?

----

## ନଦୀକୂଳ ବନୀକରଣ

1698 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସହରୀକରଣ ଯୋଗୁଁ କଟକ ସଦର ନିର୍ବାଚନ ମଣ୍ଡଳୀର ପରିବେଶ ଉପରେ ପଡୁଥିବା ପ୍ରଭାବକୁ ରୋକିବା ପାଇଁ କୌଣସି 'ନଗର ବନ' (Urban Forest) ପ୍ରକଳ୍ପ ସଦର ଅଞ୍ଚଳରେ କାର୍ଯ୍ୟକାରୀ ହେବାର ପ୍ରସ୍ତାବ ଅଛି କି; କଟକ ସଦର ବିଧାନସଭା ଅଞ୍ଚଳରେ ବନ୍ୟଜନ୍ତୁ ଓ ମଣିଷଙ୍କ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ବନ ବିଭାଗ ଦ୍ୱାରା କେଉଁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି; ଗତ ଦୁଇ ବର୍ଷରେ ଏଥିପାଇଁ କେତେ କ୍ଷତିପୂରଣ ପ୍ରଦାନ କରାଯାଇଛି; କଟକ ସଦର ଅଞ୍ଚଳରେ ସବୁଜିମା ବୃଦ୍ଧି ପାଇଁ ୨୦୨୪-୨୫ ବର୍ଷରେ କେତୋଟି ଚାରା ରୋପଣ କରାଯାଇଛି; ମହାନଦୀ ଓ କାଠଯୋଡ଼ି କୂଳରେ 'ନଦୀକୂଳ ବନୀକରଣ' କାର୍ଯ୍ୟକ୍ରମର ବର୍ତ୍ତମାନର ସ୍ଥିତି କଣ ?

----

## କଟକ ସହର ଜଳବନ୍ଦୀ ସମସ୍ୟାର ସମାଧାନ

1699 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସଦର ବିଧାନସଭାର କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ- ୫୦, ୫୧, ୫୬, ୫୭, ୫୮ ଓ ୫୯ ର ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ସରକାର କ'ଣ କ'ଣ ପଦକ୍ଷେପ ନେଉଛନ୍ତି; କଟକ ସଦର ନିର୍ବାଚନ ମଣ୍ଡଳୀ ପାଇଁ କେଉଁ କେଉଁ ଅଞ୍ଚଳକୁ ନେଇ ସାମଗ୍ରିକ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ କରାଯାଇଛି ତଥା ଏହା କେବେ ସୁଦ୍ଧା ଶେଷ ହେବ ଏବଂ ଏହାର ବ୍ୟୟ ଅଟକଳ କେତେ ?

----

## ପ୍ରଦୂଷଣ ରୋକିବାକୁ ପଦକ୍ଷେପ

1700 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲା ସହିତ ରାଜ୍ୟରେ ଅନେକ ଖଣି ଖାଦାନ ଥିବାରୁ କଞ୍ଚାମାଲ ଉତ୍ତୋଳନ କରିବା ପାଇଁ କମ୍ପାନୀମାନେ ବହୁ ଜଙ୍ଗଲ କାଟି ନଷ୍ଟ କରୁଛନ୍ତି, ଖଣି ମାନଙ୍କରୁ ଯେଉଁ ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ କରିବା ପାଇଁ ବିଭିନ୍ନ ପ୍ରକାର ମେସନାରୀ ବ୍ୟବହାର ସହିତ ବୃହତ ମାନର ବାରୁଦ (Deep Hole elasting) ଖଣିରେ ବ୍ୟବହାର କରି ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ କରୁଛନ୍ତି ଫଳରେ ଜଳ, ସ୍ଥଳ, ଆକାଶର ବାୟୁ ମଣ୍ଡଳ ପ୍ରସ୍ତୁତ ପରିମାଣରେ ପ୍ରଦୂଷଣ ହୋଇଥିବାରୁ ଜନ ସାଧାରଣ,ଗୃହ ପାଳିତ ପଶୁ ଓ ଜଙ୍ଗଲରେ ରହୁଥିବା ବିଭିନ୍ନ ପ୍ରକାର ଜୀବ ଜନ୍ତୁ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି, ତେଣୁ ପ୍ରଦୂଷଣକୁ ରୋକିବା ପାଇଁ ସରକାର ଏଥିନିମନ୍ତେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବ୍ଲକରେ ଖାଲିଥିବା ପଦବୀ ପୂରଣ

1701 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ସହିତ ରାଜ୍ୟର ବିଭିନ୍ନ ବ୍ଲକର ବିଭାଗ ଗୁଡିକରେ ଯଥେଷ୍ଟ ସଂଖ୍ୟକ କର୍ମଚାରୀ ନଥିବାରୁ ସରକାରୀ କାର୍ଯ୍ୟ ସୁଚାରୁରୂପେ ଚାଲି ପାରୁ ନଥିବା ସତ୍ୟ କି; ଯଦି ସତ୍ୟ ଅଟେ, ତାହା କେବେ ସୁଦ୍ଧା ବିଭିନ୍ନ ବ୍ଲକ ମାନଙ୍କରେ ଖାଲି ପଡିଥିବା ବିଭିନ୍ନ ପଦ ପଦବୀ ଗୁଡିକ ସରକାର ପୂରଣ କରିବେ ?

----

**ଭେଣ୍ଡିଂ ଜୋନ ନିର୍ମାଣ ଦ୍ୱାରା ଆୟ**

1702 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଚାରି (4) ଗୋଟି ପୌର ପରିଷଦ ଓ ଏକ ଗୋଟି ବିଜ୍ଞାପିତ ଅଞ୍ଚଳ ଅଛି, ସେହି ସଂସ୍ଥା 2022-2023, 2023-2024 ଓ 2024-2025ରେ ନିଜସ୍ୱ ଆୟ କେତେ ପରିମାଣର ହୋଇଅଛି, ସେହି ଆୟ ମାଧ୍ୟମରେ ଉପରୋକ୍ତ ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳରେ କେତୋଟି ଭେଣ୍ଡିଙ୍ଗ ଜୋନ (Vending Zone) ନିର୍ମାଣ କରିଛନ୍ତି, ସେହି ଭେଣ୍ଡିଙ୍ଗ ଜୋନ ଗୁଡିକୁ କେତେ ଜଣ ହିତାଧ୍ୟାକାରୀଙ୍କୁ ବଣ୍ଟନ କରିଛନ୍ତି ଏବଂ ହିତାଧିକାରୀଙ୍କ ଠାରୁ ବିଗତ ୩ ବର୍ଷରେ କେତେ ଆୟ ହୋଇଅଛି ?

----

**PMAY ଘର ଖାରଜ ସମସ୍ୟାର ସମାଧାନ**

1703 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ୧୯୯୯ ମହାବାତ୍ୟାରେ ଏବଂ ତା ପୂର୍ବରୁ କେତେ ଜଣ ଲୋକଙ୍କୁ ଘର କରିବା ପାଇଁ ସହାୟତା ମିଳିଥିଲା, ତାହାର ଏକ ତାଲିକା ବ୍ଲକୱାରୀ ପ୍ରଦାନ କରିବେ କି; ସେହି ସମୟରେ ଯେଉଁ ସ୍ୱଳ୍ପ ଅର୍ଥରାସି ପାଇଥିବା ଲୋକମାନେ ବର୍ତ୍ତମାନ ସମୟରେ ସେମାନେ ଅନ୍ତଦୋୟ ଏବଂ PMAY ଘର ଖାରଜ ହୋଇଥିବାର ସମସ୍ୟା ସରକାର ଜାଣନ୍ତି କି; ଉତ୍ତର ଯଦି ହଁ ହୁଏ, ଏହାର ସମାଧାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**କାର୍ଯ୍ୟରତ outsourcing ମାନଙ୍କ ଦରମା ବୃଦ୍ଧି**

1704 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ବର୍ତ୍ତମାନ ସୁଧା କେତେ ଜଣ outsourcing "staff" କାର୍ଯ୍ୟକରୁଛନ୍ତି, ତାହାର ଏକ ତାଲିକା ପ୍ରଦାନ କରିବେ କି; ନିୟମ ଅନୁଯାଇ କେତେବର୍ଷରେ ଥରେ ଦରମା ବୃଦ୍ଧି ହେବା କଥା, ତାହା ଅବଗତ କରିବେ କି ଏବଂ ଦରମା ବୃଦ୍ଧି କରିବା ପାଇଁ ସରକାର କିଛି ପଦକ୍ଷେପ ଗ୍ରହଣ କରିଛନ୍ତି କି ?

----

**ବ୍ଲକରେ ଥିବା ନିର୍ବାଚିତ ମହିଳା ସରପଞ୍ଚ, ସମିତି ସଭ୍ୟ**

**1705 ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସମସ୍ତ block ରେ ଯେଉଁ ନିର୍ବାଚିତ ମହିଳା ଅଛନ୍ତି, ଯଥାଃ- ସରପଞ୍ଚ, ସମିତିସଭ୍ୟ, block ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ରହିଛନ୍ତି, ସରକାରଙ୍କ ପକ୍ଷରୁ ପ୍ରତିନିଧି ରଖିବା ପାଇଁ କିଛି ଆଇନ ବ୍ୟବସ୍ଥା ହୋଇଥିଲା କି, ଉତ୍ତର ଯଦି ନାଁ ହୁଏ, ଏହି ପଦ ପଦବିକୁ ପୁରୁଷ ଲୋକ ଗଣତାନ୍ତ୍ରିକ ପ୍ରକ୍ରିୟାକୁ କ୍ଷୁର୍ଣ୍ଣ କରୁଥିବାର ସମସ୍ୟାକୁ ସମାଧାନ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଆଗାମି ଦିନରେ କି ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଗ୍ରାମ୍ୟଉନ୍ନୟନକୁ ରାସ୍ତା ହସ୍ତାନ୍ତର

**1706 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ः**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗୁଣୁପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ 2024-25 ଓ 2025-26 ରେ କେତେ ଗୋଟି ପଂଚାୟତ ବିଭାଗ ଓ ଜଙ୍ଗଲ ବିଭାଗର ରାସ୍ତା ଗ୍ରାମ୍ୟଉନ୍ନୟନ ବିଭାଗ ହାତ କୁ ନେଇଛନ୍ତି ଏବଂ ଗ୍ରାମ୍ୟ ଉନ୍ନୟନ ର କେତେଗୋଟି ରାସ୍ତା ନିର୍ମାଣ ବିଭାଗ କୁ ହସ୍ତାନ୍ତର କରାଯାଇଛି, ସେହି ମଧ୍ୟରୁ କେତେଟା କାମ ଆରମ୍ଭ ହୋଇଛି ବଳକା ରାସ୍ତା କେବେ ସୁଦ୍ଧା କାମ ସରିବ ?

----

## Water tank ବ୍ୟବସ୍ଥା କରି ପାନୀୟ ଜଳ ଯୋଗାଣ

**1707 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗୁଣୁପୁର ନିର୍ବାଚନ ମଣ୍ଡଳୀର ଚନ୍ଦ୍ରପୁର ବ୍ଲକ ଏକ ଦୁର୍ଗମ ଓ ଜଳ ସଂକଟପନ୍ନ ବ୍ଲକ ଏଣୁ ଏହି ବ୍ଲକ ରେ ବାସିନ୍ଦା ପାନୀୟ ଜଳ ପାଇଁ ଅନେକ ଅସୁବିଧା ସାମ୍ନା କରୁଛନ୍ତି, ଏହି ବ୍ଲକ ରେ water purification plant ସହ water tank ର ବ୍ୟବସ୍ଥା ପାଇଁ ସରକାର ଚିନ୍ତା କରୁଛନ୍ତି କି, ଯଦି ନାହିଁ ତେବେ ସରକାର ଏହି ସୁବିଧା ଲୋକଙ୍କୁ ଯୋଗାଇ ପାରିବେ କି ?

----

## ରାଜ୍ୟରେ ଥିବା ପ୍ରାକୃତିକ ଜଳପ୍ରପାତ

**1708 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ः**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରାୟ ସମସ୍ତ ଜିଲ୍ଲାରେ ବହୁତ ଜଳ ପ୍ରପାତ ଏବଂ ପ୍ରାକୃତିକ ଝରଣା ରହିଅଛି ଓ କେଉଁ ଜିଲ୍ଲାରେ କଣ କଣ ସବୁ ପ୍ରାକୃତିକ ଜଳପ୍ରପାତ ଏବଂ ଝରଣା ମାନ ଅଛି ଯାହାକି ଦର୍ଶନୀୟ ସ୍ଥାନ ଭାବେ ଆମେ ଉପଭୋକ କରିପାରିବା ଏବଂ ସେଥି ମଧ୍ୟରୁ ବିଭାଗ ତରଫରୁ କିମ୍ବା ସରକାରଙ୍କ ଅନ୍ୟ ଯୋଜନା ରୁ ଉନ୍ନତି କରଣ କରାଯାଇଅଛି ତାର ଜିଲ୍ଲା ୱାରି ବିବରଣୀ ପ୍ରଦାନ କରିବେ କି ?

----

## ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଜମି ପାଇଁ କ୍ଷତି ପୂରଣ ମିଳିବା

1709 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରଧାନମନ୍ତ୍ରୀ ସଡକ ଯୋଜନା ଏବଂ R&B ରାସ୍ତା ପାଇଁ ଜମି କ୍ଷତିପୂରଣ ମିଳୁଥିବା ବେଳେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସେ ବ୍ୟବସ୍ଥା ନାହିଁ, ସମଗ୍ର ରାଜ୍ୟରେ ଯୋଉଠି ବି ଏଭଳି ସମସ୍ୟା ଅଛି, ତାହା ସମାଧାନ ହୋଇପାରିବ କି, ଏ ଦିଗରେ ସରକାର କି ନେଇଛନ୍ତି ବା ନେବାକୁ ଯାଉଛନ୍ତି ?

----

## କାରଖାନା ଅ଼ଞ୍ଚଳରେ ବାୟୁମଣ୍ଡଳ ସ୍ତର

1710 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୨୦୧୯ ଠାରୁ ଆଜି ପର୍ଯ୍ୟନ୍ତ ରାୟଗଡ଼ା ଜିଲ୍ଲାର କାଶିପୁର ଉତ୍କଳ ଆଲୁମିନା ତାହା ସହିତ ପାର୍ଶ୍ୱରେ ଥିବା ଡିମୁଣ୍ଡି ଗ୍ରାମ,ରାୟଗଡ଼ା ଜେକେ ପେପର ମିଲ ଏବଂ ଥେରୁବାଲି ଲମ୍ପା କାରଖାନା ଅଞ୍ଚଳରେ ବାୟୁମଣ୍ଡଳ ପ୍ରଦୂଷଣ ସ୍ତର କଣ ରହିଛି, ବାର୍ଷିକ କେତେ ଥର ବାୟୁ ମଣ୍ଡଳର ସ୍ତର ପରୀକ୍ଷା କରାଯାଉଛି ଉପରୋକ୍ତ ବର୍ଷ ମାନଙ୍କରେ ବାୟୁ ମଣ୍ଡଳ ପ୍ରଦୂଷଣ ପରୀକ୍ଷା କରାଯାଇଥିବା ତଥ୍ୟ ପ୍ରଦାନ କରିବା ସହ ରାୟଗଡ଼ା, ଗୁଣପୁର ଏବଂ ମୁନିଗୁଡା ଠାରେ ମଧ୍ୟ ପ୍ରଦୂଷଣ ପାଇଁ ବାୟୁମଣ୍ଡଳ ପରୀକ୍ଷା କରିଥିବା ରିପୋର୍ଟ ତଥ୍ୟ ପ୍ରଦାନ କରିବେ କି ?

----

## ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ ଘୋଷଣା

1711 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରୀ କାର୍ଯ୍ୟାଳୟରୁ ଏବଂ ସଭାସମିତିରୁ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ ଘୋଷଣା କରିବା ପାଇଁ ଉଦାହରଣ ସୃଷ୍ଟି କରିବା ଦିଗରେ ଘୋଷଣା କରିବେ କି ?

----

## ଗ୍ରାମ ଗୁଡିକୁ ରାସ୍ତା ସଂଯୋଗ

1712 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ଗ୍ରାମ ପଞ୍ଚାୟତ ମାନଙ୍କରେ ଗ୍ରାମ ଗୁଡିକୁ ସଂଯୋଗ କରୁଥିବା ୨ ରୁ ୩ କମି ଦୂରତାର G.P. ରାସ୍ତା ଗୁଡିକର ଏକ ତାଲିକା ଦେବେ କି, ସେଥି ମଧ୍ୟରୁ କେତେ ରାସ୍ତା Concrete ହୋଇଛି ଏବଂ କେତେ ରାସ୍ତା ବାକି ଅଛି ଜଣାଇବା ସହିତ ବାକି ଥିବା ରାସ୍ତା ଗୁଡିକୁ R.D. Deptt. କୁ ହସ୍ତାନ୍ତର କରିବା ପାଇଁ ବ୍ୟବସ୍ଥା କରିବେ କି, ରାସ୍ତା ଗୁଡିକର Survey କରି ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିବେ କି, R.D. Deptt କୁ ହସ୍ତାନ୍ତର ହୋଇପାରୁନଥିବା ରାସ୍ତା ଗୁଡିକୁ P.R. Deptt ତରଫରୁ ନିର୍ମାଣ କରି ଜନସାଧାରଣଙ୍କ ଗମନା ଗମନ ସୁବିଧା କରିବା ପାଇଁ ପଦକ୍ଷେପ ନେବେ କି ?

----

## ହାତୀ ଓ ବାଘ ବନ୍ୟ ଜନ୍ତୁଙ୍କର ମୃତ୍ୟୁ

1713 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରେ ଅଣଜଙ୍ଗଲ କାର୍ଯ୍ୟ ପାଇଁ କେତେ ଜଙ୍ଗଲ କଟାଯାଇଛି ; ଏହାର ଏକ ଜଙ୍ଗଲ ଡିଭିଜନୱାରୀ ତାଲିକା ଦେବା ସହିତ କ୍ଷତିପୂରକ ବନୀକରଣ ଯୋଜନାରେ କେଉଁ କେଉଁ ସ୍ଥାନରେ କେତେ ଜଙ୍ଗଲ କେତେ ଅର୍ଥ ବ୍ୟୟରେ ସୃଷ୍ଟି କରାଯାଇଛି ତାହାର ଏକ ତାଲିକା ଦେବେ ; ସେହିଭଳି ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟର କେତେ ହାତୀ, ବାଘ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କର କେଉଁ କାରଣ ପାଇଁ ମୃତ୍ୟୁ ଘଟିଛି ତାହାର ଏକ ଡିଭିଜନ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବେ ?

----

## ଆବେଦନ କରି ଅପେକ୍ଷାରେ ଥିବା ହିତାଧିକାରୀ

1714 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ମାଲକାନଗିରି ଜିଲ୍ଲାରେ ବିକଶିତ ଗାଁ ଓ ବିକଶିତ ଓଡିଶା ଅଧିନରେ ସମ୍ପାଦିତ ହୋଇଥିବା ପ୍ରକଳ୍ପ ଗୁଡ଼ିକର, ଗ୍ରାମ/ବ୍ଲକ/ପ୍ରକଳ୍ପ/ ମୂଲ୍ୟ, ସବିଶେଷ ତଥ୍ୟ ବର୍ଷୱାରୀ ପ୍ରଦାନ କରିବା ସହ, ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଇବେ କି ; (ଖ) ଗତ ୩ ବର୍ଷରେ ଅନ୍ୟାଦୟ ଗୃହ ଯୋଜନା ପାଇଁ ବଜେଟରେ କେତେ ବ୍ୟବସ୍ଥା ରହିଥିଲା, ଏହି ଯୋଜନାରେ ଯୋଗ୍ୟତା ପାଇଁ ମାପକାଠି କଣ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତେ ଜଣ ହିତାଧିକାରୀ ଏହି ଯୋଜନାରେ ଆବେଦନ କରିଛନ୍ତି ଓ ଲାଭାର୍ଥି ହୋଇଛନ୍ତି ଓ କେତେ ଜଣ ସହାୟତାର ଅପେକ୍ଷାରେ ଅଛନ୍ତି ; ହିତାଧିକାରୀଙ୍କ ବ୍ଲକ/ ପଞ୍ଚାୟତୱାରୀ/ ଗ୍ରାମ ତଥ୍ୟ ପ୍ରଦାନ କରିବେ କି ?

----

## କମ୍ପୋଜିଟ ଟେଣ୍ଡର ଆହ୍ୱାନ

1715 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗ୍ରାମ୍ୟ ଉନ୍ନୟନ ବିଭାଗରେ କମ୍ପୋଜିଟ ଟେଣ୍ଡର ଆହ୍ୱାନ ନ କରିବା ଯୋଗୁଁ ଅନେକ ସମୟରେ GPH ଏବଂ GED ର କାର୍ଯ୍ୟ ବିଳମ୍ବ ସକାଶେ ଗୃହ ନିର୍ମାଣ ହସ୍ତାନ୍ତର ପାଇଁ ବହୁଦିନ ଅପେକ୍ଷା କରିବାକୁ ପଡୁଥିବା କାରଣରୁ ଲୋକଙ୍କ ସେବା ଉଦ୍ଦେଶ୍ୟରେ ନିର୍ମିତ ଭବନ ତଥା ଲୋକ ସେବାରେ ବାଧା ଉପୁଜିଥିବା ସତ୍ୟ କି ?

----

## ବନାଞ୍ଚଳ କାର୍ଯ୍ୟାଳୟ ସ୍ଥାନାନ୍ତର

1716 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଂଜାମ ଜିଲ୍ଲାର ଭଂଜନଗର ଠାରେ ଦୁଇଟି ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟ ଦୀର୍ଘଦିନ ହେବ ରହିଆସିଅଛି ; ଦକ୍ଷିଣ ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟ ଭଂଜନଗର ଠାରେ ଅବସ୍ଥାପନ ହୋଇଅଛି ; ସେହି ଅଞ୍ଚଳ ପାଇଁ ଦକ୍ଷିଣ ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟର କୌଣସି ପ୍ରକାର ଆବଶ୍ୟକତା ଆସୁନାହିଁ ଓ ଭଂଜନଗର ପରିସର ମଧ୍ୟରେ ଦରକାର ପଡୁନାହିଁ ; ଉକ୍ତ ଦକ୍ଷଣିଞ୍ଚାଳରେ ହିଞ୍ଜିଳି, ଆସିକା, ସୋରାଡା, ବଡଗଡ, ବୁଗୁଡା, ଶେରଗଡ ଓ ପୋଲସରା ଅଞ୍ଚଳ ପରିସରଭୁକ୍ତ ଅଟେ ; ଆସିକା ଓ ସୋରଡା ଅଞ୍ଚଳରେ ମୟୁର ଓ ଆସିକା ବୁଗୁଡା ଅଞ୍ଚଳରେ କଳାବାହଦା (Black Buck) ମାନେ ରହୁଛନ୍ତି ; ଏଣୁ ଉପଯୁକ୍ତ ସରକାରୀ କାର୍ଯ୍ୟକୁ ଠିକ୍ ଭାବେ ଓ କମ୍ ସମୟ ମଧ୍ୟରେ ଓ ଲୋକମାନଙ୍କ ସହିତ ସଂଯୋଗ ପାଇଁ ଦକ୍ଷିଣାଞ୍ଚଳ ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟକୁ ଆସିକାକୁ ସ୍ଥାନାନ୍ତର କରିବା ଜରୁରୀ ଅଟେ ; ଯଥା ଉକ୍ତ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାରେ ବିଳମ୍ବ ହୁଏ ତାହା ହେଲେ ସପ୍ତାହକୁ ଚାରିଦିନ ଆସିକାଠାରେ ସମସ୍ତ ସୁବିଧା ଓ ବ୍ୟବସ୍ଥା ସହ Camp Office କେତେ ଦିନ ମଧ୍ୟରେ କାର୍ଯ୍ୟ କରିବ?

----

## ଜଳଯୋଗାଣ ବାବଦରେ PHD କୁ ଅର୍ଥ ପ୍ରଦାନ

1717 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ନିର୍ବାଚନ ମଣ୍ଡଳୀ (ବିଧାନସଭା) ଅନ୍ତର୍ଗତ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଗତ ତିନି ବର୍ଷ ମଧ୍ୟରେ ଜଳ ଯୋଗାଣ ବାବଦରେ P.H.D. କୁ କେତେ ଟଙ୍କା ଦେଇଛନ୍ତି ଏବଂ ଉକ୍ତ ଟଙ୍କା କେଉଁ କେଉଁ ବାବଦରେ କେଉଁ କେଉଁ ସ୍ଥାନରେ ଖର୍ଚ୍ଚ ହୋଇଛି?

----

## ପ୍ରତି ପରିବାରକୁ ପାନୀୟ ଜଳ ଯୋଗାଣ

1718 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ପ୍ରତି ପଞ୍ଚାୟତମାନଙ୍କୁ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି ; ମାତ୍ର ଜଳ ଯୋଗାଣରେ ନିୟୋଜିତ ହୋଇଥିବା ପମ୍ପ ଡ୍ରାଇଭର ଓ ପମ୍ପର ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ନହୋଇଥିବା ଯୋଗୁଁ ପମ୍ପ ଡ୍ରାଇଭରମାନେ ଦରମା ଠିକ୍ ରୂପେ ପାଇ ପାରୁନାହାନ୍ତି ଓ ପମ୍ପ ଗୁଡିକର ମେଣ୍ଟେନାସ୍ ସଠିକ୍ ରୂପେ ହୋଇପାରୁନାହିଁ ; ଏଣୁ ସରକାର R.W.S.S. ବା P.H.E.D ତରଫରୁ ନିର୍ଦ୍ଧିଷ୍ଟଭାବେ କିଛି ବ୍ୟବସ୍ଥା ଗ୍ରହଣ କଲେ ପମ୍ପ ଡ୍ରାଇଭରମାନେ ମାସିକ ପାରିଶ୍ରମିକ ପାଇବା ସଙ୍ଗେ ସଙ୍ଗେ ପମ୍ପଗୁଡିକର ରକ୍ଷଣାବେକ୍ଷଣ ସଠିକ୍ ରୂପେ ହୋଇପାରିବ ଓ ଏହା କେବେ କାର୍ଯ୍ୟକାରୀ କରିବେ?

----

## ତ୍ରୀସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ସଂରକ୍ଷଣ

1719 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତ୍ରୀସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ସାମାଜିକ ଓ ଶୈକ୍ଷିକ ଅନଗ୍ରସର ବର୍ଗମାନଙ୍କ ପାଇଁ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ, ମାନ୍ୟବର ସୁପ୍ରିମକୋର୍ଟ ଓ ହାଇକୋର୍ଟ ଦ୍ୱାରା କି କି ସର୍ତ୍ତାରୋପଣ କରାଯାଇଛି ଓ ରାଜ୍ୟ ସରକାର କେଉଁ କେଉଁ ସର୍ତ୍ତକୁ ଏଯାବତ୍ ପୂରଣ କରିଛନ୍ତି ଓ ସଂରକ୍ଷଣ କାର୍ଯ୍ୟକାରୀତା ବର୍ତ୍ତମାନ କେଉଁ ସ୍ଥିତିରେ ଅଛି?

----

## ଶିଶୁ ଶ୍ରମିକ ଚିହ୍ନଟ

1720 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି: - (କ) ରାଜ୍ୟରେ ୨୦୨୨ ମସିହାଠାରୁ ଶିଶୁ ଶ୍ରମିକ ଚିହ୍ନଟ ବା ଗଣନା ହୋଇନାହିଁ ଏହାକୁ ଗୁରୁତ୍ୱ ଦେଇ ପୁନଃ ଗଣନା କରି ଏହି ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଜୀବନ ଗଢି ତୋଳିବା ପାଇଁ ବିଭାଗ ପକ୍ଷରୁ କି ବ୍ୟବସ୍ଥା ରହିଅଛି ଜଣାଇବା ସହ (ଖ) ଶିଶୁ ଶ୍ରମିକ ଉଦ୍ଧାର ହୋଇ 2022 ମସିହା ଠାରୁ ଅଦ୍ୟାବଧି କେଉଁମାନଙ୍କ ନାମରେ ମାମଲା ଦାୟର କରାଯାଇଛି ; ସେମାନଙ୍କ ନାସା ସହ ସମ୍ପୂର୍ଣ୍ଣ ଠିକଣା ଓ ଉକ୍ତ କେସ୍ ଗୁଡିକର ବର୍ତ୍ତମାନ ସ୍ଥିତି କଣ ରହିଛି ?

----

## ସହିଦ ବାଜି ରାଉତ ନାମରେ Odditorium ଖୋଲିବା

1721 **ଶ୍ରୀ ଶତୃଘନ ଜେନା (କାମାକ୍ଷାନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Bhuban NAC OIରେ ଗୋଟିଏ ସହିଦ ବାଜି ରାଉତ ନାମରେ Odditorium ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## ନିର୍ମାଣଧିନ ପୋଲ ଅଗ୍ରଗତି

1722 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଣ୍ଡିପାଳଠାରେ ନିର୍ମିତ ହେବାକୁ ଥିବା ପୋଲର ଅଗ୍ରଗତି ନିମନ୍ତେ ଜଣାଇବେ କି ?

----

## ଅନୁମୋଦିତ ଅର୍ଥ ବ୍ୟୟ ବରାଦ

1723 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର ପୌରପାଳିକାରେ ପ୍ରସ୍ତାବିତ Storm Water Drainage Master Plan ଏବଂ Town Masterplan ଅନୁମୋଦନ ହେବାପାଇଁ କେଉଁ ସ୍ତରରେ ସରକାରୀ ଦପ୍ତରରେ ରହିଛି ଏବଂ କେବେ ସୁଦ୍ଧା ଅନୁମୋଦିତ ହୋଇ ଅର୍ଥ ବ୍ୟୟ ବରାଦ କରାଯିବ ଓ କାର୍ଯ୍ୟ ଆରମ୍ଭ ହେବ ?

----

## ସବୁ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବା

1724 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସବୁଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅନୁସାରେ on going work ବର୍ତ୍ତମାନ କେତୋଟି, କେତେ ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ଜଳ ଯୋଗାଇ ଦିଆଯାଇଛି ଆଉ କେତେ ଗ୍ରାମକୁ ଆଦୌ ଯୋଗାଇ ଦିଆଯାଇନାହିଁ, କେତେ ଗ୍ରାମକୁ ଆଂଶିକ , ଅର୍ଦ୍ଧାଂଶ ଜଳ ଯୋଗାଇ ଦିଆଯାଇଛି ?

----

## ବାୟୁମଣ୍ଡଳ ଦୂଷିତ ହେଉଥିବା ପରିଲିଖିତ

1725 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ ଜିଲ୍ଲା ମାନଙ୍କରେ ବାୟୁମଣ୍ଡଳ କେଉଁ କାରଣରୁ ଦୂଷିତ ହେଉଥିବା ପରିଲିଖିତ ହେଉଛି ଏହାର ମାତ୍ରା କେତେ, ଏଥିରୁ ଜନଜୀବନକୁ ସୁରକ୍ଷିତ ରଖିବାକୁ ସରକାରଙ୍କର ଯୋଜନାବଦ୍ଧ, କାର୍ଯ୍ୟକ୍ରମ କ'ଣ ଓ ସ୍ଥାନୀୟ ପ୍ରଶାସନ ମାନଙ୍କୁ କ'ଣ ନିର୍ଦ୍ଦେଶ ଦିଆଯାଇଛି, ଏହି ନିର୍ଦ୍ଦେଶନାମାର ତଥ୍ୟ ଏଥିସହ ଉପସ୍ଥାପନ କରିବେ କି, ଏ ଦିଗରେ ଅଧିକ ସଚେତନ କରିବାକୁ ଗ୍ରାମ ପଞ୍ଚାୟତରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ସରକାର କେଉଁ ପ୍ରକାର ସହଯୋଗ ଆବଶ୍ୟକ କରୁଛନ୍ତି ?

----

## ଚବିଶ ଘଣ୍ଟିଆ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା

1726 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀର ପାହାଡିଆ ଅଞ୍ଚଳରେ ଥିବା ଗ୍ରାମ ମାନଙ୍କରେ ଗ୍ରଷ୍ମ ଋତୁରେ ଜଳକଷ୍ଟ ଅନୁଭବ ହେଉଥିବାରୁ ଚଳିତ ବର୍ଷ ଏଠାରେ ଚବିଶ ଘଣ୍ଟିଆ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବାଙ୍କି ସହର ଉନ୍ନତିକରଣ ପାଇଁ ପାଣ୍ଠି ବ୍ୟବସ୍ଥା

1727 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ସହରର ଉନ୍ନତି ସହରୀକରଣ ଯୋଜନା ପ୍ରଣୟନ ପୂର୍ବକ ଏହାର ରାସ୍ତାଘାଟର ଉନ୍ନତିକରଣ ସହ ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା ସହିତ ସହର ମଧ୍ୟରେ ଥିବା ଜଳାଶୟ ଗୁଡ଼ିକୁ ପୁନରୁଦ୍ଧାର ସହିତ ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହ ମତ୍ସ୍ୟଚାଷ ଉପଯୋଗୀ କରିବାକୁ କି ସ୍ୱତନ୍ତ୍ର ମାଷ୍ଟର ପ୍ଲାନ କରାଯାଉଛି ?

----

## BMCର କାର୍ଯ୍ୟରତ NMR, CLR କର୍ମଚାରୀଙ୍କୁ ସ୍ଥାୟୀ କରିବା

1728 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ଅର୍ଥ ବିଭାଗର କେଉଁ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ୟୟ ସଂକୋଚ ପଦକ୍ଷେପ ସ୍ୱରୂପ NMR, CLR, Job Contract ଓ Worker Work Charged ଆଦି କର୍ମଚାରୀମାନଙ୍କୁ BMC ଭୁବନେଶ୍ୱର ଅଧୀନରେ ଖାଲିଥିବା ନିୟମିତ ପଦବୀ ( Sanctioned Post) ରେ ନିୟମିତ କରାଯିବାପାଇଁ ବାରଣ କରାଯାଇଛି; ସେହି ନିର୍ଦ୍ଦେଶନାମାର ଅବଧି କେତେଦିନ; ଭୁବନେଶ୍ୱର ମହାନଗର ନିଗମରେ କେଉଁ ଶ୍ରେଣୀ/ ପାହ୍ୟାର କେତୋଟି ପଦବୀ କେବେଠାରୁ ଖାଲିପଡ଼ିଛି(Sanctioned Post) ; ଏହି ପଦବୀ ମାନଙ୍କରେ 15/20 ବର୍ଷରୁ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ କେତେଟଙ୍କା ପ୍ରଦାନ କରିବାକୁ ପଡ଼ିଥାନ୍ତା ; ବର୍ତ୍ତମାନ BMC ଦରମା ବାବଦକୁNMR,CLR ଆଦି କର୍ମଚାରୀଙ୍କୁ ମୋଟ କେତେ ପ୍ରଦାନ କରୁଛନ୍ତି; BMC ରେ ଦୀର୍ଘ ବର୍ଷରୁ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ପଦକ୍ଷେପ ନେବେ କି ?

----

## BMC ରେ କାର୍ଯ୍ୟରତ DLR ମାନଙ୍କୁ ନିୟମିତ କରିବା

1729 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- BMC ଭୁବନେଶ୍ୱର କାର୍ଯ୍ୟାଳୟ ତଥା ଅଧୀନରେ ପଦାନୁଯାୟୀ କେତେ ଜଣ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟରତ, DLR, CLR ମାନଙ୍କ ଭଳି, କେଉଁ କର୍ମଚାରୀମାନେ ଅସ୍ଥାୟୀ ଭାବେ ୧୫/୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ, BMC ଭୁବନେଶ୍ୱରର DLR, CLR ଭଳି ଅନ୍ୟ କେଉଁ ଅନ୍ୟ କେଉଁ ସ୍ଥାୟୀ କର୍ମଚାରୀମାନଙ୍କ ଚାକିରୀକୁ ଖାଲି ରହିଥିବା sanctioned post ରେ ନିୟମିତ ଭାବେ ପଦସ୍ଥ କରାଇବା ପାଇଁ justification ସହ କେବେ ଓ କେଉଁ ଚିଠିମାନଙ୍କରେ ସରକାରଙ୍କୁ ସୁପାରିଶ / ଅନୁରୋଧ କରିଛନ୍ତି ଓ ସରକାର ଏବାବଦରେ କିଛି ପଦକ୍ଷେପ ଗ୍ରହଣ କରିଛନ୍ତି କି, Contractual DEO ଓ ଶିକ୍ଷା ବିବାଗର contractual ଶିକ୍ଷକ ମାନଙ୍କୁ ନୂତନ ପଦବୀ ସୃଷ୍ଟି କରି ନିୟମିତ କରୁଥିବା ବେଳେ ସରକାର BMCର ଦୁଃଖୀ DLR / CLR ଓ ଅନ୍ୟ କର୍ମଚାରୀମାନଙ୍କୁ ନିୟମିତ କରାଇବା ପାଇଁ ତୁରନ୍ତ ପଦକ୍ଷେପ ନେବେ କି ?

----

## ଭୁଲ୍ ତଥ୍ୟ ଆଧାରରେ Plan Approval

1730 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ମହାନଗର ନିଗମ କୌଣସି ପ୍ଲଟ ଉପରେ ଘର ନିର୍ମାଣର ପ୍ଲାନ approval ପୂର୍ବରୁ କେଉଁ ଅଧିକାରୀ ଜାଗାର ଦୈର୍ଘ୍ୟ, ପ୍ରସ୍ଥ ଓ ଜାଗାର ପରିମାଣକୁ ସୁନିଶ୍ଚିତ କରିବା ସମ୍ପୃକ୍ତ ପ୍ଲଟର ପରିଦର୍ଶନ ଓ ମାପକୁ ଦେଖିଥାନ୍ତି କି, ଯଦି 'ହଁ', ଜାଗମରା ମୌଜା ଭକ୍ତମଧୁ ନଗର ପ୍ଲଟ ନଂ-1468/6713 ସମ୍ବନ୍ଧରେ ଜାଗାର ମାଲିକ ମାନେ ପ୍ରଦାନ କରିଥିବା ଜାଗାର ଦୈର୍ଘ୍ୟ, ପ୍ରସ୍ଥ ଓ ଜାଗାର ପରିମାଣକୁ ସୁନିଶ୍ଚିତ କରିଥିଲେ କି, ସେହି ଜାଗା ଗୁଡିକ ଉପରେ 15 ବର୍ଷରୁ ଉର୍ଦ୍ଧ୍ୱ ଏକ RCC ଘର ନିର୍ମିତ ହୋଇଥିବା ବେଳେ BMC G+1 ନୂତନ ଘରର plan କିପରି approve କରିଛନ୍ତି, ଯଦି ପରିଦର୍ଶନ ନକରନ୍ତି, ଜମି ମାଲିକ ମାନେ ଦେଉଥିବା ଭୁଲ୍ ତଥ୍ୟ ଆଧାରରେ plan approve କଲେ ଅନ୍ୟ ଜମି ମାଲିକ ମାନେ କ୍ଷତିଗ୍ରସ୍ତ ହେଉନାହାନ୍ତି କି, କ୍ଷେତ୍ର ପରିଦର୍ଶନ ନକରି ବିନା ମାପରେ କେତୋଟି plan BMC ଦ୍ୱାରା approve ହୋଇଛି ତା'ର ଏକ ତାଲିକା ଦେବେ କି ?

----

## ଗ୍ରାମକୁ ପାନୀୟଜଳ ଯୋଗାଇବାକୁ ପଦକ୍ଷେପ

1731 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଫୁଲବାଣୀ ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ଖଜୁରୀପଡା ବ୍ଲକର ବିଲାବାଡି ପଞ୍ଚାୟତ ଅଧିନସ୍ଥ ପକଡେଇ, କାକେନ୍ଦ୍ରୀ, ବନ୍ଧନପାଳୁ ଭଳି ଗ୍ରାମଗୁଡିକ ବହୁତ ଉଚ୍ଚ ସ୍ଥାନରେ ଥିବାରୁ ଏହି ଗ୍ରାମଗୁଡିକରେ ସବୁବେଳେ ଜଳ ସଙ୍କଟ ଦେଖାଦେଉଛି, ଏହି ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଣ ପାଇଁ କିଛି ବିହିତ ପଦକ୍ଷେପ ଗ୍ରହଣ କରିବେ କି, କନ୍ଧମାଳ ଜିଲ୍ଲାରେ ଏହିପରି କେତେଗୋଟି ଗ୍ରାମ ଅଛି ଏବଂ ଏହି ଗ୍ରାମ ଗୁଡିକୁ ଜଳ ଯୋଗାଣ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇପାରିବ ?

----

## ଧର୍ମଗଡ NAC ରେ ବ୍ୟାୟମଶାଳା ନିର୍ମାଣ

1732 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ః**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଗଡ଼ ଏନଏସି ମଧ୍ୟଦେଇ ଜାତୀୟ ରାଜପଥ ରାସ୍ତାରେ ପ୍ରତିଦିନ ଭାରୀ ଯାନ ଦ୍ୱାରା ବାଲି ଏବଂ ଖଣିଜ ପଦାର୍ଥ ପରିବହନ ହେତୁ ପ୍ରଚୁର ପରିମାଣରେ ଧୂଳି ପ୍ରଦୂଷଣ ହେଉଛି ଏହାକୁ ରୋକା ଯିବା ଓ ରାସ୍ତା ସଫାଇ ପାଇଁ କି ପଦକ୍ଷେପ ନିଆଯାଇଛି, ଏହି ରାସ୍ତାରେ ପ୍ରାତଃ ଭ୍ରମଣ ବିପଦ ସଙ୍କୁଳ ହେଉ ଥିବାରୁ ଅଧିବାସିମାନଙ୍କ ପାଇଁ ପ୍ରାତଃଭ୍ରମଣ ଚଲାପଥ ଏବଂ ଶାରୀରିକ ବ୍ୟାୟାମଶାଳା ନିର୍ମାଣ ସହିତ ଏକ ବୃହତ ଉଦ୍ୟାନ ଜରିଆରେ ସବୁଜ ବାତାବରଣ ସୃଷ୍ଟି କରାଯାଇ ପର୍ଯ୍ୟାବରଣ ସମସ୍ୟାର ସମାଧାନ ପାଇଁ କିଛି ପଦକ୍ଷେପ ବିଭାଗ ନେବେ କି ?

----

## ଗ୍ରାମକୁ ପାନୀୟଜଳ ଯୋଗାଇବା

1733 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ః**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାର ଜଳଜୀବନ ମିଶନରେ 2024/25 ଆର୍ଥିକ ବର୍ଷ ପର୍ଯ୍ୟନ୍ତ କେତେ ଅନୁଦାନ ରାଶି ରାଜ୍ୟକୁ ପ୍ରଦାନ କରିଛନ୍ତି, ସେଥିରୁ କଳାହାଣ୍ଡି ଜିଲ୍ଲା ପାଇଁ କେତେ ଅର୍ଥରାଶି ପ୍ରଦାନ କରାଯାଇଛି ଏବଂ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ପାଇଁ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କେଉଁ କେଉଁ ଗ୍ରାମ ପଞ୍ଚାୟତରେ କେଉଁ କେଉଁ ଗ୍ରାମକୁ ପାନୀୟ ଜଳ ଯୋଗାଣ ଯିବ ତାହାର ସମ୍ପୂର୍ଣ୍ଣ ବିବରଣୀ ରଖିବେ କି ଏବଂ ଏହି କାର୍ଯ୍ୟ କେବେ ଶେଷ ହେବ ନିର୍ଦ୍ଦିଷ୍ଟ ଭାବରେ ଜଣାଇବେ କି ; ବିଳମ୍ବ କରୁଥିବା ନିର୍ମାଣକାରୀ ଠିକାଦାର ସଂସ୍ଥା ଉପରେ ବିଭାଗର ଆଭିମୁଖ୍ୟ କଣ ?

----

## ଗ୍ରାମ ପଞ୍ଚାୟତସ୍ତରର ଶ୍ରମିକ ପଞ୍ଜିକରଣ ବ୍ୟବସ୍ଥା

1734 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ః**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଳାହାଣ୍ଡି ଜିଲ୍ଲା ଦାଦନ ପ୍ରବଣ କୋକସରା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳରୁ ଗତ ତିନି ବର୍ଷରେ କେତେ ଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଛନ୍ତି ତାର ତଥ୍ୟ ସରକାର ପାଖରେ ଅଛି କି ଯଦି ହଁ ତାହେଲେ ତାର ବ୍ଲକୱାରୀ ତଥ୍ୟ ଦେବେ କି; (ଖ) ଗ୍ରାମ ପଞ୍ଚାୟତ ସ୍ତରରେ ଶ୍ରମିକ ପଞ୍ଜିକରଣ କରିବାର ବ୍ୟବସ୍ଥା ରାଜ୍ୟ ସରକାର କରିବେ କି ; ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରୁ ଅନ୍ୟ ରାଜ୍ୟକୁ ବା ବିଦେଶକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନଙ୍କର ସଂଖ୍ୟା ଗତ ୫ ବର୍ଷ ମଧ୍ୟରେ ତୁଳନାତ୍ମକ ଭାବରେ ବଢୁଛି କି କମୁଛି, ଏହାବ୍ୟତୀତ ସରକାରଙ୍କର ଅଗୋଚରରେ ଅନେକ ଶ୍ରମିକଙ୍କୁ ଦଲାଲ ଜରିଆରେ ବାହାରକୁ ପଠାଯାଉଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ, ଏହାର ନିରାକରଣ କରିବା ପାଇଁ ସରକାର କି ବ୍ୟବସ୍ଥା କରିବେ ?

----

## L & T ମେଘା ପ୍ରକଳ୍ପ କାର୍ଯ୍ୟକାରୀ

1735 **ଡ଼ଃ ରମାକାନ୍ତ ଭୋଇ (ତିର୍ଲୋଲ)ః**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ୩ ଟି ବ୍ଲକ ବିରିଡ଼ି, ରଘୁନାଥପୁର , ତିର୍ତ୍ତୋଲରେ L & T ର ମେଘା ପ୍ରକଳ୍ପ ଦ୍ୱାରା ଗ୍ରାମାଞ୍ଚଳର pipe ବିଛାଯାଇଥିବା, ଖୋଳା ହୋଇଥିବା ଜାଗା ଗୁଡ଼ିକ ସେହିପରି ପକେଇକି ଖୋଲା ରଖିଛନ୍ତି , ଏହାର Repairing ନ ହେବାର କାରଣ କଣ ; ଏହା ଉଠାଇବା ପର କଥା ଏହାର କାର୍ଯ୍ୟ ହୋଇପାରୁନାହିଁ, ଏହା କାର୍ଯ୍ୟକାରୀ ହେବା ପାଇଁ କି ପଦକ୍ଷେପ ନିଆଯିବ ?

----

## ଜଲଜଲ ଘର ଯୋଜନାରେ ଜଳ ଯୋଗାଣ

1736 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଜିଲ୍ଲାର ଜଲଜଲ ଘର ଯୋଜନାରେ ହିତାଧିକାରୀଙ୍କୁ ଜଳ କେତେ ଯୋଗାଇ ଦିଆଯାଇଛି, କେତେ ବାକିଅଛି, ଏହି ଜଳଯୋଗାଣ ପ୍ରତ୍ୟେକ ଘରକୁ କେବେ ସୁଧା ପହଁଞ୍ଚିବ ?

----

## ଜଙ୍ଗଲ ପୁନଃରୁଦ୍ଧାର ପାଇଁ ଅର୍ଥ ବ୍ୟୟ

1737 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନିର୍ବାଚନ ମଣ୍ଡଳୀ ତିନିଗୋଟି ବ୍ଲକ ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ, ଧର୍ମଗଡ଼ ଜଙ୍ଗଲର ପୁନଃରୁଦ୍ଧାର କରିବା ପାଇଁ କେତେ ଅର୍ଥରାଶି ଖର୍ଚ୍ଚ କରାଯାଇଛି ଓ କେତେ ମଞ୍ଜୁର ହୋଇଛି, କେତେ ବଳକା ରାଶି ଅଛି, ବଳକା ରାଶି ଅର୍ଥକୁ ଖର୍ଚ୍ଚ କରିବାକୁ କଣ ବ୍ୟବସ୍ଥା କରାଯାଉଅଛି ?

----

## ରାଉଲକେଲା ମ୍ୟୁନିସିପାଲଟିକୁ ୨୦୨୪ -୨୫ ରେ ମିଳିଥିବା ରାଶି

1738 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବର୍ତ୍ତମାନ ବଜେଟ୍ ଓ ରାଉରକେଲା ନଗରର ଲୋକାଲ୍ ବଡି ଫାଇନାନ୍ସ ମଧ୍ୟରେ ବିରୋଧାଭାସ ଦୃଷ୍ଟିରୁ, ରାଉରକେଲା ପାଇଁ ହାକିକତରେ କେତେ ଅର୍ଥ ବିନିଯୋଗ ହେଉଛି ତାହା ସରକାର ସ୍ପଷ୍ଟ କରିବେ କି ; (a) "୨୦୨୪-୨୫ ଓଡ଼ିଶା ରାଜ୍ୟ ବଜେଟ ଏନାଲିସିସ୍ ଅନୁଯାୟୀ, ସୋସିଆଲ୍ ୱେଲଫେର୍ ଓ ବୋଷଣର ଖର୍ଚ୍ଚ ପାଇଁ ଦ୍ୱିଗୁଣ ଅଧିକ ବଢ଼ି Rs.28,144 କୋଟି ହୋଇଛି, ଏବଂ ଜଳାପୁରି, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ପାଇଁ ବ୍ୟୟ ହ୍ରାସ-ବୃଦ୍ଧି ହୋଇଛି; ଏହି ଖାତାରୁ ଜାରି ହୋଇଥିବା ଅର୍ଥରୁ ୨୦୨୪-୨୫ ମସିହାରେ ରାଉରକେଲାର ପ୍ରକଳ୍ପମାନଙ୍କୁ (ସ୍ୱାସ୍ଥ୍ୟ, ରାସ୍ତା, ସ୍ମାର୍ଟ ସିଟି) କେତେ ରାଶି ବଣ୍ଟାଯାଇଛି, ବିଭାଗ ଓ ପ୍ରକଳ୍ପଭିତିକ ତାଲିକା ଦେବେ କି; "ରାଉରକେଲା ମ୍ୟୁନିସିପାଲ୍ କର୍ପୋରେଶନର ୨୦୨୪-୨୫ ଅର୍ଥବର୍ଷ ପାଇଁ ପ୍ରକାଶିତ ବଜେଟ୍ ଦଲିଲ ଅନୁଯାୟୀ, ପ୍ରାୟ Rs.୯୦.୨୭ କୋଟି ରେଭେନ୍ୟୁ ରିସିପ ଓ ଅଧିକର ଅର୍ଥ ଜମା ଥିବା ସତ୍ତ୍ୱେ କ୍ୟାପିଟାଲ୍ ବ୍ୟୟ ରୂପେ ଅନେକ ଶହର ଢାଞ୍ଚା ପ୍ରକଳ୍ପ ଶୁନ୍ୟ କିମ୍ବା ବହୁତ କମ ଆବଣ୍ଟିତ ହୋଇଛି ?

----

## ସାମାଜିକ କର୍ମୀମାନେ SIRD ଠାରେ ପ୍ରଶିକ୍ଷଣ

1739 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) 2008, 2012 ଓ 2021-2022 ମସିହାରେ ରାଜ୍ୟ ଗ୍ରାମୀଣ ଉନ୍ନୟନ ସଂସ୍ଥା (SIRD) ପକ୍ଷରୁ ରାଜ୍ୟର 30ଟି ଜିଲ୍ଲାରୁ ଚୟନିତ, ପଞ୍ଚାୟତିରାଜ ପ୍ରଣାଳୀ ସମ୍ପର୍କରେ ଗଭୀର ଜ୍ଞାନ ଓ ଅନୁଭବ ଥିବା ପ୍ରାୟ 400 ରୁ ଅଧିକ ଦକ୍ଷ ସାମାଜିକ କର୍ମୀଙ୍କୁ ସ୍ୱଳ୍ପ ସମୟ ପାଇଁ ଠିକା ଆଧାରରେ ନିୟୋଜିତ କରି PRI ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ଓ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟ ସଫଳତାର ସହିତ ସମାପ୍ତ କରାଯାଇଥିଲା କି ; (ଖ) ଯଦି ହଁ, ତେବେ ବର୍ତ୍ତମାନ ପଞ୍ଚାୟତି ରାଜ ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଓ ମାଇଦାନୀ ଅନୁଭବ ନଥିବା କିଛି ଅଧିକାରୀଙ୍କୁ PRI ପ୍ରଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରାଯାଉଥିବାର ଉଦ୍ଦେଶ୍ୟ ଓ କାରଣ କଣ; ଉକ୍ତ ଦକ୍ଷ ସାମାଜିକ କର୍ମୀମାନଙ୍କ ନିୟୋଜନ ବନ୍ଦ ହେବାରୁ ପ୍ରାୟ ୫୦୦ ପରିବାର ସ୍ୱଳ୍ପ ଆର୍ଥିକ ଲାଭରୁ ବଞ୍ଚିତ ହୋଇ ପରିବାର ଖର୍ଚ୍ଚ ମେଣ୍ଟାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସରକାରଙ୍କ ନିକଟରେ କୌଣସି ତଥ୍ୟ ଅଛି କି; ଯଦି ହଁ, ତେବେ PRI ପ୍ରଶିକ୍ଷଣର ଗୁଣାତ୍ମକତା, ଦକ୍ଷତା ଓ ସାମାଜିକ ନ୍ୟାୟକୁ ଦୃଷ୍ଟିରେ ରଖି ଏହି ଅନୁଭବୀ ସାମାଜିକ କର୍ମୀମାନଙ୍କୁ ପୁନଃ ନିୟୋଜନ କିମ୍ବା ଏକ ସ୍ଥାୟୀ ପ୍ୟାନେଲ ଗଠନ କରିବା ପ୍ରସ୍ତାବ ସରକାର ବିଚାରାଧୀନ ରଖିଛନ୍ତି କି; ଯଦି ନୁହେଁ, ତେବେ ଦକ୍ଷ ଓ ଅନୁଭବୀ ପ୍ରଶିକ୍ଷକମାନଙ୍କୁ ପାଶେ ରଖି ବର୍ତ୍ତମାନ ଅନ୍ୟ ପ୍ରଣାଳୀ ଗ୍ରହଣ କରାଯାଇଥିବାର ସ୍ପଷ୍ଟ ଯୁକ୍ତି ଓ ପାରଦର୍ଶୀ କାରଣ କଣ ଏହାଉପରେ ତଥ୍ୟ ସହିତ ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## R.A. Schemeରେ ନିଯୁକ୍ତି ଦେବା

1740 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟସରକାର ଆଣିଥିବା ଅନୁକମ୍ପାମୂଳକ ନିଯୁକ୍ତି ନୂଆ ନିୟମ (OCS Amendment Rule 2025) ଓ ମାନ୍ୟବର Supreme Court ଙ୍କ ଆଦେଶ ଅନୁସାରେ ୧୨ ସପ୍ତାହ (୩ ମାସ) ରେ କାଗଜପତ୍ର କାମ ସାରିବା ଆଦେଶ ଥିବା ବେଳେ ଇତି ମଧ୍ୟରେ ୭ ରୁ ୮ ମାସ ବିତିଯାଇଅଛି, ରାଜ୍ୟସରକାରଙ୍କ ସମସ୍ତ ବିଭାଗରେ R.A ନିଯୁକ୍ତି ଦିଆଯାଉଥିବା ବେଳେ PR & DW ବିଭାଗ ଅଧିନସ୍ଥ RWS & S ରେ ଆଜି ପର୍ଯନ୍ତ ଗୋଟିଏ ବି ନିଯୁକ୍ତି କଣ ପାଇଁ ହୋଇପାରି ନାହିଁ ତାହାର ଯଥାର୍ଥ ପ୍ରଦାନ କରିବେକି; ଅନୁକମ୍ପା ମୂଳକ ନିଯୁକ୍ତି ପାଇଁ ସ୍ୱତନ୍ତ୍ର Reservation ଥିବା ବେଳେ ନିଯୁକ୍ତି ନ ଦିଆଯାଇ Work Charged Employee ଙ୍କ ସହ ଅନୁବନ୍ଧିତ କରାଯାଇ ଆକ୍ରୋଶମୂଳକ ଭାବରେ ମୃତକ କର୍ମଚାରୀଙ୍କ ପରିବାରକୁ ହଇରାଣ କରାଯାଉନାହିଁ କି; ଏହି ଉପରେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ମୃତ କର୍ମଚାରୀଙ୍କ ପରିବାର ଜଣେ ସଦସ୍ୟକୁ ଯଥା ଶୀଘ୍ର ଏକ ମାସ ମଧ୍ୟରେ ନିଯୁକ୍ତି ଦେବା ନିମନ୍ତେ ବ୍ୟବସ୍ଥା କରିବେକି ?

----

## ମଣିଷ ଓ ପଶୁ ସଂଘର୍ଷ ମୃତ୍ୟୁବରଣ

1741 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ମଣିଷ ଓ ପଶୁ ସଂଘର୍ଷରେ କେତେ ମଣିଷ ଓ କେତେ ପଶୁ ମୃତାହତ ହୋଇଛନ୍ତି ଏବଂ କେତେ ପରିମାଣରେ ଫସଲ ଓ ଅନ୍ୟ ସମ୍ପତ୍ତି ନଷ୍ଟ ହୋଇଅଛି, ତା'ର ବିବରଣୀ ଦେବେ କି ; ଏହି କ୍ଷୟକ୍ଷତି ପାଇଁ କ୍ଷତି ପୂରଣର କି ପ୍ରବଧାନ ରହିଅଛି ଏବଂ ଏହି ସମସ୍ୟାର ସମାଧାନ ପାଇଁ ସରକାର କି କି ପଦକ୍ଷପ ଗ୍ରହଣ କରିଛନ୍ତି ?

----

## ନିମ୍ନମାନର ରାସ୍ତା କାର୍ଯ୍ୟ

1742 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ପୋଡାପଦର ଠାରୁ ତଳଗୁମାଣ୍ଡି ରାସ୍ତା କାମ, ଏଗୀ ମାଙ୍କଡ଼ି ପୋଲ, ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ବଡ଼କେଲାର ଠାରୁ ମହୁଲକଣା ଭାୟା ସାନକେଲାର୍, PWD ରୋଡ଼ ଠାରୁ ମାଣ୍ଡିଆଗୁଡା/ ବଦଳିକୁଡ଼ମା ଓ ମାତାରି ଠାରୁ ଡୁରକାଗୁଡା ପର୍ଯ୍ୟନ୍ତ ଚାଲିଥିବା ରାସ୍ତାର ଉନ୍ନତୀକରଣ ତଥା ନିର୍ମାଣ କାମର ଅଟକଳ ମୂଲ୍ୟ କେତେ ; ଉକ୍ତ ରାସ୍ତା କେଉଁ କେଉଁ ଠିକା ସଂସ୍ଥା କରୁଛନ୍ତି ; ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆଧାରରେ ନିଜେ ସ୍ଥିତି ଅନୁଧ୍ୟାନ କରି ସମ୍ପୃକ୍ତ JE ଏବଂ SE ଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଅତି ନିମ୍ନ ମାନର କାମ କରାଯିବାର କାରଣ କଣ ; ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ RD ବିଭାଗ ଦ୍ୱାରା ହେଉଥିବା ପ୍ରାୟ ସମସ୍ତ କାମ ନିମ୍ନ ମାନର ହେଉଥିବାରୁ ସରକାର ଏଥି ପ୍ରତି ଠୋସ୍ ପଦକ୍ଷେପ ନେବା ସହିତ ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବେ କି ?

----

## ପିସି ରୋକିବା ପାଇଁ ପଦକ୍ଷେପ

1743 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ଆହ୍ୱାନ ଦେଇଥିଲେ ଦୁର୍ନୀତି ମୁକ୍ତ ଓଡିଶା କିନ୍ତୁ ପଞ୍ଚାୟତ ରାଜ ବିଭାଗ ତଥା ବିଶେଷ କରି ବ୍ଲକ ସହିତ ସମ୍ପୃକ୍ତ ସମସ୍ତ ବିଭାଗ ମାନଙ୍କରେ ଉନ୍ନୟନ ମୂଳକ କାମ ବାବଦକୁ ଠିକାଦାର ମାନଙ୍କଠାରୁ ୨୦-୨୫ ପ୍ରତିଶତ ପିସି ନେଉଥିବା ସତ କି ; ଯଦି ହଁ ତାହେଲେ ସେ ଟଙ୍କା କାହା ଖାତାକୁ ଯାଉଛି, କେଉଁ କାମରେ ବିନିଯୋଗ ହେଉଛି, ଏଥି ପାଇଁ ସରକାରଙ୍କ ନିର୍ଦ୍ଦେଶ ଅଛି କି ; ଏହି ପରିପେକ୍ଷୀରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଠିକାଦାର ସମୂହଙ୍କ ବାରମ୍ବାର ଅଭିଯୋଗ ଆଧାରରେ ପିସି ରୋକିବା ପାଇଁ ବାରମ୍ବାର ବ୍ଲକ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ଅଭିଯୋଗ କରିଥିଲେ ସୁଧା କେହି କର୍ଣ୍ଣପାତ ନ କରି ଦୁର୍ନୀତିରେ ଲିପ୍ତ ରହୁଥିବାରୁ ଉକ୍ତ ଅଧିକାରୀଙ୍କ ଉପରେ ସରକାର ଉଚିତ କାର୍ଯ୍ୟାନୁଷ୍ଠାନ ନେବେ କି ?

----

## କାମ୍ପା ଫଣ୍ଡ ଖର୍ଚ୍ଚର guideline

1744 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ପରିମାଣ ବୃଦ୍ଧି, ଜଙ୍ଗଲରେ ବସବାସ କରୁଥିବା ଜୀବଜନ୍ତୁଙ୍କ ସୁରକ୍ଷା ବଂଶବୃଦ୍ଧି ପାଇଁ କି କି ପଦକ୍ଷେପ ନେଉଛନ୍ତି, ପଦକ୍ଷେପ ଗୁଡିକ କେତେ ମାତ୍ରାରେ ଉପଯୋଗୀ ହୋଇପାରିଛି ଉତ୍ତର ଦେବାସହ ଏଥିପାଇଁ କେଉଁ କେଉଁ Head ରେ କେତେ ଅନୁଦାନ ଆସୁଛି ଓ କିପରି ଖର୍ଚ୍ଚ କରାଯାଇଛି ତା'ର ତଥ୍ୟ ଦେବେ କି, ସେହିପରି କେନ୍ଦ୍ର ସରକାର ଦେଉଥିବା କାମ୍ପା ଫଣ୍ଡ କେଉଁପରି ଖର୍ଚ୍ଚ କରାଯାଉଛି ଖର୍ଚ୍ଚ ହେବାର guideline କ'ଣ କହିବେ କି ?

----

## ଜଳ ଦୂଷିତ ହେଉଥିବାରୁ ରକ୍ଷା କରିବା

1745 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରତିବର୍ଷ କେତେ ଗଛ କେଉଁ ଗଛ ସବୁ କେଉଁ ସ୍ଥାନମାନଙ୍କରେ ଲଗାଉଛନ୍ତି; ସେ ବିଷୟରେ ସ୍ପଷ୍ଟ କରିବେ କି; ସେହିଭଳି ନଦୀ, ନାଳ, କେନାଲ, ପୋଖରୀ ଭଳି ବିଭିନ୍ନ ଉତ୍ସ ସେଗୁଡ଼ିକରେ ଜରି, ପ୍ଲାଷ୍ଟିକ ବୋତଲ, ବିଭିନ୍ନ ଜରିଖୋଳ, ଦିଆସିଲି ଖୋଳ ଓ ଅନ୍ୟାନ୍ୟ ଆବର୍ଜନା ସବୁ ପକାଇବା ଦ୍ୱାରା ଜଳ ଦୂଷିତ ହେଉଥିବାରୁ ତାହାର ରକ୍ଷା କିପରି କରାଯିବ ?

----

## ଘରୋଇ ଉଦ୍ୟୋଗମାନଙ୍କରେ ନିଯୁକ୍ତି

1746 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ କାର୍ଯ୍ୟରତ ଘରୋଇ ଉଦ୍ୟୋଗମାନଙ୍କ ମାଧ୍ୟମରେ ବିଗତ ଏକ ବର୍ଷ ମଧ୍ୟରେ କେତେ ଜଣଙ୍କୁ ନିଯୁକ୍ତି ମିଳିଛି, ସେଥିରୁ କେତେ ଜଣ ସ୍ଥାନୀୟ ଓଡ଼ିଆ ଯୁବକ ଯୁବତୀ ଅଟନ୍ତି, ସ୍ଥାନୀୟଙ୍କ ପାଇଁ ନିମ୍ନତମ ନିଯୁକ୍ତି ପ୍ରତିଶତ ସମ୍ବନ୍ଧୀୟ ସରକାରୀ ବ୍ୟବସ୍ଥା କ'ଣ ରହିଛି, (ଖ) ଭଦ୍ରକ ଜିଲ୍ଲାରେ କେଉଁ ସ୍ଥାନରେ ନୂତନ ଘରୋଇ/ Small, Medium Scale ଉଦ୍ୟୋଗ ପାଇଁ ପ୍ରସ୍ତାବ ଗ୍ରହଣ ହୋଇଛି, କେଉଁ ପ୍ରକଳ୍ପ ଅନୁମୋଦିତ, କେଉଁଗୁଡିକ କେବେ ଆରମ୍ଭ ହେବ ଏବଂ ସେଗୁଡିକ ସରକାରୀ ନିୟମାବଳୀ ଅନୁସାରେ କାର୍ଯ୍ୟାନୁଷ୍ଠିତ ହେଉଛି କି; ଏହାର ବିଷଦ ବିବରଣୀ ପ୍ରଦାନ କରିବେ କି ?

----

## ନିର୍ମାଣ ଶ୍ରମିକଙ୍କ ଦୁର୍ଘଟଣା ସହାୟତା ମଞ୍ଜୁରି

1747 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ୨ଟି ଆର୍ଥିକ ବର୍ଷରେ ସମଗ୍ର ରାଜ୍ୟ ତଥା ବାଲେଶ୍ୱର ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ କେତୋଟି ଦୁର୍ଘଟଣା ଘଟିଛି ଓ କେତେ ଜଣ ଶ୍ରମିକ ଆହତ କିମ୍ବା ମୃତ୍ୟୁ ବରଣ କରିଛନ୍ତି, ସେଥିମଧ୍ୟରୁ କେତେ ଜଣ ପଞ୍ଜିକୃତ ନିର୍ମାଣ ଶ୍ରମିକ ଦୁର୍ଘଟଣା ସହାୟତା ପାଇଛନ୍ତି ଓ କେତେଟି ଦୁର୍ଘଟଣା ସହାୟତା ଆବେଦନ ଅସ୍ୱୀକୃତ ହୋଇଛି, ତାହାର କାରଣ ସମ୍ବନ୍ଧରେ ଜଣାଇବେ କି, (ଖ) ଦୁର୍ଘଟଣା ସହାୟତା ମଞ୍ଜୁରି ପାଇଁ ହାରାହାରି କେତେ ଦିନ ସମୟ ଲାଗୁଛି ଓ ଗତ ଦୁଇବର୍ଷରେ ଏହି ବାବଦରେ କେତେ ଅର୍ଥ ରାଶି ପ୍ରଦାନ କରାଯାଇଛି ତାହାର ଜିଲ୍ଲା ୱାରୀ ଏକ ତାଲିକା ପ୍ରଦାନ କରିବା ସହିତ, ନିର୍ମାଣ ଶ୍ରମିକଙ୍କ ପାଇଁ ଦୁର୍ଘଟଣା ସହାୟତା ରାଶି ବୃଦ୍ଧି କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି ?

----

## ବାୟୁ ପ୍ରଦୂଷଣ ରୋକିବାକୁ ପଦକ୍ଷେପ

1748 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବାୟୁ ପ୍ରଦୂଷଣ ବଢ଼ି ଚାଲୁଥିବା ବେଳେ ଗତ ଡିସେମ୍ବର ୨୫ ତାରିଖରେ ବାଲେଶ୍ୱର ଭାରତର ସବୁଠାରୁ ପ୍ରଦୂଷିତ ସହର ଭିତରେ ଆଗରେ ଥିଲା ଏବଂ ବାୟୁର ମାନ ତଥା ଏ.କ୍ୟୁ.ଆଇ ୩୩୮କୁ ଛୁଇଁଥିଲା ଓ ଏହା ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ ହାନିକାରକ ହୋଇଥିବାବେଳେ ହୃଦ୍‌ରୋଗୀ, ଫୁସ୍‌ଫୁସ୍ ରୋଗୀ ଏବଂ ଶ୍ୱାସରୋଗୀଙ୍କ ପାଇଁ କ୍ଷତିକାରକ, ଭାରତର ୧୦ଟି ସର୍ବାଧିକ ବାୟୁ ପ୍ରଦୂଷିତ ସହର ତାଲିକାରେ ଓଡ଼ିଶାର କିଛି ଜିଲ୍ଲା ସ୍ଥାନ ପାଇଆସୁଛି, ଯାହାକି ଜନସାଧାରଣଙ୍କ ପାଇଁ ପ୍ରମୁଖ ଚିନ୍ତାର କାରଣ ପାଲଟିଛି, ତେଣୁ ରାଜ୍ୟରେ ବାୟୁ ପ୍ରଦୂଷଣ କମାଇବା ପାଇଁ ସରକାର କଣ କଣ ପଦକ୍ଷେପ ନେଇଛନ୍ତି ?

----

## ବାରହା ଉପଦ୍ରବ ଯୋଗୁଁ ଫସଲ ନଷ୍ଟ

1749 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ ଥିବା ବେଳେ ବାରହା ଉପଦ୍ରବ ଯୋଗୁଁ ଲୋକଙ୍କ ଫସଲ ନଷ୍ଟ ହେଉଥିବା ଓ କ୍ଷତି ସହୁଥିବା କଥା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି ଛି କି, ଯଦି ହଁ, ତେବେ ବାରହା ଉପଦ୍ରବ, ଫସଲ କ୍ଷତି ରୋକିବା ଓ ଆବଶ୍ୟକ ସ୍ଥଳେ ବାରହାକୁ Vermin (ଭର୍ମିନ୍) ଘୋଷଣା କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଚିଲିକା ହ୍ରଦରେ house boat ପର୍ଯ୍ୟଟନ ବା cruise ଆରମ୍ଭ

1750 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନ ବିକାଶ ପାଇଁ ଅନେକ ସୁଯଗ ଥିବା ଯଥା ଚିଲିକା ହ୍ରଦ ସମେତ ବିଶାଳ ସମୁଦ୍ର ତଟ, ଧର୍ମୀୟ ପର୍ଯ୍ୟଟନ ସ୍ଥଳୀକୁ ବିକାଶ କରି ପର୍ଯ୍ୟଟନ କ୍ଷେତ୍ରରେ ଆଗୁଆ କରିବା ପାଇଁ ବିଶେଷ ପଦକ୍ଷେପ ନେବେ କି, ଏଥିପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିବେ କି, ଚିଲିକା ହ୍ରଦରେ house boat ପର୍ଯ୍ୟଟନ ବା cruise ଆରମ୍ଭ ପାଇଁ ସରକାରଙ୍କ କିଛି ଯୋଜନା ରହିଛି କି, ଯଦି ହଁ ତେବେ ଏହା କେବେ ସୁଦ୍ଧା ଆରମ୍ଭ ହେବ ଓ ଏହାର ବର୍ତ୍ତମାନର ସ୍ଥିତି କଣ ?

----

## Eco-tourism ପାଇଁ ଯୋଜନା

1751 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲାରେ Eco-tourism ପ୍ରୋତ୍ସାହନ ପାଇଁ ସରକାରଙ୍କ ଯୋଜନା କଣ, ଏହାଦ୍ୱାରା ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଆର୍ଥିକ ବିକାଶ କିପରି ହେଉଛି ଏବଂ ଗତ ତିନି ବର୍ଷରେ ଏହାର ଆୟ କେତେ ?

----

## Eco-tourism ର ବିକାଶ

1752 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲାରେ Eco-tourism ଆଦିବାସୀ ପର୍ଯ୍ୟଟନ ବିକାଶ ପାଇଁ ରାଜ୍ୟ ସରକାରଙ୍କ Eco-tourism road map ଅନୁସାରେ କେଉଁ କେଉଁ ପ୍ରକଳ୍ପ ମଞ୍ଜୁର ହୋଇଛି ଓ କେତେ ଅର୍ଥ ବର୍ଣ୍ଣନା ବ୍ୟୟ ବରାଦ ହୋଇଛି, ଏହାର ପ୍ରଗତି କେତେ ?

----

## ରାଜ୍ୟ ସରକାରଙ୍କୁ କେନ୍ଦ୍ର ଠାରୁ ମନରେଗା ଯୋଜନା ଦ୍ୱାରା ମିଳିଥିବା ଅନୁଦାନ

1753 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ର ସରକାର ୨୦୨୪-୨୫ ଏବଂ ୨୦୨୫-୨୬ ରେ ମନରେଗାରେ ରାଜ୍ୟ ସରକାରଙ୍କୁ ମୋଟ କେତେ ଅନୁଦାନ ପ୍ରତିବର୍ଷ ଦେଇଛନ୍ତି ଏବଂ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଙ୍କ କେତେ ଥିଲା ଏବଂ ଏହା ଦ୍ୱାରା ମୋଟ କେତେ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା ଏହାର ଜିଲ୍ଲାୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ଜି ରାମ ଜି ରେ କେନ୍ଦ୍ର ସରକାର ୨୦୨୬-୨୭ରେ କେତେ ଅନୁଦାନ (Budget) ରଖିଛନ୍ତି ଏବଂ ରାଜ୍ୟର ଅନୁପାତ କେତେ, ମନରେଗା ଏବଂ ଜି ରାମ ଜି ର କାର୍ଯ୍ୟ କରିବା ଏବଂ ଖର୍ଚ୍ଚ କରିବାର ନିତିନୀୟମ କଣ ?

----

## Saw mills are running in Jemadei Industrial Estate Khurda

1754 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many small scale Industries particularly saw mills are running in Jemadei Industrial Estates, Khurda and how many plots have yet been vacated and and how many saw mills are actually functioning with names fallates ?

----

**Functioning of Saw mills**

1755 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many saw mills are functioning as well as in the state, will the govt. to supply the list of closed of functional of saw mills (districtwise) with names of entrepreneurs by 31st December, 2025 ?

----

**ସହରାଞ୍ଚଳ ଉନ୍ନତୀ ଯୋଜନାରେ ଆଲୋକୀକରଣ**

1756 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ଵାଇଁ (ଖଣ୍ଡପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିନ କଣ୍ଟିଲୋ ପର୍ଯ୍ୟଟନ କ୍ଷେତ୍ର ତଥା ଭାପୁର ହେଡ କ୍ୱାଟର୍ସକୁ ଏନ.ଏ.ସି ମାନ୍ୟତା ପାଇଁ ବିଚାରଧିନ ଥିବା ପ୍ରସ୍ତାବ ସ୍ୱିକୃତି ପାଇବାକୁ ପଦକ୍ଷେପ ନିଆଯିବ କି, ଯଦି ହଁ, ତେବେ କେବେ ସୁଦ୍ଧା ଏହି ଦୁଇଟି ଏନ.ଏ.ସି ର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ଜଣାଇବେ କି, (ଖ) ସହରାଞ୍ଚଳ ଉନ୍ନତି ଯୋଜନାରେ ଅଧିକ ଆଲୋକୀକରଣ ପାଇଁ ଖଣ୍ଡପଡା ଏନ.ଏ.ସି. କୁ ଅନୁଦାନ ପ୍ରଦାନ କରାଯିବ କି ?

----

**ପାନୀୟ ଜଳ ପ୍ରକଳ୍ପର ରକ୍ଷଣା ବେକ୍ଷଣ**

1757 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାକାଳପଡା ନିର୍ବାଚନ ମଣ୍ଡଳୀର ବିବିନ୍ନ ସ୍ଥାନରେ ପାନୀୟ ଜଳ ନିମନ୍ତେ ଲୋକମାନେ ବିବିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଆଗକୁ ଖରାଦିନ ଆସୁଥିବାରପ ସରକାର ଏଥିପାଇଁ ନଳକୂପ ଓ ପାନୀୟ ଜଳ ଯୋଗାଉଥିବା ଟ୍ୟାଙ୍କର ସଂଖ୍ୟା ବୃଦ୍ଧି କରିବା ସହିତ ପାଇପ ଯୋଗେ ପାନୀୟ ଜଳ ଯୋଗାଉଥିବା ପ୍ରକଳ୍ପ ଗୁଡିକର ରକ୍ଷଣା ବେକ୍ଷଣ (ମରାମତି) କରିବା ପାଇଁ ପଦକ୍ଷେପ ନେବେ କି ?

----

**ଗ୍ରାମ୍ୟ ଉନ୍ନୟନ ରାସ୍ତା ମରାମତି**

1758 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାକାଳପଡା ନିର୍ବାଚନ ମଣ୍ଡଳୀରେ କେତେ କି.ମି. ଗ୍ରାମ୍ୟ ଉନ୍ନୟନ ରାସ୍ତା (R.O. Road) ଅଛି ତନ୍ମଧ୍ୟରୁ ଚଳିତବର୍ଷ ବର୍ଷରେ କେତେ କି.ମି. ରାସ୍ତା ନଷ୍ଟହୋଇ ଖାଲଖମା ହୋଇଯାଇଛି ଓ ସେଗୁଡିକ ମରାମତି ପାଇଁ କି କି ପଦକ୍ଷେପ ନଉଛନ୍ତି ?

----

## ହଦଗଡ ପର୍ଯ୍ୟଟନ ସ୍ଥଳୀକୁ ଇକୋ ଟୁରିଜିମ୍ ଘୋଷଣା

1759 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ଉପଖଣ୍ଡରେ ଅବସ୍ଥିତ ହଦଗଡ ପର୍ଯ୍ୟଟନ ସ୍ଥଳୀକୁ ପୂର୍ବ ସରକାର ଇକୋ ଟୁରିଜିମି ପାଇଁ ଘୋଷଣା କରିଥିଲେ ଏବେ ଏହାର ସ୍ଥିତି କଣ ,ଓଡିଶା ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ହଦଗଡ ବୁଲିବା ପାଇଁ ଆସିଥାନ୍ତି କିନ୍ତୁ ପର୍ଯ୍ୟଟକଙ୍କ ପାଇଁ ଏଠାରେ ରହିବାର କୌଣସି ବ୍ୟବସ୍ଥା ନାହିଁ କି ଶୌଚାଳୟ,ପାନୀୟ ଜଳର ବ୍ୟବସ୍ଥା ନାହିଁ ଯାହା ଦ୍ଵାରା ପର୍ଯ୍ୟଟକ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସରକାର ଏଦିଗରେ ସ୍ଵତନ୍ତ୍ର ପଦକ୍ଷେପ ନେବେ କି, ହଦଗଡର ଆକର୍ଷଣୀୟତା ବୃଦ୍ଧି ସହ ଏହାର ବିକାଶ ଦିଗରେ ସରକାର କଣ ପଦକ୍ଷେପ ନେଉଛନ୍ତି ଜଣାଇବେ କି ?

----

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ

1760 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାକୁ କେନ୍ଦ୍ର ସରକାର ଗତ 2024-25 ଆର୍ଥିକ ବର୍ଷରେ ଓ ଚଳିତ ଆର୍ଥିକ ବର୍ଷ (2025-26) ଆଜିପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ କେତେ ଅର୍ଥ ଦେଇଛନ୍ତି ଓ ସେହି ସବୁ ଅର୍ଥରେ କେତୋଟି ନୂତନ ରାସ୍ତା କେତେ କି.ମି. ରାସ୍ତା ନିର୍ମାଣ ହୋଇଛି ?

----

## ଗ୍ରାମ ଓ ପଡା ଗ୍ରାମକୁ ପାନୀୟ ଜଳ ଯୋଗାଣ

1761 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଜପତି ଜିଲ୍ଲା ମୋହନା ନିର୍ବାଚନ ମଣ୍ଡଳୀରେ ବ୍ଳକର କେଉଁ କେଉଁ ଗ୍ରାମ ଓ ପଡା ଗ୍ରାମକୁ ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇନାହିଁ ପ୍ରକାଶ କରି ଚଳିତ ଗ୍ରୀଷ୍ମ ଋତୁ କୁ ଦୃଷ୍ଟିରେ ରଖି ସେହି ଗ୍ରାମ ଗୁଡିକୁ ପାଇପ ଦ୍ଵାରା ଜଳ ଯୋଗାଣ କୁ ସଂମ୍ପ୍ରସାରଣ ପାଇଁ କି କି ବାସ୍ତବ ପଦକ୍ଷେପ ନେବେ ସେ ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବା ସହ ବିସୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

## FLY ASH Disposal ପାଇଁ ଜାଗା ଚିହ୍ନଟ

1762 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ଜିଲ୍ଲାର ହେମଗିରି ବ୍ଲକ ଅନ୍ତର୍ଗତ ସାନବାଲିଚୁଆଁ ଗ୍ରାମ ଏବଂ ସବଡେଗା ବ୍ଲକ ଅନ୍ତର୍ଗତ ପେରୁଭାଡି ଗ୍ରାମ ଠାରେ NTPC ତରଫରୁ FLY ASH DISPOSAL ପାଇଁ ଜାଗା ଚିହ୍ନଟ କରି ପ୍ରସ୍ତାବ ଦିଆଯାଇଛି କି, ଯଦି ହଁ ତେବେ ଏଠାରେ ଥିବା ଗ୍ରାମ (ନିଟକସ୍ଥ) ଗୁଡିକର ବାୟୁମଣ୍ଡଳ ପ୍ରଦୂଷିତ ହେବା ସଂଗେ ସଙ୍ଗେ ଉକ୍ତ ଗ୍ରାମବାସୀମାନେ ପ୍ରଦୂଷଣ ହେତୁ ପାନୀୟ ଜଳ, କୃଷି କାର୍ଯ୍ୟ ଏବଂ ସ୍ୱାସ୍ଥ୍ୟ ସମସ୍ୟା ରେ ପ୍ରଭାବିତ ହେବା ବିଷୟରେ ଅବଗତ ଅଛନ୍ତି କି, ତେଣୁ ଉକ୍ତ ସ୍ଥାନମାନଙ୍କରେ କୃଷି ର ସୁବିଧା ନିମନ୍ତେ FLY ASH DISPOSAL ପରିବର୍ତ୍ତେ ଉଠା ଜଳସେଚନ ପ୍ରକଳ୍ପ (LIFT IRRIGATION PROJECT) ସ୍ଥାପନ କରିବା ପାଇଁ ପଦକ୍ଷେପ ନେବେ କି ?

----

## କାରଖାନାରେ ସ୍ଥାନୀୟ ନିଯୁକ୍ତି

1763 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କାରଖାନାରେ ୮୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଦିଆଯିବା ଘୋଷଣା ପରିପ୍ରେକ୍ଷୀରେ ଏହାକୁ ବାସ୍ତବ ରୂପ ଦେବା ପାଇଁ ସରକାର ଚଳିତ ଅଧିବେଶନରେ କୌଣସି ସ୍ୱତନ୍ତ୍ର ବିଲ୍ କିମ୍ବା ସଂକଳ୍ପ ଆଣିବାକୁ ପ୍ରସ୍ତାବ ରଖିଛନ୍ତି କି, ଯଦି ହଁ, ଏହି ନିୟମଟି କେବଳ ନୂତନ କାରଖାନା ପାଇଁ ଲାଗୁ ହେବ ନା ବର୍ତ୍ତମାନ ଉତ୍ପାଦନ ଚାଲିଥିବା ଶିଳ୍ପ ଗୁଡ଼ିକ ପାଇଁ ମଧ୍ୟ ବାଧ୍ୟତାମୂଳକ ରହିବ, ସେ ବିଷୟରେ ସ୍ପଷ୍ଟ କରିବେ କି ; (ଖ) ଯଦି କୌଣସି କମ୍ପାନୀ ଏହି ନିୟମ ଉଲଂଘନ କରିବେ, ସେମାନଙ୍କ NOC ରଦ୍ଦ କରିବା ପାଇଁ ସାଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରାଯାଇଛି କି, ରାୟଗଡ଼ା ଜିଲ୍ଲାରେ ଥିବା ଶିଳ୍ପ ଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିର ସ୍ଥିତି ଯାଞ୍ଚ କରିବା ପାଇଁ ବିଧାନସଭାର କୌଣସି ସାଂସଦୀୟ କମିଟି ଗଠନ କରିବାକୁ ସରକାରଙ୍କର ପ୍ରସ୍ତାବ ଅଛି କି, ଯଦି ହଁ, ତେବେ ଜିଲ୍ଲା ସ୍ତରରେ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୌଣସି ସ୍ୱତନ୍ତ୍ର ସମୀକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି କି ?

----

## ଅଚଳ ନଳକୂପ ସଜାଡିବା

1764 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଏବେ ବସ୍ତା ନିର୍ବାଚନ ମଣ୍ଡଳୀର ବହୁ ନଳକୂପ ଅଚଳ ହୋଇ ଯାଉଛି, କିଛି ସ୍ଥାନରେ ଦୁଇ ବର୍ଷ ତଳେ ଗ୍ରାମ୍ୟ ଜଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ଓଭରହେଡ ପାଣି ଟାଙ୍କି ନିର୍ମାଣ ପାଇଁ ବୋରିଂ ହୋଇ ପାଇପ ବିଛାଯାଇଥିଲା କିନ୍ତୁ କାମ ସମ୍ପୂର୍ଣ୍ଣ ନହେବା ଫଳରେ ଜନସାଧାରଣ ହଇରାଣ ହେଉଛନ୍ତି ତେଣୁ ଖରାଦିନ ପୂର୍ବରୁ ପିଇବା ପାଣି ଯୋଗାଇଦେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ବିଭାଗ ପକ୍ଷରୁ ଅଚଳ ନଳକୂପ ସଜାଡ଼ିବା ଏବଂ ବୋରିଂ ହୋଇ ପାଇପ ବିଛାଯାଇଥିବା କାର୍ଯ୍ୟ ଗୁଡ଼ିକୁ ସମାପ୍ତ କରିବାକୁ ପଦକ୍ଷେପ ନେବେ କି ?

----

## ହନୁମନ୍ତିଆ MIP ପ୍ରକଳ୍ପ ଇକୋ ପର୍ଯ୍ୟଟନ ମାନ୍ୟତା

1765 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ଓ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସିମାନ୍ତରେ ଅବସ୍ଥିତ ହନୁମନ୍ତିଆ MIP ପ୍ରକଳ୍ପ ଭୌଗଳିକ ଦୃଷ୍ଟି କୋଣରୁ ପାହାଡ, ପର୍ବତ ପ୍ରକୃତିକ ପରିବେଶରେ ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ମଣ୍ଡନ କରିଛି, ଉକ୍ତ MIP ପ୍ରକଳ୍ପ 16 ନମ୍ବର ଜାତୀୟ ରାଜପଥ ଠାରୁ 3 K.M. ଦୂରରେ ଅବସ୍ଥିତ ଏଠାକୁ ଚର୍ତୁପାର୍ଶ୍ୱରୁ ଯାତାୟତ ପଥ ମଧ୍ୟ ଅଛି ଉକ୍ତ MIP ପ୍ରକଳ୍ପକୁ ଇକୋ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ସହିତ ଏହାର ଉର୍ଣ୍ଣତୀ କରଣ ପାଇଁ ସରକାର ପଦକ୍ଷେପ ନେବେ କି ?

----

## ବନାଞ୍ଚଳ ଦ୍ୱାରା T.T. ପରମିଟ୍ ପ୍ରଦାନ

1766 **ଶ୍ରୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ (ଜି.ଉଦୟଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଫୁଲବାଣୀ ରାଜସ୍ୱ ବିଭାଗ ଖାତାରେ ଥିବା ଜାଗା ଉପରେ ବିପଦ ଶଙ୍କୁଳ ଅବସ୍ଥାରେ ଥିବା ସୁଖିଲା ଓ ମୃତ ଗଛ ଗୁଡିକୁ ତହସିଲଦାର ଫୁଲବାଣୀ (Tahashil Accounts Mannual) ର ଧାର 59 ଓ 55 ପ୍ରକାରେ ନିଲାମ ମାଧ୍ୟମରେ ବିକ୍ରୟକରି ଅଛନ୍ତିକି କିନ୍ତୁ ଫୁଲବାଣୀ ବନାଞ୍ଚଳ ଅଧିକାରି ନିଲାମଧାରିଙ୍କୁ (Forest Conservation Act.) 1980 ର ଉଲ୍ଲଘଂନ ଦର୍ଶାଇ କାଠ ଉଠାଇବା ପାଇଁ ଅନୁମତି ଦେଉ ନାହାନ୍ତି କି ଯଦି ହଁ ଏହା ଆଇନ ବିରୋଧ କରୁଅଛି, ଯଦି ଏହି କ୍ଷେତ୍ରରେ (Forest Conservation Act.) 1980 ର ଉଲ୍ଲଘଂନ ହୋଇଅଛି ତେବେ ଫୁଲବାଣୀ ବନାଞ୍ଚଳ ଅଧିକାରି କେଉଁ ଆଧାରରେ O.F.D.C କୁ T.T. ପରମିଟ୍ ମାଧ୍ୟମରେ କାଠ ପ୍ରଦାନ କରୁଅଛନ୍ତି, ଫୁଲବାଣୀ ବନାଞ୍ଚଳ ଅଧିକାରି ଗତ ଦୁଇବର୍ଷ ମଧ୍ୟରେ କେତୋଟି T.T. ପରମିଟ୍ ପ୍ରଦାନ କରିଅଛନ୍ତି ଏବଂ Forest Conservation Act. 1980 ପ୍ରକାରେ କେନ୍ଦ୍ର ସରକାରଙ୍କ ଠାରୁ କେତୋଟି ଅନୁମତି ପତ୍ର ପ୍ରାପ୍ତି କରିଛନ୍ତି ?

----

## ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ଯୋଜନା ପାଇଁ ଅର୍ଥ ଖର୍ଚ୍ଚ

1767 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର BGVO ଯୋଜନା 2024-25 ଏବଂ 2025-26 ଆର୍ଥିକ ବର୍ଷରେ ଜିଲ୍ଲାୱାରୀ କେତେ ଅର୍ଥ ମଞ୍ଜୁର କରିଥିଲେ ତାର ତାଲିକା ପ୍ରଦାନ କରିବେ କି, ଆବଣ୍ଟିତ ଅର୍ଥରେ ଜଗତସିଂହପୁର ଜିଲ୍ଲାରେ କେଉଁ କେଉଁ କାର୍ଯ୍ୟ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ?

----

## ନୀଳଗିରି NAC କୁ ମ୍ୟୁନିସିପାଲିଟିରେ ଉନ୍ନୀତ

1768 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ (NAC) କୁ ମ୍ୟୁନିସିପାଲିଟିରେ ଉନ୍ନତି କରିବା ପାଇଁ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ବୈଷୟିକ ପଦକ୍ଷେପ (Technical Steps) ଗ୍ରହଣ କରିଛନ୍ତି, (ଖ) ଉକ୍ତ ଉନ୍ନତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପାଇଁ କେତେ ସମୟ ସୀମା ଧାର୍ଯ୍ୟ କରାଯାଇଛି ?

----

## ବନ୍ୟଜନ୍ତୁ ଗଣନା

1769 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବନ୍ୟ ଜନ୍ତୁ ଗଣନା ଅନୁସାରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ବାଘ, ହାତୀ ଓ କେତେ ସଂଖ୍ୟକ ଭାଲୁ ଅଛନ୍ତି ଏବଂ ରାଜ୍ୟର କେଉଁ ଜିଲ୍ଲାର କେଉଁ ଜଙ୍ଗଲରେ ଅଛନ୍ତି ; (ଖ) ଉପରୋକ୍ତ ବନ୍ୟ ଜନ୍ତୁଙ୍କ ସୁରକ୍ଷା ନିମନ୍ତେ ବିଭାଗ ତରଫରୁ କେତେ କର୍ମଚାରୀ ଆବଶ୍ୟକତା ଥିଲା ବେଳେ କେତେ କର୍ମଚାରୀ ବର୍ତ୍ତମାନ ଅଛନ୍ତି?

----

## ପୋଲର ନିର୍ମାଣ କାର୍ଯ୍ୟ

1770 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ 2022-2023, 2023-2024 ଓ 2024-2025 ରେ କେତୋଟି ପୋଲ କେଉଁ କେଉଁ ସ୍ଥାନରେ ନିର୍ମାଣ କରିଛନ୍ତି ; ସେଥିମଧ୍ୟରୁ କେତେଗୋଟି ପୋଲର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲାଣି ଏବଂ କେତେଗୋଟି ପୋଲର ନିର୍ମାଣ କାର୍ଯ୍ୟ ଚାଲୁଅଛି ; (ଖ) ଚଳିତ ବର୍ଷ କେତେଗୋଟି ପୋଲ ନିର୍ମାଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅନୁମୋଦନ କରିଛନ୍ତି ଏବଂ ସେଗୁଡିକ କେଉଁ ବ୍ଲକ ଓ କେଉଁ ପୌରାଞ୍ଚଳରେ ପୋଲ ନିର୍ମାଣ କରାଯିବ?

----

## Overhead Tank ନିର୍ମାଣ

1771 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦୁଝର ଜିଲ୍ଲାରେ ଗତ 2022-2023, 2023-2024 ଓ 2024-2025 ରେ କେତେଗୋଟି ଗଭୀର ନଳକୂପ (Deep Bore well) ସହିତ କେତେଗୋଟି Overhead Tank ନିର୍ମାଣ କରି ଲୋକଙ୍କୁ ପାନୀୟ ଜଳ ଯୋଗାଉଛନ୍ତି ; (ଖ) ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାର କେଉଁ କେଉଁ ଠାରେ ଗଭୀର ନଳକୂପ ସହିତ Overhead Tank ନିର୍ମାଣ କରିବା ପାଇଁ ଅନୁମୋଦନ ହୋଇଅଛି ଏବଂ କେବେ ସୁଦ୍ଧା ଏହି କାର୍ଯ୍ୟ କରାଯିବ ବା କରିବା ପାଇଁ ଯାଉଛନ୍ତି?

----

## ଉଠା ଜଳସେଚନ ପଏଣ୍ଟର ସଂଖ୍ୟା

1772 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାରେ କେତେଗୋଟି ଉଠା ଜଳସେଚନ ପଏଣ୍ଟ (Lift Irrigation Point) ନିର୍ମାଣ କରିଛନ୍ତି ; ସେଥିମଧ୍ୟରୁ କେତେଗୋଟି ଚଳ ଚଞ୍ଚଳ ଅଛି ଏବଂ କେତେଗୋଟି ଅଚଳ ଅବସ୍ଥାରେ ଅଛି ସେଗୁଡିକୁ ଚଳ ଚଞ୍ଚଳ କଲେ ରବି ଚାଷରେ ସହାୟକ ହେବ ; ତେଣୁ ସେଗୁଡିକୁ କେବେ ସୁଦ୍ଧା ଚଳ ଚଞ୍ଚଳ କରିବେ ; (ଖ) ଚଳିତ ବର୍ଷ ଜିଲ୍ଲାରେ କେତେଗୋଟି ଉଠା ଜଳସେଚନ କରିବା ପାଇଁ ସରକାର ଅନୁମୋଦନ କରିଛନ୍ତି ସେଗୁଡିକ କେଉଁ ବ୍ଲକର କେଉଁ ଗାଁରେ କରାଯିବ?

----

## ସିଭିଲ ୱାର୍କ କରିବା ନିମନ୍ତେ ନିୟୋଜନ

1773 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ କେତେଜଣ ଶ୍ରମିକ ସିଭିଲ ୱାର୍କ (କୋଠା ଘରରେ କିମ୍ବା ରାସ୍ତା ଘାଟରେ) କରିବା ନିମନ୍ତେ ନିୟୋଜିତ ଅଛନ୍ତି ସେଥିମଧ୍ୟରୁ କେତେ ଜଣଙ୍କର ବୀମାଭୁକ୍ତ ହୋଇଅଛି ଏବଂ କେତେ ଜଣଙ୍କର ବୀମାଭୁକ୍ତ ହୋଇନାହିଁ ; ଯଦି ହୋଇନାହିଁ, ସେମାନଙ୍କର ବୀମାଭୁକ୍ତ କେବେ ସୁଦ୍ଧା କରିବେ?

----

## କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟ ପ୍ରତିଷ୍ଠା

1774 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ବହୁ ସଂଖ୍ୟକ ଶିଳ୍ପସଂସ୍ଥା ଗଢି ଉଠିଥିବା ବେଳେ ଏଠାରେ ହଜାର ହଜାର ଶ୍ରମିକ କାର୍ଯ୍ୟରତ ଅଛନ୍ତି ; ସେହି ଶ୍ରମିକମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ ରାଜ୍ୟସରକାର ଏଠାରେ ଏକ କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଜରାଜୀର୍ଣ୍ଣ ରାସ୍ତାର ପୁନଃନିର୍ମାଣ

1775 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ମୋଟ କେତେ କିଲୋମିଟର ଗ୍ରାମ୍ୟ ଉନ୍ନୟନ ରାସ୍ତା ଥିବା ବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ; ଏହି ଜରାଜୀର୍ଣ୍ଣ ରାସ୍ତାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଉଦ୍ୟୋଗଗୁଡିକୁ ଲାଭଜନକ କରିବାକୁ ପଦକ୍ଷେପ

1776 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା କେଉଁ କେଉଁ ସରକାରୀ ଉଦ୍ୟୋଗ ମଧ୍ୟରୁ କେଉଁଗୁଡିକ ଲାଭରେ ଚାଲୁଛି ଓ କେଉଁଗୁଡିକ କ୍ଷତିରେ ଚାଲୁଛି ; କ୍ଷତିରେ ଚାଲୁଥିବା ଉଦ୍ୟୋଗଗୁଡିକୁ ଲାଭଜନକ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ସମସ୍ତ ଶ୍ରମିକଙ୍କୁ ESI ସୁଯୋଗ ପ୍ରଦାନ

1777 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଥିବା ଶିଳ୍ପ ସଂସ୍ଥା, ଉଦ୍ୟୋଗମାନଙ୍କରେ କେତେ ଶ୍ରମିକ ନିୟୋଜିତ ଅଛନ୍ତି ; ତନ୍ମଧ୍ୟରୁ କେତେଜଣଙ୍କୁ କର୍ମଚାରୀ ରାଜ୍ୟ ବୀମାଭୁକ୍ତ କରାଯାଇଛି ; ସମସ୍ତ ଶ୍ରମିକଙ୍କୁ ESI ସୁଯୋଗ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ରାସ୍ତା ପାର୍ଶ୍ୱ ବନୀକରଣ

1778 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ପଥପାର୍ଶ୍ୱ ବନୀକରଣ ଯୋଜନାରେ କେଉଁ କେଉଁ ରାସ୍ତା ପାର୍ଶ୍ୱ ବନୀକରଣ କରାଯାଇଛି ଓ ସମସ୍ତ ରାସ୍ତା ପାର୍ଶ୍ୱ ବନୀକରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ମଞ୍ଜୁର ଅର୍ଥର ପରିମାଣ

1779 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାର କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟର ସଂପ୍ରସାରଣ ଓ ମରାମତି ପାଇଁ କେତେ ଅର୍ଥ କେନ୍ଦ୍ର ସରକାର କେଉଁ କେଉଁ ବାବଦରେ ମଂଜୁର କରିଥିବା ବେଳେ ତନ୍ମଧ୍ୟରୁ 7୪ କୋଟି ଟଙ୍କା ବିନିଯୋଗ ନହୋଇ ପଡିରହିଥିବା ସତ୍ୟ କି ; ଏହାର ତୁରନ୍ତ ବିନିଯୋଗ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପଞ୍ଚାୟତ କାର୍ଯ୍ୟାଳୟକୁ ଗୋଟିଏ ରଙ୍ଗରେ ରଙ୍ଗାୟିତ ପାଇଁ ପ୍ରସ୍ତାବ

1780 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟକୁ ଗୋଟିଏ ରଙ୍ଗରେ ରଙ୍ଗାୟିତ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ବସ୍ତି ବାସିନ୍ଦାଙ୍କୁ ଜମିର ପଟ୍ଟା ପ୍ରଦାନ

1781 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ମହାନଗର ନିଗମର ବାଲିସାହି ଓ ନୀମପୁର ବସ୍ତି ସହ ଅନ୍ୟ ବସ୍ତିମାନଙ୍କରେ ବସ୍ତି ବାସିନ୍ଦାମାନଙ୍କୁ 15/15 ଫୁଟ ଜାଗା ସହ Land Record Certificate (LRC) ଦିଆଯାଇଥିବା ବେଳେ ସେହି ଜମିର ପଟ୍ଟା ଦେବା ପାଇଁ ହୋଇଥିବା ନୀତିଗତ ନିଷ୍ପତ୍ତିର କାର୍ଯ୍ୟକାରୀତା ପାଇଁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ କି?

----

## ଝାଉଁ ଜଙ୍ଗଲ ସୃଷ୍ଟି ପାଇଁ ପ୍ରସ୍ତାବ

1782 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସହର ଚତୁଃପାର୍ଶ୍ୱରେ ନଦୀକୂଳରେ ଝାଉଁ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଅତିଥିଭବନ ମହାପୁରୁଷଙ୍କ ନାମରେ ନାମିତ ପାଇଁ ପ୍ରସ୍ତାବ

1783 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରତି ବ୍ଲକ ସଦର ମହକୁମାରେ ଏକ ଦୁଇ ପ୍ରକୋଷ୍ଠ ବିଶିଷ୍ଟ ଅତିଥିଭବନ ମହାପୁରୁଷଙ୍କ ନାମରେ ନାମିତ ପାଇଁ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ମୃତ୍ୟୁବରଣ କରିଥିବା ହାତୀଙ୍କ ସଂଖ୍ୟା

1784 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦେଢବର୍ଷ ମଧ୍ୟରେ ରାଜ୍ୟରେ କେତେ ହାତୀ କେଉଁ କାରଣରୁ ମୃତ୍ୟୁବରଣ କରିଛନ୍ତି ; ଏଥିପାଇଁ ଦାୟୀ କିଏ ; ଦୋଷୀଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## କ୍ଷତିରେ ଚାଲୁଥିବା ଉଦ୍ୟୋଗ ସମ୍ପର୍କରେ

1785 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ କାରଣରୁ ସରକାରୀ ଉଦ୍ୟୋଗ କ୍ଷତିରେ ଚାଲୁଛି ; ତାହାର ଏକ ତାଲିକା ପ୍ରଦାନ କରିବେ କି ; କାହିଁକି ଓ କେଉଁ କାରଣରୁ ଏହି ଉଦ୍ୟୋଗଗୁଡିକ କ୍ଷତିରେ ଚାଲୁଛି ଓ ଏଥିପାଇଁ ଦାୟୀ କିଏ?

----

## ଗ୍ରାମକୁ ମୁଖ୍ୟ ରାସ୍ତା ସଂଯୋଗ

1786 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ୍ ସୁଦ୍ଧା କେତୋଟି ଗ୍ରାମକୁ ମୁଖ୍ୟ ରାସ୍ତା ସଂଯୋଗ ହୋଇନାହିଁ, ତାହାର ଜିଲ୍ଲାୱାରି ଏକ ତାଲିକା ପ୍ରଦାନ କରିବେ କି, ବିଶେଷ କରି କୋରାପୁଟ ଜିଲ୍ଲାରେ ଏହି ସଂଖ୍ୟା କେତେ, କେଉଁ ପରିସ୍ଥିତିରେ ଏହି ସବୁ ଗ୍ରାମ ଅବହେଳିତ ଅବସ୍ଥାରେ ଅଛି, କେବେ ସୁଦ୍ଧା ସବୁ ଗ୍ରାମକୁ ରାସ୍ତା ନିର୍ମାଣ ହେବ ?

----

## ଅନୁବନ୍ଧିତ ବୀମା କମ୍ପାନୀ

1787 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରଚଳିତ ବିଭିନ୍ନ ସରକାରୀ ଯୋଜନାର ସୁପରିଚାଳନା ପାଇଁ କେଉଁ କେଉଁ ବୀମା କମ୍ପାନୀ ସହ ସରକାରୀ ଅନୁବନ୍ଧିତ, ଏଥିପାଇଁ ବୀମା କମ୍ପାନୀ ଗୁଡ଼ିକୁ ବାର୍ଷିକ କେତେ ଅର୍ଥ ପ୍ରଦାନ କରାଯାଉଛି, ଗତ ୫ ବର୍ଷ ମଧ୍ୟରେ ବୀମା କମ୍ପାନୀ ଗୁଡ଼ିକୁ ରାଜ କୋଷରୁ କେତେ ଅର୍ଥ ପ୍ରଦାନ କରାଯାଉଛି ଏବଂ କେତେ ହିତାଧିକାରୀ କିଭଳି ଉପକୃତ ହୋଇଛନ୍ତି ?

----

## ସୁଲଭ ଦରରେ ଘର ଯୋଗାଇ ଦେବା ପାଇଁ ନିଷ୍ପତ୍ତି

1788 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ସହରାଞ୍ଚଳରେ ରହୁଥିବା ବ୍ୟକ୍ତି ବିଶେଷ / ପରିବାରଙ୍କୁ ସରକାର ସୁଲଭ ଦରରେ ଘର ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଥିବା ସତ୍ୟ କି, ଉତ୍ତର ଯଦି ହଁ ହୁଏ, ତେବେ କେତେ ପରିମିତ ଜମିରେ କେତେ ଘର ନିର୍ମାଣ ହେବ, ଏହାର ଧାର୍ଯ୍ୟ ମୂଲ୍ୟ କେତେ, ଭଡାଟିଆଙ୍କ ଚିହ୍ନଟ ପ୍ରକ୍ରିୟାର ଆଧାର କ'ଣ ?

----

## ବୀମା ପଞ୍ଜିକୃତ ଶ୍ରମିକଙ୍କ ସଂଖ୍ୟା

1789 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାର ଆଜି ପର୍ଯ୍ୟନ୍ତ କେତେ ଜଣ ଶ୍ରମିକ ବୀମା ପଞ୍ଜିକରଣ କରିଛନ୍ତି ଏବଂ କେତେ ଜଣ ବର୍ଷକୁ କରୁଛନ୍ତି, ବୀମା renew ସଚେତନ କାର୍ଯ୍ୟକ୍ରମ renew ଦେବଗଡ଼ ଜିଲ୍ଲା କେଉଁ ଦିନ କେଉଁ ଜାଗାରେ କରାଯାଉଛି ?

----

## M. G. N. R. E. G. A ଯୋଜନାରେ ଆଦର୍ଶ ଖେଳ ପଡିଆ ନିର୍ମାଣ

1790 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ M. G. N. R. E. G. A ଯୋଜନାରେ ଗତ ପାଞ୍ଚବର୍ଷ ମଧ୍ୟରେ କେତେଗୋଟି ଆଦର୍ଶ ଖେଳ ପଡିଆ ନିର୍ମାଣ କରାଯାଇଛି ତାର ବ୍ଲକ ୱାରୀ ତାଲିକା ପ୍ରଦାନ କରିବେ କି, ଏବଂ ସବୁ ପଂଚାୟତରେ ଆଦର୍ଶ ଖେଳପଡିଆ ହୋଇନାହିଁ କେବେ ସୁଦ୍ଧା ସମସ୍ତ ଖେଳପଡିଆକୁ ଆଦର୍ଶ ଖେଳପଡିଆରେ ସାମିଲ କରି ଉନ୍ନତିକରଣ କରିବେ କି ?

----

## ପଞ୍ଚାୟତ ସମିତି ରାସ୍ତାର ସଂଖ୍ୟା

1791 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ କେତୋଟି ପଞ୍ଚାୟତ ସମିତି ରାସ୍ତା ତଥା ପୂର୍ବ ବାଭାଗ ଅଧିନକୁ ଯାଇଛି ବା ଯିବାର ଯୋଜନା ଅଛି ସେହିଭଳି କେତୋଟି RD ବିଭାଗ ଅଧିନରେ ଥିବା ରାସ୍ତା ପୂର୍ତ୍ତ ବିଭାଗ ଅଧିନକୁ ଯାଇଛି ବା ଯିବାର ଯୋଜନା ଅଛି ତାର ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି ?

----

## ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନାରେ ଖର୍ଚ୍ଚର ପରିମାଣ

1792 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ 2024-25 ଓ 2025-26 ଆର୍ଥିକ ବର୍ଷର କେତେ ପରିମାଣ ଅର୍ଥ ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନାରେ ଖର୍ଚ୍ଚ ହୋଇଛି ତାହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି?

----

## ରାସ୍ତା ପେଵର ବ୍ଲକ କରିବାକୁ ପଦକ୍ଷେପ

1793 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ କେଉଁ ଗ୍ରାମ ପଞ୍ଚାୟତ କିଲୋମିଟର ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ ରାସ୍ତା ପେଵର ବ୍ଲକ, କିଛି କେତେ – ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାକୁ ପେଵର ବ୍ଲକ କରିବାକୁ କି ପଦକ୍ଷେପ ନିଆଯାଉଅଛି?

----

## Total amount sanctioned under various schemes

1794 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total amount sanctioned under various schemes of the Panchayati Raj & Drinking Water Department for development works in Bolangir Assembly Constituency during 2024-25 and 2025-26, year-wise and scheme-wise; (b) The amount released

and utilised and the present physical and financial status of such works ; The number of works completed, ongoing and not started, with reasons for delay, if any. and the details of works proposed or under consideration during 2025-26, along with their present status ?

----

**Status of project work**

1795 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total amount sanctioned under various schemes of the Housing & Urban Development Department for development works in Bolangir Assembly Constituency during 2024-25 and 2025-26 year-wise and scheme-wise; (b) The amount released and utilised and the present physical and financial status of such works; The number of works completed, ongoing and not started, with reasons for delay, if any and the details of works proposed or under consideration during 2025-26, along with their present status ?

----

**Payment of cash benefits**

1796 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What steps have been taken to enroll unregistered workers and ensure that all eligible workers receive benefits under the SPREE 2025 scheme; (b) How is the Government monitoring and addressing the welfare of migrant workers from Balangir, especially in light of recent deaths and reported cases of exploitation; Are there plans to expand ESI medical facilities, staff, or services in Balangir district to improve access for workers and their families; What mechanisms are in place to ensure timely payment of cash benefits, including sickness, maternity, disability, and accident-related claims, to workers covered under the ESI scheme in Balangir?

----

**Industrial Project**

1797 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Will the Government provide details of public enterprises operating in Balangir district, including their CSR

projects, employment generation, and community development initiatives; (b) How many industrial projects have been approved or are underway in Balangir district, and what is the total investment involved; What steps are being taken to ensure that the benefits of these industrial and public-sector projects reach local residents, particularly in terms of employment and skill development; How is the Government supporting agro-processing and small-scale rural enterprises in Balangir through technology transfer or collaboration with public-sector units?

----

**Financial status of work**

1798 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The total amount sanctioned under various schemes of the Rural Development Department for development works in Bolangir Assembly Constituency during 2024-25 and 2025-26, year-wise and scheme-wise; (b) The amount released and utilised and the present physical and financial status of such works; The number of works completed, ongoing and not started, along with reasons for delay, if any; The details of works proposed or under consideration during 2025-26, along with their present status ?

----

**ନିର୍ମାଣ ଶ୍ରମିକଙ୍କୁ ସହାୟତା**

1799 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନିର୍ମାଣ ଶ୍ରମିକମାନଙ୍କୁ କି କି ସହାୟତା ପ୍ରଦାନ କରାଯାଇଥିଲା ଏବଂ କେବେ ଠାରୁ କେଉଁ ସହାୟତା କେଉଁ ସ୍କିମ୍ ଅଧିନରେ କମି ରହିଛି ତାର ତାଲିକା ଦେବାସହ ସେଗୁଡ଼ିକ ବନ୍ଦ ହେବାର କାରଣ କ'ଣ ; ଏବଂ ବର୍ତ୍ତମାନ ନିର୍ମାଣ ଶ୍ରମିକ ମାନଙ୍କ ପାଇଁ କି କି ସହାୟତା ପ୍ରଦାନର ବ୍ୟବସ୍ଥା କରିଛନ୍ତି ?

----

**AGY ଗୃହ ସମ୍ପର୍କରେ**

1800 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ AGY Targetଓ PMAY(G) କେତେ ଥିଲା, ସେଥି ମଧ୍ୟରୁ କେଉଁ ବର୍ଷ କେତେ ପ୍ରଦାନ କରାଯାଇଛି, ଜଣାଇବା ସହ, PMAY (G) ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଠଗଡ଼, ତିଗିରିଆ ଓ ଟାଙ୍ଗି-ଚୌଦ୍ୱାର ବ୍ଲକ୍‌ରେ ଅଦ୍ୟାବଧି କେତେ ହିତାଧିକାରୀ ବାସଗୃହ ପାଇସାରିଛନ୍ତି ଏବଂ ଆଉ କେତେ ସଂଖ୍ୟକ ଗୃହ କେଉଁ ବ୍ଲକ୍‌ର କେଉଁମାନଙ୍କର sanction ପାଇଁ ଅଛି ଏଗୁଡିକ କେବେ ସୁଦ୍ଧା ପ୍ରଦାନ କରାଯିବ ; (ଖ) ୨୦୨୬-୨୭ ବର୍ଷରେ AGY ଗୃହ ଦେବାର କିଛି proposal ଅଛି କି , ଯଦି ଅଛି କେତେ ଦିଆଯିବ ଓ କେବେ ଦିଆଯିବ ?

----

**Make available of public toilets**

1801 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Govt. make it mandatory and necessary for all, Dhaba's, Restaurants and Petrol pumps on the National and State highways to make available public toilets and drinking water facilities for the use of general public, while granting them permission to establish their units, if so the steps and actions initiated so far, if not the reasons there for ?

----

**Motor Transport Work Act 1961**

1802 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Provide the details on the steps taken by the Odisha Govt. to ensure the Motor Transport workers Act 1961, in the State; and (b) What specific measures have been taken to ensure that all motor transport workers in Odisha are covered under the provisions of the Motor Transport Workers Act 1961; and What initiatives have been undertaken by the government of Odisha to improve the working conditions and safety of motor transport workers?

----

## ଗାଁ ଆଲୋକିକରଣ

1803 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ପ୍ରତ୍ୟେକ ଗାଁକୁ ଆଲୋକିକରଣ ପାଇଁ କରିଥିବା " ଷ୍ଟ୍ରିଟ୍‌ଲାଇଟ୍" ଯୋଜନାରେ କଟକ ଜିଲ୍ଲାର କେଉଁ ବ୍ଲକ୍‌ର କେଉଁ ପଞ୍ଚାୟତ କୁ କେଉଁ କେଉଁ ସଂସ୍ଥା ଲାଇଟ୍ ଲଗାଇଥିଲେ ଏବଂ ଏଥିପାଇଁ କେତେ ଅର୍ଥ କେଉଁ ପଞ୍ଚାୟତରୁ ଖର୍ଚ୍ଚ ହୋଇଥିଲା, ଏହି ଲାଇଟ୍ ଗୁଡିକର ଗ୍ୟାରେଣ୍ଟି / ଓ୍ୱାରେଣ୍ଟି କ'ଣ ରହିଥିଲା।ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି, ଏବଂ ଅଦ୍ୟାବଧି କେଉଁ ବ୍ଲକ୍‌ର କେଉଁ ଗାଁ ଗୁଡିକରେ ଏହି ଲାଇଟ୍ ମଧ୍ୟରୁ କେତେ ଜଳୁଛି ଏବଂ କେତେ ଖରାପ ହୋଇଛି ତାର ଏକ ତାଲିକା ଦେବାସହ ସେଗୁଡିକର ପରିବର୍ତ୍ତନ। ମରାମତି ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ଏବଂ ଏଥିପାଇଁ ଇଲେକ୍ଟ୍ରି ବିଲ୍ କେଉଁ ପଞ୍ଚାୟତରୁ ଅଦ୍ୟାବଧି କେତେ ଦିଆଯାଇଛି ଏବଂ କେତେ ବିଲ୍ ବାକି ରହିଛି ?

----

## ରାସ୍ତା ସଂଯୋଗୀକରଣ

1804 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଂଚଳକୁ ସଂଯୋଗୀକରଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡିକୁ ପ୍ରଶସ୍ତିକରଣ ପାଇଁ ଆବଶ୍ୟକ ମରାମତି ଓ ନବୀକରଣ ପାଇଁ ପଦକ୍ଷେପ ନେବେ କି, (ଖ) ଏହି ନିର୍ବାଚନମଣ୍ଡଳୀର ଭାପୁର ବ୍ଲକ ଅଂଚଳରେ ଥିବା ଏସିଆର ଦ୍ୱିତୀୟ ବୃହତ୍ତମ ଉଷ୍ମ ପ୍ରସବଣକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତିକରଣ ଓ ନବୀକରଣ ପାଇଁ ପ୍ରାଥମିକତା ପଦକ୍ଷେପ ନିଆଯିବ କି, ଏଥିସହିତ ଶୁଳିଆ ଛକ ଠାରୁ PWD ରାସ୍ତା (ନୀଳମାଧବ) କୁ ସଂଯୋଗ ରାସ୍ତାର ନବୀକରଣ ପାଇଁ ପଦକ୍ଷେପ ନିଆଯିବ କି?

----

## ରାସ୍ତା ଉଚ୍ଚା କରିବାକୁ ପଦକ୍ଷେପ

1805 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନମଣ୍ଡଳୀକୁ ପ୍ରବେଶ କରିବା ପାଇଁ କଳା ପଥର ଠାରୁ କଣ୍ଟିଲୋକୁ ସଂଯୋଗ କରିଥିବା ପୂର୍ତ୍ତ ରାସ୍ତାର ଫତେଗଡ ଠାରୁ ମଣିପୁର ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଟି ବନ୍ୟା ସମୟରେ ବୁଡି ଯାଉଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇପଡୁଛି, ଏଣୁ ଏହି ରାସ୍ତାଟି ହାଇଲେବଲ ଉଚ୍ଚତା ବିଶିଷ୍ଟ ରାସ୍ତାର ରୁପାନ୍ତରଣ ପାଇଁ ପଦକ୍ଷେପ ନିଆଯିବ?

----

## ଡାକବଙ୍ଗଳା ନିର୍ମାଣ

1806 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନମଣ୍ଡଳୀର ଖଣ୍ଡପଡାଠାରେ ଏକ ଜଙ୍ଗଲ ବିଭାଗ ଡାକବଙ୍ଗଳା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି, ଯଦି ଉତ୍ତର ହଁ ହୁଏ ତେବେ କେବେସୁଦ୍ଧା ଏହା ନିର୍ମାଣ ହେବ ସୂଚନା ଦେବେ କି?

----

## ବାସଗୃହ ନିର୍ମାଣ

1807 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନମଣ୍ଡଳୀର ଖଣ୍ଡପଡା ଓ ଭାପୁର ବ୍ଲକରେ କାର୍ଯ୍ୟରତ କର୍ମଚାରୀମାନଙ୍କ ରହଣି ପାଇଁ ଆବଶ୍ୟକ ବାସଗୃହ ରହିଛି କି, ଯଦି ହଁ ତାହା କେତେ ସଂଖ୍ୟକ ଓ ଆବଶ୍ୟକ ଥିବା ବାସଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି?

----

## ପାନୀୟ ଜଳ ଯୋଗାଣ

1808 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନମଣ୍ଡଳୀର ଭାପୁର ଓ ଖଣ୍ଡପଡା ବ୍ଲକ ଅଂଚଳରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି କି, ଆସନ୍ତା ଗ୍ରୀଷ୍ମ ଋତୁ ପୂର୍ବରୁ ନିରବଛିନ୍ନ ପାନୀୟ ଜଳ ଯୋଗାଣ ପାଇଁ ସୋଲାର ପ୍ୟାନେଲ ପ୍ରକଳ୍ପ ନିର୍ମାଣ ପାଇଁ ବିଭାଗୀୟ ପଦକ୍ଷେପ ନିଆଯିବ କି?

----

## ରାସ୍ତା କାମ ସଂପୂର୍ଣ୍ଣ କରିବାକୁ ପଦକ୍ଷେପ

1809 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳଛାୟା ପ୍ରଗାଢ ଦ୍ୱାରା ହିତାଧିକାରୀମାନଙ୍କର ସୁବିଧା ନିମନ୍ତେ କି କି ଯୋଜନାମାନ ପ୍ରସ୍ତୁତ ରଖିଛନ୍ତି ସେ ସଂପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ହେଫାଗୁଡା ଠାରୁ ଚାନ୍ଦିପୁର ରାଡି ରାସ୍ତା ପାଇଁ ଅର୍ଥ ମଂଜୁର ହୋଇ ମଧ୍ୟ ଜଙ୍ଗଲ ବିଭାଗର ହସ୍ତକ୍ଷେପ ଯୋଗୁଁ କାର୍ଯ୍ୟ ସ୍ଥଗିତ ଥିବା ସରକାରଙ୍କ ନଜରରେ ଅଛି କି, ଉତ୍ତର ହଁ ହେଲେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଳିତ ଉଦ୍ୟମ କରି forest clearance ଦେଇ ଉପରୋକ୍ତ ରାସ୍ତା କାର୍ଯ୍ୟଟିକୁ କେତେ ଦିନ ମଧ୍ୟରେ ସଂପୂର୍ଣ୍ଣ କରିବେ ?

----

## High Max Light ଲଗାଇବାକୁ ପଦକ୍ଷେପ

1810 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପତ୍ର ସଂଖ୍ୟା PR-CFC-OLA-0003-2025/33634/ PR & DW dtd. 01/12/2025 ପତ୍ରଟି CDO-cum-EO Zilla Parishad, Khordha BDO, Balipatna Block Khurdhaଙ୍କ ହସ୍ତଗତ ହୋଇ ମଧ୍ୟ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବାସ୍ତବ କାରଣ ସହ ଉକ୍ତ କାର୍ଯ୍ୟଟି ବନମାଳୀପୁରସ୍ଥିତ ଭଁରାଗ୍ରାଡ ଗ୍ରାମର ତ୍ରୀନାଥ ମନ୍ଦିର ଠାରୁ କୁଣ୍ଡେଇ ମୁହଁ ବ୍ରୀଜ ପର୍ଯ୍ୟନ୍ତ ଆବଶ୍ୟକ ଥିବାସ୍ଥଳେ ଉକ୍ତ କାର୍ଯ୍ୟର ରକ୍ଷଣାବେକ୍ଷଣ ନିମନ୍ତେ Budget Provision କରାଇବେ କି, ଉକ୍ତ ଗ୍ରାମରେ ଥିବା Electric Pole No.-LT/1432-35/15/7 ଟିରେ ଏକ High Max Light ଲଗାଇବାକୁ BDO ପଦକ୍ଷପ ନେବେ କି?

----

### Combat Deforestation

1811 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the status of Forest cover in Gajapati district and are there specific measures to Combat Deforestation in the region, how is the government addressing issues of forest encroachments and land disputes in Kandhamala and Gajapati district and are there any special provisions for this?

----

### କଲ୍ୟାଣମଣ୍ଡପ ନିର୍ମାଣ ବନ୍ଦ କରିବାକୁ ପଦକ୍ଷେପ

1812 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଦକ୍ଷିଣ ପଂଚମ ମଣ୍ଡଳ ଅଧିନରେ 32 ଟି କଲ୍ୟାଣମଣ୍ଡପ ବିବାହ ମଣ୍ଡପଗୁଡିକ ବେଆଇନ ଭାବେ ଚାଲୁଥିବା ସହ 3ଟିକୁ ଜଉମୁଦ ଦ୍ୱାରା sealed କରାଇବା ସହ ଅନ୍ୟଗୁଡିକୁ ବନ୍ଦ କରିବା ନିମନ୍ତେ ନୋଟିସ ହୋଇ ମଧ୍ୟ ବେଆଇନ ଯୁକ୍ତ ମଣ୍ଡପ ତଥା ଭୀମଟାଙ୍ଗିରେ ଚାଲୁଥିବା କଲ୍ୟାଣମଣ୍ଡପ ଯେଉଁ ସିଭିଲ Suit No.-1281/2022 ତଥା ମାନ୍ୟବର ସିଭିଲ ଜଜ୍ (ସିନିୟର ଡିଭିଜନ) ଭୁବନେଶ୍ୱର ଙ୍କ ସ୍ଥିତାବସ୍ଥା ଜାରିଥିବା ଦର୍ଶାଇଛନ୍ତି ତାହା ଦକ୍ଷିଣ ପଶ୍ଚିମ ମଣ୍ଡଳଙ୍କ ପତ୍ର ସଂଖ୍ୟା 1909 ତା. 30.11.2019 ଓ ପତ୍ର ସଂଖ୍ୟା 645 ତା. 31.01.2024 ରିଖର ବିଷୟ ବସ୍ତୁଠାରେ ଉଦ୍ଦିଷ୍ଟ କି, ଉତ୍ତର ନାଁ ହେଲେ କେବେସୁଦ୍ଧା ଉପରୋକ୍ତ ବେଆଇନମୁକ୍ତ ମଣ୍ଡପଗୁଡିକୁ ସଂପୁର୍ଣ୍ଣ ବନ୍ଦ କରିବେ?

----

### ବିଜୁଳି ଖୁଣ୍ଟ ସ୍ଥାପନ

1813 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଅଣତାରକା ପ୍ରଶ୍ନ ସଂଖ୍ୟା 1034 ତା. 02.12.2025 ରିଖ ଉତ୍ତର ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ବନମାଳୀପୁରସ୍ଥିତ ଭଁରାଗଡ ଗ୍ରାମର ଶ୍ରୀ ଶ୍ରୀ ତ୍ରୀନାଥ ଦେବ ତଥା ଶ୍ରୀ ଜଗନ୍ନାଥ ମନ୍ଦିର ରାସ୍ତାରୁ କୁଣ୍ଡେଇମୁହଁ ବ୍ରୀଜ ପର୍ଯ୍ୟନ୍ତ ଇଲେକଟ୍ରିକ ନୂତନ ଖୁଣ୍ଟ ସ୍ଥାପନ ତଥା ସ୍ଥାପିତ ଥିବା Electric Pole No.- LT-1432-35 ଟିର ସଂପୁର୍ଣ୍ଣଅନ୍ଧାର ଦୂରିକରଣ ନିମନ୍ତେ ପ୍ରତିଶୃତିବଦ୍ଧ ତଥା ପତ୍ରାଳୟ ହୋଇ ମଧ୍ୟ ଏଯାବତ୍ କାର୍ଯ୍ୟକାରୀ ନହେବାର ବାସ୍ତବ କାରଣ କଣ, ଏବଂ କେବେସୁଦ୍ଧା ଏ କାର୍ଯ୍ୟ ସଂପୁର୍ଣ୍ଣ ହେବ, (ଖ) ଉପରୋକ୍ତ ଲାଇଟ ଏବଂ ନୂତନ ରୂପେ ବିଛା ଯିବାକୁ ଥିବା Electric ଲାଇନର ରକ୍ଷଣାବେକ୍ଷଣ ସହ ପ୍ରତି ମାସ Electric ବିଲର ଭରଣା ନିମନ୍ତେ ଏକ ସ୍ୱତନ୍ତ୍ର ବଜେଟର ବ୍ୟବସ୍ଥା କରିବେ କି?

----

## ଶ୍ରମିକଙ୍କ ଚିକିତ୍ସା

**1814 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ବହୁସଂଖ୍ୟକ ଶିଳ୍ପସଂସ୍ଥା ଗଢ଼ିଉଠିଥିବା ବେଳେ ଏଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ଚିକିତ୍ସା ସୁବିଧା ପାଇଁ ଟାଙ୍ଗୀଠାରେ ଏକ କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ଏହା କେବେଠାରୁ କାର୍ଯ୍ୟକାରୀ କରାଯିବ ?

----

## କମନ ନିୟୋଜନ ପ୍ରକ୍ରିୟା

**1815 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସମସ୍ତ ସରକାରୀ ଉଦ୍ୟୋଗ ପାଇଁ ନିୟୋଜିତ କର୍ମଚାରୀଙ୍କ ନିୟୋଜନ ନିମନ୍ତେ ଏକ କମନ୍ ନିୟୋଜନ ପ୍ରକ୍ରିୟା ଆରମ୍ଭ କରି ଏଥିରେ ମେଧାଶକ୍ତି ବଳରେ ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କୁ ନିୟୋଜନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାସ୍ତା ପୁନଃ ନିର୍ମାଣ

**1816 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନରେ କେତେଗୋଟି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା, କେତେ ଦୈର୍ଘ୍ୟର ଥିଲା ବେଳେ ତନ୍ମଧ୍ୟରୁ କେତେ କି.ମି. ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବନ୍ୟ ପ୍ରାଣୀଙ୍କୁ ଆବଦ୍ଧ କରିବାକୁ ପଦକ୍ଷେପ

**1817 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ଦ୍ୱାରା ବ୍ୟାପକ ଫସଲ ହାନୀ ହେଉଥିବା ପରିପ୍ରେକ୍ଷୀରେ ଜଙ୍ଗଲରେ ବନ୍ୟପ୍ରାଣୀଙ୍କୁ ଆବଦ୍ଧ କରି ରଖିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବାସ ଗୃହ ପ୍ରକଳ୍ପ

1818 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଟାଙ୍ଗୀଠାରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ତରଫରୁ ବାସଗୃହ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାସ୍ତା ହସ୍ତାନ୍ତର

1819 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସୁଧା ବିଷମ କଟକ ନିର୍ବାଚନ ମଣ୍ଡଳୀର କେତୋଟି ରାସ୍ତା ପଞ୍ଚାୟତ ସମିତି ରୁ RD ଅଧିନକୁ ଆସିଛି, କେତୋଟି NBCC ରାସ୍ତା RD ଅଧିନକୁ ଆସିଛି ଓ କେତୋଟି RD ରାସ୍ତା PWD ଅଧୀନ କୁ ହସ୍ତଗତ ହୋଇଛି ତାହାର ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ; (ଖ) ବିଷମ କଟକ ନିର୍ବାଚନ ମଣ୍ଡଳୀରେ NBCC ସଂସ୍ଥା ଦ୍ୱାରା ୨୦୧୬ ମସିହା ଠାରୁ ଆଜି ପର୍ଯ୍ୟନ୍ତ କେତେ ଟଙ୍କାର କେଉଁ କେଉଁ ରାସ୍ତା, ପୋଲ ଓ ସରକାରୀ କୋଠା ଘର ନିର୍ମାଣ ହେଇଛି ଓ ବର୍ତ୍ତମାନ ଚାଲିଥିବା କାମ କେବେ ସୁଧା ହସ୍ତାନ୍ତର ହେବ ତାହାର ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ପାନୀୟ ଜଳ ଯୋଗାଣ

1820 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲାରେ ଥିବା ବ୍ଲକଗୁଡ଼ିକୁ ୨୦୨୪-୨୫, ୨୦୨୫-୨୬ ଆର୍ଥିକ ବର୍ଷରେ (କେଉଁ କେଉଁ ବ୍ଲକକୁ) କେତେ ଟଙ୍କା ଲେଖାଏଁ ଦିଆଯାଇଛି ଓ ସେ ଅର୍ଥରେ କି କି କାମ ହୋଇଛି ବ୍ଲକୱାରୀ ତଥ୍ୟ ଦେବେ କି; ସେହିପରି ବିଷମ କଟକ ନିର୍ବାଚନ ମଣ୍ଡଳୀରେ ପ୍ରତି ଗାଁକୁ ପାଇପଯୋଗେ ପାନୀୟ ଜଳ ଯୋଗାଇବା ପାଇଁ କେତୋଟି ପ୍ରୋଜେକ୍ଟ ଚାଲିଛି ଓ କେଉଁ କେଉଁ ଠାରେ କେଉଁ ପ୍ରକଳ୍ପ କାମ ସରିଗଲାଣି ଆଉ କେଉଁ ପ୍ରକଳ୍ପ କାମ ଚାଲିଛି ?

----

## ବ୍ୟୟବରାଦ ବିବରଣୀ ପ୍ରଦାନ

1821 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଙ୍ଗଲ ବିଭାଗ ଦ୍ୱାରା ବିଷମ କଟକ ନିର୍ବାଚନ ମଣ୍ଡଳୀରେ କେଉଁ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ କରାଯାଇଅଛି ତାହାର ତାଲିକା ବ୍ଲକ ଏବଂ ପ୍ରକଳ୍ପୱାରୀ ପ୍ରଦାନ କରିବେ କି ?

----

## କର୍ମଚାରୀଙ୍କ ବିବରଣୀ ପ୍ରଦାନ

1822 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଷମ କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ ବ୍ଲକରେ କେଉଁ N.G.O (Non Government Organisation) Companyରେ କେଉଁ କେଉଁ ବିଭାଗରେ କେତେ ପରିମାଣରେ କର୍ମଚାରୀ ନିଯୁକ୍ତି ଦେଇଛନ୍ତି ତାହା ଜଣାଇବେ କି ଏବଂ ସାରା ରାୟଗଡ଼ା ଜିଲ୍ଲାରେ କେତେ ଠିକା କର୍ମଚାରୀ କେଉଁ Companyରେ କେଉଁ ବିଭାଗରେ କାମ କରୁଛନ୍ତି ?

----

## ନୂତନ ସଡ଼କ ନିର୍ମାଣ

1823 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଷମ କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ନୂତନ ସଡ଼କ ନିର୍ମାଣ, ପୁରୁଣା ସଡକ ପରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ କେତେ ଅର୍ଥ ଆକଳନ କରାଯାଇଛି ; ଉକ୍ତ ସଡକ ପ୍ରକଳ୍ପଗୁଡିକର ବିବରଣୀ ସହ କେଉଁ କାମ ସମ୍ପାଦିତ, କେଉଁଗୁଡିକ ଅଧାରେ ରହିଛି ଓ କେଉଁ ସଡକର କାର୍ଯ୍ୟ ଆରମ୍ଭ ହୋଇନାହିଁ?

----

## Reduction of Speed limit

1824 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The number of accidents involving AMA Bus services during the last one year, city-wise; (b) The prescribed speed limit for operation of AMA Buses and the mechanism to ensure compliance; whether the speed limit is reviewed or reduced after such accidents, and if so, the details thereof; The other preventive and safety measures being taken to avoid accidents and ensure passenger and pedestrian safety?

----

## Engagement of Gramasathi Sangha

1825 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (a) Whether Gramasathi (Mate) Sangha workers, with due qualifications, were engaged in every revenue village in the State in 2008 and continued for the initial 2-3 years; (b) Whether about 30,000 such workers are now being disengaged as per the Department's notification dated 30.01.2026; Whether the Government proposes to consider their regularisation and grant of incentives exceeding 12,000 per month and if not, what alternative provisions are being made for their continued engagement and livelihood ?

----

**Employment Security**

1826 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (a) The number of households demanding work under MNREGA during the last three years and the number actually provided employment, year-wise and district-wise; (b) Whether the statutory guarantee of 100 days of work is being fulfilled and, if not, the reasons therefor The details of delays in wage payments, if any, and the average time taken to clear dues and Whether the Government agrees that gaps in implementation are aggravating rural distress, and the concrete steps being taken to ensure timely work, timely wages and effective monitoring of MNREGA works ?

----

**Delay of Project Work**

1827 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ː**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (a) How many major urban projects in Cuttack and other cities are delayed beyond their original timelines and the reasons therefor; (b) How much additional public money has been spent due to such delays and revisions; Whether any contractors or officials have been penalised for poor performance Whether the Government will introduce a transparent, time-bound monitoring system to ensure quality, accountability and timely completion of urban works ?

----

**DPR for Construction of Bridge**

1828 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ː**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the revised DPR for construction of five bridges over the Petanala canal has been submitted by CDA by the end of December 2025 as stated, and the present status of its approval; (b) The specific timeline for grant of administrative approval, tendering and commencement of the works and the firm, phase - wise timeline for completion of Phase-II Petanala renovation, bridge construction and related beautification works?

----

## ପେନସନ ପ୍ରଦାନ ସମ୍ପର୍କରେ

**1829 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେଜଣ ଭବିଷ୍ୟନିଧି ପାଣ୍ଠି ପେନସନ ପାଉଛନ୍ତି ଓ ସେମାନଙ୍କର ସର୍ବନିମ୍ନ ଓ ସର୍ବାଧିକ ପେନସନ ହାର କେତେ ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣ ରାଜ୍ୟରେ ସରକାରୀ ଓ ଘରୋଇ ଉଦ୍ୟୋଗରେ କାମ କରୁଥିଲେ ସେମାନଙ୍କ ପେନସନ ହାର କମ ଥିବାରୁ ସେମାନଙ୍କୁ ରାଜ୍ୟ ସରକାର କୌଣସି ସ୍ୱତନ୍ତ୍ର ସୁବିଧା ଦେଉଛନ୍ତି କି ?

----

## କାର୍ଯ୍ୟାଳୟ ନିର୍ମାଣ

**1830 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ମୋଟ ଗ୍ରାମ ପଞ୍ଚାୟତ ମଧ୍ୟରୁ କେତୋଟିର କାର୍ଯ୍ୟାଳୟ ନିର୍ମିତ ହୋଇଛି ଓ ତନ୍ମଧ୍ୟରୁ କେତୋଟି ଗ୍ରାମ ପଞ୍ଚାୟତ ମହକୁମାରେ ନଥାଇ ଦୂରରେ ରହିଛି ଏବଂ କେତୋଟିର ଏଯାଏଁ କାର୍ଯ୍ୟାଳୟ ନିର୍ମିତ ହୋଇନାହିଁ ଏବଂ ସେ ସବୁର ନିର୍ମାଣ ଲାଗି କି ପଦକ୍ଷେପ ନିଆଯାଉଛି ?

----

## ଜଳ ଉତ୍ସକୁ ଉଜ୍ଜିବୀତ ରଖିବାକୁ ପଦକ୍ଷେପ

**1831 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜଙ୍ଗଲ ଗୁଡ଼ିକରେ କେତେ ନଦୀନାଳ, ପ୍ରାକୃତିକ ଝରଣା ଓ ଜଳପ୍ରପାତ ରହିଛି ଏବଂ ସେହିଭଳି କେତେ ଜଳଉତ୍ସର ଜଳସ୍ରୋତ କେଉଁ କେଉଁ କାରଣରୁ ବନ୍ଦ ହୋଇଲଗାଣି ବା ଜଳଧାରା କମି ଗଲାଣି, ସବୁଜ ବଳୟ ବଢ଼ାଇବା ଲାଗି ତଥା ବନ୍ୟଜନ୍ତୁଙ୍କୁ ପାଇଁ ଜଳଉତ୍ସକୁ ଉଜ୍ଜିବୀତ କରି ରଖିବା ଲାଗି କୌଣସି ପଦକ୍ଷେପ ନିଆଯାଉଛି କି ;ଉତ୍ତର ହଁ ହୋଇଥିଲେ ସେ ସମ୍ପର୍କରେ କି ପଦକ୍ଷେପ ନିଆଯାଉଛି ?

----

## ନିଜସ୍ୱ ଟିକସ ଆୟ ବ୍ୟବସ୍ଥା

**1832 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପୌରସଂସ୍ଥା ଗୁଡ଼ିକର ନିଜସ୍ୱ କି ପ୍ରକାର ଟିକସ ଆଦାୟ ବ୍ୟବସ୍ଥା ରହିଛି ଏବଂ ଚଳିତ ଆର୍ଥିକ ବର୍ଷରେ ସେଥିରୁ କେତେ ଆୟ ହେବାର ଆଶା କରାଯାଉଛି ;୨୦୧୯ -୨୦ ରୁ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏ ବାବଦରେ କେତେ ରାଜସ୍ୱ ମିଳିଥିଲା ଏବଂ ସେହି ସମୟରୁ ଏ ପର୍ଯ୍ୟନ୍ତ କେତେ ରାଜସ୍ୱ ଅଣାଦାୟ ହୋଇ ରହିଛି ?

----

## କର୍ମଚାରୀଙ୍କୁ ସୁବିଧା ପ୍ରଦାନ

**1833 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ସରକାରୀ ଉଦ୍ୟୋଗ ଏବେ କାମ କରୁଛି ଓ କେତୋଟି ବନ୍ଦ ହୋଇଗଲାଣି ଏବଂ ସେ ସବୁର କର୍ମଚାରୀମାନେ ନୀୟମିତ ବେତନ, ମହଙ୍ଗା ଭତ୍ତା ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ପାଉଛନ୍ତି କି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କର କି ପ୍ରକାର ପେନସନ ପାଇବା ବ୍ୟବସ୍ଥା ଅଛି ;କେତୋଟି ସଂସ୍ଥାର କର୍ମଚାରୀ ସପ୍ତମ ବେତନ କମିଶନ ହାରରେ ଦରମା ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ହାରରେ ଦରମା ଓ ପେନସନ ପାଉଛନ୍ତି ଏବଂ ସେମାନଙ୍କୁ ସପ୍ତମ ବେତନ କମିଶନ ହାରରେ ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ଭଳି ମହଙ୍ଗା ଭତ୍ତା ଦେବାକୁ କି ପଦକ୍ଷେପ ନିଆଯାଉଛି ;କେଉଁ କେଉଁ ସରକାରୀ ଉଦ୍ୟୋଗର କର୍ମଚାରୀଙ୍କ ପାଇଁ କି ପ୍ରକାର ପେନସନ ବ୍ୟବସ୍ଥା ଲାଗୁ ହୋଇଛି ?

----

## ପ୍ରଦୂଷଣ ସମ୍ପର୍କରେ ସଚେତନତା

**1834 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ମହାନଗର ନିଗମ କେଉଁ ୱାର୍ଡ଼ର କେଉଁ ସ୍ଥାନମାନଙ୍କରେ ଘର ଗଳି ମାନଙ୍କରୁ ଅଳିଆ ଆବର୍ଜନା ଆଣି ଗୋଟିଏ ସ୍ଥାନରେ ଦୀର୍ଘଦିନଧରି ଗଦା କରୁଛନ୍ତି ଏବଂ ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଅଛି କି ;ଏ ସମ୍ପର୍କରେ BMC ସହିତ କିଛି ପତ୍ର ଯୋଗାଯୋଗ ହୋଇ ପ୍ରତିଦିନ ଅଳିଆ ଉଠାଇବାକୁ କିଛି ନିର୍ଦ୍ଦେଶ ଦେଇଛନ୍ତି କି ;ଜାନୁୟାରୀ ମାସରେ ଭୁବନେଶ୍ୱର AG ଛକ କିମ୍ବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ଦିନୱାରୀ କେତେଥିଲା ଏହାର କାରଣ କଣ ବୋଲି ବିବେଚନା କରାଯାଇଥିଲା ;ଭୁବନେଶ୍ୱର ସହରରେ ପ୍ରଦୂଷଣ ମାତ୍ରା ଅଧିକ କିମ୍ବା ରାଜପଥରେ; ସହର ଭିତରେ ପ୍ରଦୂଷଣ ସମ୍ପର୍କରେ କିଛି ଜନସଚେତନତା କାର୍ଯ୍ୟକ୍ରମ କରାଯାଇଛି କି; ଛକମାନଙ୍କରେ ଗାଡ଼ିଗୁଡ଼ିକ ଛିଡ଼ା ହୋଇଥିବା ବେଳେ Engine Start ବନ୍ଦ କରିବା ପାଇଁ କେବେ ସଚେତନ କରାଯାଇଛି କି ?

----

## ପ୍ରାକୃତିକ ନାଳର ପୁନଃରୁଦ୍ଧାର

**1835 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲେକ ନ୍ୟୁଟ୍ରାଲ ପ୍ରକଳ୍ପ ଦ୍ୱାରା ଭୁବନେଶ୍ୱର ସ୍ମାର୍ଟ ସିଟି ଜରିଆରେ କେତୋଟି ପ୍ରାକୃତିକ ନାଳର ପୁନରୁଦ୍ଧାର ଭୁବନେଶ୍ୱର ମହାନଗର ନିଗମରେ ସମ୍ପନ୍ନ ହୋଇଛି; ସମସ୍ତ ସ୍ଥିରୀକୃତ ନାଳର ବିକାଶ କରାଯାଇ ପ୍ରାକୃତିକ ପରିବେଶ ସୃଷ୍ଟି କରାଯାଇଛି କିମ୍ବା ଜବରଦଖଲକାରୀଙ୍କ ଦ୍ୱାରା କବଳିତ; ଯଦି ଜବରଦଖଲ ହୋଇଛି ତେବେ କେଉଁ ନାଳ କେଉଁଠାରେ କେଉଁମାନଙ୍କ ଦ୍ୱାରା ଜବରଦଖଲ ହୋଇଛି; ନାଳ, ସ୍ଥାନ ଏବଂ ଜବର ଦଖଲକାରୀଙ୍କ ସମ୍ପୂର୍ଣ୍ଣ ଠିକଣା ପ୍ରଦାନ କରିବେ କି ;୧୦ ନଂ ନାଳପରି କେଉଁ ନାଳଗୁଡ଼ିକର ଜଳପଥ ନିୟମିତ ଭାବେ ସଫା ନହୋଇ ପ୍ରବାହ ଅବରୋଧ ହୋଇଛି; କେବେସୁଦ୍ଧା ମଞ୍ଜୁରୀପ୍ରାପ୍ତ ଏହି ଯୋଜନା କାର୍ଯ୍ୟକାରୀ ହେବାର ଲକ୍ଷଧାର୍ଯ୍ୟ କରାଯାଇଛି ;ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ ହୋଇପାରିବାର ସମ୍ଭାବନା ଅଛି କି ?

----

## ସ୍ୱେରେଜ ବ୍ୟବସ୍ଥା

1836 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କେଉଁ ସ୍ଥାନ ମାନଙ୍କରେ ସ୍ୱେରେଜ ଓ ଜଳଯୋଗାଣ ପାଇଁ ପାଇପଲାଇନ ବିଛାଇବା କାର୍ଯ୍ୟ ଚାଲିଛି ; ଅଦ୍ୟାବଧି କେଉଁ ୱାର୍ଡ଼ର କେଉଁ ସ୍ଥାନମାନଙ୍କରେ ପାଇପବିଛା/ ସ୍ୱେରେଜ କାମ ସରିଥିଲେ ମଧ୍ୟ ମାଟିସବୁ କାର୍ଯ୍ୟସ୍ଥାନରେ ପଡ଼ିରହିଛି ଏବଂ ପାଣି ନ ଛିଞ୍ଚିବା ଯୋଗୁଁ ଧୂଳି ଉଡ଼ି ଘରଦ୍ୱାରରେ ପଶିବା ସହ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ୱାର୍ଡ଼ ଓ ସ୍ଥାନ ଅନୁଯାୟୀ ସୂଚନା ପ୍ରଦାନ କରିବେ କି ; ସ୍ୱେରେଜ କାମ ପାଇଁ ଖୋଳା ଯାଉଥିବା ଗାତକୁ ପାଇପଲାଇନ ଓ ଚାମ୍ବର କନେକ୍ସନ ପରେ ମାଟିଦ୍ୱାରା କିମ୍ବା ବାଲିଦ୍ୱାରା ଭର୍ତ୍ତି କରାଯିବାର ନିୟମ ରହିଛି; କେଉଁ ସ୍ଥାନମାନଙ୍କରେ ବାଲିଭର୍ତ୍ତି ହୋଇଛି ଏବଂ କେଉଁଠାରେ ମାଟି ଭର୍ତ୍ତି କରାଯାଇ ଗାତ ଭର୍ତ୍ତି କରାଯାଇଛି ତାର ଏକ ହିସାବ ଦେବେ କି ?

----

## ବସ୍ତିବାସିନ୍ଦାଙ୍କୁ ଘର ଯୋଗାଣ

1837 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ଜନବସତି ଅଞ୍ଚଳରେ କିମ୍ବା ଯେଉଁ ବସ୍ତିଗୁଡ଼ିକ ଖୁବଶୀଘ୍ର Affordable Housing Scheme ରେ ଘରପାଇଁ ବସ୍ତି ଖାଲି କରିବାକୁ ଯାଉଛନ୍ତି ସେହି ସ୍ଥାନ ମାନଙ୍କରେ କରିବାକୁ ଯାଉଛନ୍ତି ;କଣ୍ଟ୍ରାକ୍ଟର ମାଧ୍ୟମରେ WATCO ସରକାରୀ ଅର୍ଥ ହଡ଼ପ କରିବାକୁ ଯାଉଥିବା ସରକାରଙ୍କ ନଜରକୁ ଆସିଛି କି ; ଭଗବତୀ ୧ ଓ ୨ ବସ୍ତିଭଳି ଆଉ କେତୋଟି ବସ୍ତି ଖୁବ ଶ୍ରୀଘ୍ର ଉଠିବାକୁ ଯାଉଛି; ଶାନ୍ତିପଲ୍ଲୀ ଭଳି ବସ୍ତିବାସିନ୍ଦା ଘରପାଇସାରିଥିବା ବେଳେ ସେଠାରେ ମଧ୍ୟ ସ୍ୱେରେଜ ଓ ଗୃହ Connection କାର୍ଯ୍ୟ ଏବେ ଚାଲିଛି କି; ଇଟାଯୋଡ଼େଇ ଓ ପାଇପ ଢ଼ଳେଇର କେତେଦିନ ପରେ ବାଲି ଭର୍ତ୍ତିର ନିୟମ ରହିଛି ଏବଂ ଏବେ କେତେଦିନରେ ହେଉଛି ?

----

## ସ୍ୱେରେଜ କାର୍ଯ୍ୟ ସମ୍ପର୍କରେ

1838 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଜିସୁଦ୍ଧା ଭୁବନେଶ୍ୱରର କେଉଁ ward ଅଧୀନରେ କେଉଁ ସ୍ଥାନମାନଙ୍କରେ ସ୍ୱେରେଜ (ମୋନ୍) କାମ ଓ ଘରୁ ସ୍ୱେରେଜ ଲାଇନକୁ connection କାର୍ଯ୍ୟ ଚାଲୁ ରହିଛି; ପ୍ରତ୍ୟେକ କାର୍ଯ୍ୟର କଣ୍ଟ୍ରାକ୍ଟର, କାର୍ଯ୍ୟ ଆରମ୍ଭ ଶେଷ ସମୟ, ଧାର୍ଯ୍ୟ ଟଙ୍କା ବିଷୟରେ ସୂଚନା ସହ ସ୍ୱେରେଜ କାମର specification ସମ୍ପର୍କରେ ସବିରେ ତଥ୍ୟ ପ୍ରଦାନ କରିବେ କି; ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଯେଉଁ ବସ୍ତିଗୁଡ଼ିକ ଉଠିଯାଇଛି କିମ୍ବା ଉଠିବାକୁ ଯାଉଛି ତାର ତଥ୍ୟ WATCOକୁ ପ୍ରଦାନ କରାଯାଇଛି କି କିଂବା WATCO ଏବାବଦରେ ତଥ୍ୟ ପ୍ରଦାନ ପାଇଁ ଅନୁରୋଧ କିରଥିଲେ ମଧ୍ୟ BMC ପ୍ରଦାନ କରିନାହିଁ; ପ୍ରାୟ ସ୍ଥାନାନ୍ତରିତ ହୋଇ ସାରିଥିବା କିମ୍ବା ଖୁବଶୀଘ୍ର ଉଠିବାକୁ ଯାଉଥିବା ବସ୍ତିସ୍ଥାନରେ WATCO ସରକାରୀ ଅର୍ଥ ଶ୍ରାଦ୍ଧ କରୁଥିବା ବେଳେ BMC କର୍ତ୍ତୃପକ୍ଷ କେବେ ବାରଣ କରିଛନ୍ତି କି ?

----

## ପାନୀୟଜଳ ଯୋଗାଣ

1839 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ଭଟଲି ବିଧାନସଭା କ୍ଷେତ୍ରକୁ କେତେ ରାଶି ବଣ୍ଟନ ହୋଇଛି, ସୁରକ୍ଷିତ ଏବଂ ସ୍ଥାୟୀ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଭଟଲି, ସୋହେଲା ଏବଂ ଅମ୍ବାଭୋନା ବ୍ଲକରେ କଣ ସବୁ ପଦକ୍ଷେପ ନିଆଯାଇଛି, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି ଏବଂ ବିଳମ୍ବର କାରଣ ଏବଂ ନିଆଯାଇଥିବା ପଦକ୍ଷେପର ବିବରଣୀ ପ୍ରଦାନ କରିବେ କି ?

----

## ପେନସନ ପ୍ରଦାନ

1840 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁପ୍ରିମ କୋର୍ଟ ନିର୍ଦ୍ଦେଶ କ୍ରମେ ସରକାର ମାମଲା ଦାୟର କରିଥିବା ୭୮୨ ଜଣଙ୍କୁ ପେନସନ ମଞ୍ଜୁରୀ କରିଥିଲେ, ପରବର୍ତ୍ତୀ ସମୟରେ ଆଉ ୭୫୪ ଜଣ ହାଇକୋର୍ଟରେ ମାମଲା କରିଛନ୍ତି, ଉକ୍ତ ତଥ୍ୟ ବିଭାଗ ପାଖରେ ଅଛି କି; ଯଦି ଅଛି କେତେ ଗୋଟି ମାମଲା ହାଇକୋର୍ଟଙ୍କ ବିଚାରଧୀନ ଅଛି ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ସରକାରଙ୍କ ପାଖରେ ସେମାନଙ୍କ ସର୍ବନିମ୍ନ ପେନସନ ବ୍ୟବସ୍ଥା ପାଇଁ ପ୍ରସ୍ତାବ ବିଚାରଧୀନ ଅଛି କି?

----

## ପର୍ଯ୍ୟଟନ ବିକାଶ

1841 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବରଗଡ଼ ଜିଲ୍ଲା ଭଟଲି ଓ ଅମ୍ବାବୋନା ବାରପାହାଡ଼ ଏବଂ ଆଖପାଖ ପର୍ବତ ଗୁଡ଼ିକରେ ଉଭୟ ପଟରେ କେତୋଟି ପ୍ରାକୃତିକ ଜଳସ୍ରୋତ ରହିଅଛି, ଏହାର ନାମ କଣ କଣ ଏବଂ କେଉଁ ଜାଗାରେ ଅବସ୍ଥିତ ଅଛି ଏବଂ ପାହାଡ଼ରେ କେଉଁ କେଉଁଠାରେ ପର୍ଯ୍ୟଟନ ସ୍ଥିତି ଅଛି ?

----

## ରାସ୍ତା ନିର୍ମାଣ

1842 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ଭଟଲି ବିଧାନସଭା କ୍ଷେତ୍ରରେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ରାସ୍ତା ତିଆରି କରିବା ଚଳିତ ଆର୍ଥିକ ବର୍ଷରେ କେତେ ଟଙ୍କା ପ୍ରାବଧାନ କରିଥିଲେ ଓ କେତେ ରାସ୍ତା ନିର୍ମାଣ କରିଛନ୍ତି; ଗ୍ରାମୱାରୀ ତଥ୍ୟ ତେବେ କି; ବର୍ତ୍ତମାନ ସୁଦ୍ଧା ଭଟଲି, ସୋହେଲା ଏବଂ ଅମ୍ବାଭୋନା ବ୍ଲକର କେତୋଟି ରାଜସ୍ୱ ଗ୍ରାମ ଗୁଡ଼ିକୁ ସ୍ଥାୟୀ ପକ୍କା ରାସ୍ତା ହୋଇନାହିଁ ଏବଂ ଗ୍ରାମ ଗୁଡ଼ିକର ପଡ଼ା ମାନଙ୍କରେ ସ୍ଥାୟୀ ପକ୍କା ରାସ୍ତା ହୋଇନାହିଁ ?

----

## V.L.W ନିଯୁକ୍ତି ସମ୍ପର୍କରେ

1843 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ୨୦୦୯ ମସିହାରେ ଗ୍ରାମ ପଞ୍ଚାୟତ ମାନଙ୍କରେ କାର୍ଯ୍ୟରତ ଗ୍ରାମପଞ୍ଚାୟତ ସମ୍ପାଦକ ମାନଙ୍କୁ ସାମୁହିକ ଭାବରେ ପଦୋନ୍ନତି ଦେଇ V.L.W. ତଥା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତି ଦେଇଥିଲେ; ଯଦିଓ ସେମାନେ ସରକାରୀ କର୍ମଚାରୀ ଥିଲେ କିନ୍ତୁ ଅବସର ନେଲା ସମୟରେ ସେମାନଙ୍କ ପେନସନ ପାଇବା ପାଇଁ ଆବଶ୍ୟକ ସର୍ବନିମ୍ନ କାର୍ଯ୍ୟକାଳ ହୋଇ ନଥିଲା, ସେମାନେ ଆଉ NPS ଯୋଜନାରେ ମଧ୍ୟ ପେନସନ ପାଇବା ପାଇଁ ଯୋଗ୍ୟ ବିବେଚିତ ନ ହେବାରୁ ଟ୍ରିବୁନାଲ, ପରେ ହାଇକୋର୍ଟ ପରେ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ମାମଲା ବିଚାର ପାଇଁ ଯାଇଥିଲା, ସୁପ୍ରିମ କୋର୍ଟ ନିର୍ଦ୍ଦେଶ କ୍ରମେ ସରକାର ମାମଲା ଦାୟର କରିଥିବା ୭୮୨ ଜଣକୁ ପେନସନ ମଞ୍ଜୁରୀ କରିଥିଲେ, ପରବର୍ତ୍ତୀ ସମୟରେ ଆଉ ୭୫୪ ଜଣ ହାଇକୋର୍ଟରେ ମାମଲା କରିଛନ୍ତି, ଉକ୍ତ ତଥ୍ୟ ବିଭାଗ ପାଖରେ ଅଛି କି; ଯଦି ଅଛି କେତେ ଗୋଟି ମାମଲା ହାଇକୋର୍ଟଙ୍କ ବିଚାରଧୀନ ଅଛି ଜିଲ୍ଲାୱାରି ତଥ୍ୟ ପ୍ରଦାନ କରିବେ କି ସରକାରଙ୍କ ପାଖରେ ସେମାନଙ୍କ ସର୍ବନିମ୍ନ ପେନସନ ବ୍ୟବସ୍ଥା ପାଇଁ ପ୍ରସ୍ତାବ ବିଚାରଧିନ ଅଛି କି ?

----

## ସବୁଦିନିଆ ରାସ୍ତା ନିର୍ମାଣ

1844 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪ ସାଲ ପର୍ଯ୍ୟନ୍ତ ରାଜ୍ୟରେ କେତେଟି ଆଦିବାସୀ ଅଧ୍ୟୁଷିତ ଗାଁରେ ସବୁଦିନିଆ ରାସ୍ତା ନିର୍ମାଣ ହେବା ବାକି ରହିଥିଲା, ତାହାର ଜିଲ୍ଲା-ୱାରୀ, ବ୍ଲକ୍-ୱାରୀ ଓ ଗ୍ରାମ ପଞ୍ଚାୟତ-ୱାରୀ ସୂଚୀ ସରକାର ପ୍ରଦାନ କରିବେ କି; (ଖ) ଉପରୋକ୍ତ ଗାଁମାନଙ୍କ ମଧ୍ୟରୁ ଇତିମଧ୍ୟରେ କେତେଟି ଗାଁରେ ସବୁଦିନିଆ ରାସ୍ତା ନିର୍ମାଣ ସମ୍ପନ୍ନ ହୋଇଛି, ସେଗୁଡ଼ିକ କେବେ ଆରମ୍ଭ ଓ କେବେ ସମାପ୍ତ ହୋଇଛି ଏବଂ ଏହାର ଜିଲ୍ଲା-ୱାରୀ, ବ୍ଲକ୍-ୱାରୀ ଓ ପଞ୍ଚାୟତ-ୱାରୀ ବିସ୍ତୃତ ବିବରଣୀ ସରକାର ଦେବେ କି; ଯେଉଁ ଅବଶିଷ୍ଟ ଆଦିବାସୀ ଅଧ୍ୟୁଷିତ ଗାଁମାନଙ୍କରେ ଏପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନିର୍ମାଣ ହୋଇନାହିଁ, ସେମାନଙ୍କୁ କେବେ ସୁଦ୍ଧା ସଂଯୋଗ କରିବାକୁ ସରକାର ନିର୍ଦ୍ଦିଷ୍ଟ ସମୟସୀମା (Timeline) ଓ ଲକ୍ଷ୍ୟ (Target) ଧାର୍ଯ୍ୟ କରିଛନ୍ତି?

----

## SEM ମାନଙ୍କ କାର୍ଯ୍ୟ

**1845 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) SEM (Self Employed Mechanic) ମାନେ ଦିନକୁ କେତେଥର ପାଣି ଯୋଗାଣ କାର୍ଯ୍ୟରେ ସକ୍ରିୟ ଭାବେ ଯୋଗ ଦେଉଛନ୍ତି ଏବଂ ଏହା ପାଇଁ ଦିନକୁ ମୋଟ କେତେ ଘଣ୍ଟା ସମୟ କାର୍ଯ୍ୟରେ ବ୍ୟୟ କରୁଛନ୍ତି ଏହାର ନିର୍ଦ୍ଦିଷ୍ଟ ମାନଦଣ୍ଡ (Norms/Guidelines) କ'ଣ; (ଖ) SEM ମାନଙ୍କୁ ମାସିକ ପାରିଶ୍ରମିକ ଭାବେ କେତେ ଅର୍ଥ ପ୍ରଦାନ କରାଯାଉଛି, ଏହା କେଉଁ ହାର, ମାନଦଣ୍ଡ କିମ୍ବା ସରକାରୀ ଆଦେଶ ଆଧାରରେ ନିର୍ଦ୍ଧାରଣ କରାଯାଇଛି ଏବଂ ଏହି ପାରିଶ୍ରମିକ ରାଜ୍ୟର ନ୍ୟୁନତମ ମଜୁରି ହାର ସହ ସମନ୍ୱୟ ରଖୁଛି କି; ଏବଂ ଉକ୍ତ SEM ମାନଙ୍କୁ ଅଣକୁଶଳୀ / ଅର୍ଥକୁଶଳୀ / କୁଶଳୀ ଶ୍ରେଣୀମଧ୍ୟରୁ କେଉଁ ଶ୍ରେଣୀରେ ବର୍ଗୀକୃତ କରାଯାଇଛି, ଏହାର ସ୍ପଷ୍ଟ ମାନଦଣ୍ଡ କ'ଣ; SEM ମାନଙ୍କୁ ନିୟମିତ ପ୍ରଶିକ୍ଷଣ, ସୁରକ୍ଷା ସାଧନ (Safety Equipment), ସେବା ନିଶ୍ଚିତତା ଓ ସାମାଜିକ ସୁରକ୍ଷା ସୁବିଧା ଦିଆଯାଉଛି କି; ଯଦି ହଁ, ତାହାର ବିବରଣୀ ଦେବେ କି; SEM ମାନଙ୍କ କାର୍ଯ୍ୟଭାର, କାର୍ଯ୍ୟସମୟ ଓ ପାରିଶ୍ରମିକ ମଧ୍ୟରେ ଅସମତୁଳନ ଥିବା ସମ୍ପର୍କରେ କୌଣସି ସମୀକ୍ଷା କିମ୍ବା ପୁନର୍ନିର୍ଦ୍ଧାରଣ ପ୍ରସ୍ତାବ ସରକାର ବିଚାରାଧୀନ ରଖିଛନ୍ତି କି?

----

## ପ୍ରକଳ୍ପ ଚୟନ ପ୍ରକ୍ରିୟାର ମନୀଟରିଂ ବ୍ୟବସ୍ଥା

**1846 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପ୍ରକଳ୍ପ ଚୟନ ପ୍ରକ୍ରିୟାରେ ପାରଦର୍ଶିତା ସୁନିଶ୍ଚିତ କରିବା ପାଇଁ କେଉଁ କେଉଁ ନିରୀକ୍ଷଣ, ନିୟନ୍ତ୍ରଣ ଓ ମନିଟରିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି; (ଖ) BGBO ଯୋଜନା ଅନ୍ତର୍ଗତ କାର୍ଯ୍ୟ ମଞ୍ଜୁରି ପୂର୍ବରୁ ଗ୍ରାମ ସଭାର ଆଲୋଚନା ଓ ସମ୍ମତିକୁ ଅନିବାର୍ଯ୍ୟ ଭାବେ ନିଶ୍ଚିତ କରାଯାଉଛି କି, ଯଦି ହଁ, ତେବେ ଗ୍ରାମ ପଞ୍ଚାୟତ-ଭିତ୍ତିକ ଅନୁସରଣ ସ୍ଥିତି ଓ ରେକର୍ଡ ରଖିବାର ପ୍ରଣାଳୀ କ'ଣ; BGBO କାର୍ଯ୍ୟଗୁଡ଼ିକର ଗୁଣମାନ, ଟିକାଉପନା ଓ ନିର୍ଦ୍ଧାରିତ ମାନଦଣ୍ଡ ସୁନିଶ୍ଚିତ କରିବା ପାଇଁ ପ୍ରାଯୁକ୍ତିକ ମଞ୍ଜୁରି, ତୃତୀୟ ପକ୍ଷ ଗୁଣମାନ ଯାଞ୍ଚ ଓ କାର୍ଯ୍ୟ ସମାପନ ପରେ ସତ୍ୟାପନ ସମ୍ପର୍କିତ କେଉଁ ବ୍ୟବସ୍ଥା ରହିଛି; BGBO ଅନ୍ତର୍ଗତ କାର୍ଯ୍ୟଗୁଡ଼ିକ ଅନ୍ୟ କେନ୍ଦ୍ର କିମ୍ବା ରାଜ୍ୟ ସରକାରୀ ଯୋଜନା ଅନ୍ତର୍ଗତ ପୂର୍ବରୁ କରାଯାଇଥିବା କାର୍ଯ୍ୟ ସହ ପୁନରାବୃତ୍ତି (Duplication) ହେବାରୁ ରୋକିବା ପାଇଁ କେଉଁ ପ୍ରଣାଳୀ ଓ ଯାଞ୍ଚ ପଦ୍ଧତି ଅନୁସରଣ କରାଯାଉଛି; ଯଦି ଏପରି ପୁନରାବୃତ୍ତି କାର୍ଯ୍ୟ ଚିହ୍ନଟ ହୋଇଥାଏ, ତେବେ ରାଉରକେଲା ବିଧାନସଭା ମଣ୍ଡଳୀ ଅଧୀନରେ ସେହି ମାମଲାର ବିବରଣୀ, ସମ୍ପୃକ୍ତ ଆର୍ଥିକ ପ୍ରଭାବ ଓ ଦାୟୀ ଅଧିକାରୀ/ସଂସ୍ଥା ବିରୋଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ କ'ଣ; BGBO ଯୋଜନାରେ ପାରଦର୍ଶିତା, ଲୋକସହଭାଗୀତା ଓ ଦାୟିତ୍ୱବୋଧ ଅଧିକ ସୁଦୃଢ଼ କରିବା ପାଇଁ ସରକାର କେଉଁ ସୁଧାରମୂଳକ ଓ ଶାସନାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି କିମ୍ବା ଗ୍ରହଣ କରିବାକୁ ପ୍ରସ୍ତାବ ରଖିଛନ୍ତି ?

----

## ସହରାଞ୍ଚଳର ବସ୍ତି ବାସିନ୍ଦାଙ୍କ ପୁନର୍ବାସ ନିମନ୍ତେ ବାସଗୃହ ନିର୍ମାଣ

**1847 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ସହରାଞ୍ଚଳର ବସ୍ତି ବାସିନ୍ଦାଙ୍କ ପୁନର୍ବାସ ନିମନ୍ତେ Affordable Housing Project ଅନ୍ତର୍ଗତ ନିର୍ମିତ ହେଉଥିବା ବାସଗୃହଗୁଡ଼ିକ National Housing Standard (NHS) ଅନୁଯାୟୀ ନିର୍ଦ୍ଧାରିତ ନ୍ୟୁନତମ ମାପ, ମାନ ଓ ସୁବିଧା ଅନୁସାରେ ନ ହୋଇ, ବହୁତ ଛୋଟ ଆକାରର ଓ ଅପର୍ଯ୍ୟାପ ଗୁଣାତ୍ମକତାର ଘର ନିର୍ମାଣ ହେଉଥିବା ନେଇ ଗୁରୁତର ଅଭିଯୋଗ ରହିଛି ଏହି ବିଷୟରେ ସରକାର ବଗତ ଅଛନ୍ତି କି; ଯଦି ହଁ, ତେବେ (କ) Affordable Housing Project ଅନ୍ତର୍ଗତ ବସ୍ତି ବାସିନ୍ଦାଙ୍କ ପାଇଁ ବାସଗୃହ ନିର୍ମାଣ ନିମନ୍ତେ ରାଜ୍ୟରେ କେତେଟି ଠିକା ନିର୍ମାଣ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ଏବଂ କେଉଁ ଅନୁପାତରେ (Ratio/Norms) ଉକ୍ତ ଠିକା ସଂସ୍ଥାମାନଙ୍କୁ ସରକାରୀ ଜମି ଆବଣ୍ଟନ କରାଯାଇଛି ସଂସ୍ଥା-ଭିତ୍ତିକ ବିବରଣୀ କ'ଣ; (ଖ) ଉକ୍ତ ଠିକା ସଂସ୍ଥାମାନଙ୍କୁ Affordable Housing Project ଅନ୍ତର୍ଗତ ଘର ନିର୍ମାଣ ପାଇଁ ବର୍ଗ ଫୁଟ ଆଧାରରେ କେତେ ନିର୍ମାଣ ମୂଲ୍ୟ ଧାର୍ଯ୍ୟ କରାଯାଇଛି, ଏହା NHS ନିର୍ଦ୍ଦେଶିକା ଓ ରାଜ୍ୟ PWD Schedule of Rates (SoR) ସହ ସମନ୍ୱୟ ରଖୁଛି କି; ଏବଂ NHS ମାନଦଣ୍ଡ ଉଲଂଘନ କରି ଛୋଟ ଆକାରର ଘର ନିର୍ମାଣ ହୋଇଥିବା ମାମଲାରେ କୌଣସି ତଦନ୍ତ କିମ୍ବା ଗୁଣାତ୍ମକ ଯାଞ୍ଚ (Third Party Quality Audit) କରାଯାଇଛି କି; ଯଦି ହଁ, ତାହାର ଫଳାଫଳ କ'ଣ; ଯଦି NHS ମାନଦଣ୍ଡ ଉଲଂଘନ ସାବିତ୍ର ହୋଇଥାଏ, ତେବେ ଦାୟୀ ଠିକା ସଂସ୍ଥା ଓ ଅଧିକାରୀଙ୍କ ବିରୁଦ୍ଧରେ କେଉଁ ଶାସନାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଛି କିମ୍ବା ଗ୍ରହଣ କରାଯିବ ?

----

## ଗ୍ରାମ ପଞ୍ଚାୟତର ସଂଖ୍ୟା

**1848 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଉରକେଲା ବିଧାନସଭା ମଣ୍ଡଳୀ ଅଧୀନରେ ଥିବା କେତେଟି ଗ୍ରାମ ପଞ୍ଚାୟତ 'ବିକାଶିତ ଗାଁ-ବିକାଶିତ ଓଡ଼ିଶା' ଯୋଜନା ଅନ୍ତର୍ଗତ ଆବୃତ୍ତ ହୋଇଛି; ଏହା ସହ ଗ୍ରାମ ପଞ୍ଚାୟତ-ଭିତ୍ତିକ ଭାବେ ପ୍ରତ୍ୟେକ ପଞ୍ଚାୟତ ପାଇଁ ମଞ୍ଜୁରିକୃତ ଧନରାଶି, ମଞ୍ଜୁରି ପାଇଥିବା କାର୍ଯ୍ୟର ବିବରଣୀ ଓ ବର୍ତ୍ତମାନ କାର୍ଯ୍ୟାବସ୍ଥା କ'ଣ; ଏବଂ ରାଉରକେଲା ବିଧାନସଭା ମଣ୍ଡଳୀ ଅଧୀନରେ ଥିବା ଅନେକ ପେରି- ଅର୍ବନ (ସହର ସୀମାନ୍ତ) ଓ ଆଦିବାସୀ ଗ୍ରାମଗୁଡ଼ିକୁ ଉକ୍ତ ଯୋଜନାରୁ ବଞ୍ଚିତ ରଖାଯାଇଥିବାର କାରଣ କ'ଣ?

----

## ବାୟୁର ପ୍ରଦୂଷଣ ମାନ ଯାଞ୍ଚ ପାଇଁ ବ୍ୟବସ୍ଥା

1849 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ସ୍ଥାନରେ ବାୟୁର ପ୍ରଦୂଷଣମାନ ଯାଞ୍ଚ କରାଯିବାର ବ୍ୟବସ୍ଥା ରହିଛି ; ଯାଞ୍ଚ ସମୟରେ କେଉଁ କେଉଁ ସ୍ଥାନରେ ବାୟୂର ପ୍ରଦୂଷଣ ମାତ୍ରା ହ୍ରାସ ଓ ବୃଦ୍ଧି ପାଇଛି ତାହାର ଷ୍ଟେସନୱାରୀ ସୂଚନା ଜଣାଇବା ସହିତ ଲୋକଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି ତାହା ଇଲ୍ଲେଖ କରିବେ ; ସେହିଭଳି ମୟୁରଭଞ୍ଜ ଜିଲ୍ଲାର କେଉଁ ସହର ବା ଗ୍ରାମ ଗତ ପାଞ୍ଚ ବର୍ଷ ଧରି ବାୟୁର ମାନ କଣ ଥିଲା ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ବାଙ୍ଗିରିପୋଷିରେ କଲ୍ୟାଣ ମଣ୍ଡପ ନିର୍ମାଣ

1850 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି, ପ୍ରକାଶ କରି ସାମାଜିକ ଉତ୍ସବ ସମ୍ପାଦନ ନିମନ୍ତେ ପ୍ରତ୍ୟେକ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ଫରେଷ୍ଟର ଓ ଫରେଷ୍ଟଗାର୍ଡ଼ିଙ୍କ ଦାୟିତ୍ୱ

1851 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଜଣେ ଫରେଷ୍ଟର ଓ ଜଣେ ଫରେଷ୍ଟ ଗାର୍ଡ କେତେ ବର୍ଗ କିଲୋମିଟର ଦାୟିତ୍ୱରେ ରହିପାରିବ ଓ ରାଜ୍ୟରେ ଜଙ୍ଗଲ ବିଭାଗର ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପଦବୀ ପାଇଁ ମଞ୍ଜୁରୀପ୍ରାପ୍ତ ପଦବୀ କେତେ ଅଛି ; ବର୍ତ୍ତମାନ ମୟୁରଭଞ୍ଜ ଜିଲ୍ଲାରେ କେତେ ପଦବୀ ଖାଲି ପଡିଛି ଏହାଦ୍ୱାରା ଜଙ୍ଗଲ ସୁରକ୍ଷାରେ ବ୍ୟାଘାତ ହେଉଛି କି ?

----

## ବୃହତ ପାନୀୟଜଳ ପାଇପ ଯୋଗେ ଯୋଗାଣ କାର୍ଯ୍ୟ

1852 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ସମେତ ଅନ୍ୟ ନିର୍ବାଚନମଣ୍ଡଳୀର ନିର୍ମାଣଧିନ ଥିବା ବୃହତ ପାନୀୟଜଳ ପାଇପ ଯୋଗେ ଯୋଗାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ପାଇଁ ଆସନ୍ତା ମାର୍ଚ୍ଚ ମାସ ଶେଷସୁଦ୍ଧା ଥିବା ପ୍ରକଳ୍ପର ତଦନୁଯାୟୀ ଅଗ୍ରଗତି ହେଉନଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି; ଏବଂ (ଖ) ଏହି କାର୍ଯ୍ୟ କେବେ ସଂପୂର୍ଣ୍ଣ ହେବ ଓ ବିଳମ୍ବ ହେଉଥିବାରୁ ପାନୀୟଜଳ ସମସ୍ୟାକୁ ଦୃଷ୍ଟିରେ ରଖି ସେହି ଗ୍ରାମଗୁଡିକରେ ନଳକୂପ ଖନନ ପାଇଁ ପଦକ୍ଷେପ ନିଆଯିବ କି ?

----

## ବନାଗ୍ନି କବଳରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ପଦକ୍ଷେପ

1853 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବନାଗ୍ନି କବଳରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ; ବିଗତ ୩ ବର୍ଷରେ ରାଜ୍ୟର କେତୋଟି ଜଙ୍ଗଲରେ କେତେ ଥର ବନାଗ୍ନି ସୃଷ୍ଟି ହୋଇଛି ଏହି ବାବଦରେ ମୟୁରଭଞ୍ଜ ଜିଲ୍ଲାର କେଉଁ ଫୋରେଷ୍ଟ ବିଟରେ ବନାଗ୍ନିରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏହାର ଏକ ବିବରଣୀ ଦେବେ କି ; ଏହି ବନାଗ୍ନି ଫଳରେ ଜଙ୍ଗଲରେ ବସବାସ କରୁଥିବା କେତେ ପଶୁପକ୍ଷୀ ମୃତାହତ ହୋଇଛନ୍ତି ଓ କେତେ ବୃକ୍ଷରାଶୀ ନଷ୍ଟ ହୋଇଛି ; ମନୁଷ୍ୟକୃତ ନିଆଁକୁ ରୋକିବା ପାଇଁ ସରକାରଙ୍କର ବିଶେଷ ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ?

----

## Achievement of inter-ministerial convergence

1854 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Under Rashtriya Grameen Swaraj Abhiyaan (RGSA), the Present government has mandated robust GPDPs on eGramSwaraj, fostering convergence across 29 Eleventh Schedule subjects-unlike the Previous government's fragmented planning that delayed rural transformation. How many Satyabadi Gram Panchayats have uploaded and approved 2025-26 GPDPs, what is the total work cost initiated and what inter-ministerial convergence has been achieved since the present government takeover?

----

## Specific revival roadmap for OSFC with investment timelins

1855 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Odisha State Financial Corporation (OSFC), despite government promises since 2006, continues

accumulating losses (Rs 471.55 crore as of March 2022, with Rs 2.35 crore loss in 2019-20). For nearly 18 years, successive Previous govt. administrations failed to either revive or restructure this institution designed to support MSMEs. Has the present government's Economic Advisory Committee prepared a specific revival roadmap for OSFC with investment timelines and governance restructuring measures; How will OSFC be repositioned to serve rural MSMEs in constituencies like Satyabadi?

----

**Establishment of new ESIC Medical College**

1856 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The status of Odisha's proposal for establishment of a new ESIC Medical College on 25 acres at Andharua, Bhubaneswar approved by Union Minister Mansukh Mandaviya during the 194th ESIC Corporation meeting in October 2024, (b) why no medical college expansion proposal was submitted by the previous government during its entire 24-year tenure, despite Odisha having the third-highest ESI beneficiary population among coastal states, the timeline for submission to the Union Ministry and anticipated commencement of MBBS/BDS admissions from this medical college, how many ESI beneficiary wards will gain reserved quota seats once this college becomes operational and what is the current annual admission capacity against need and whether similar proposals for ESIC medical colleges in Bhubaneswar and Vishakhapatnam (Andhra Pradesh) represent a competitive federal response ?

----

**Drainage master plan for BMC area**

1857 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether, even after the CAG's Performance Audit on Storm Water Drainage and Sewerage Management (2017-22) recorded that Bhubaneswar Municipal Corporation had no approved master plan for storm water drainage and allowed narrowing and encroachment of 10 natural drains-including Daya West canal virtually converted into a sewage drain-any comprehensive, GIS-based drainage master plan for BMC area has finally been prepared, approved and put into operation, (b) what responsibility has been fixed on the then senior planners

and engineers of BMC and allied agencies for avoidable expenditure of about Rs 3,045.44 crore on faulty sewerage/ drainage DPRs across municipal corporations, and for contamination at Kuakhai intake well that contributed to lakhs of diarrhoea, typhoid and hepatitis cases in the CAG period and whether the Government proposes a special internal audit of past planning decisions in BMC, so that such 'planning without planning' in the capital city is never repeated?

----

## Ama Odisha Nabin Odisha Funds

**1858 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Regarding the 'Ama Odisha Nabin Odisha' funds sanctioned hurriedly by the previous regime just before the 2024 elections, has the Department's audit revealed the extent of financial misappropriation in the Satyabadi constituency, what specific legal actions are being taken against the officials and contractors who treated public money as 'unaccountable party funds' and executed substandard work without proper tenders ?

----

## ଯନ୍ତ୍ରୀଙ୍କ ଅଭାବରୁ ଗ୍ରାମାଞ୍ଚଳର ଉନ୍ନତି ବାଧାପ୍ରାପ୍ତ

**1859 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ଥିବା ଗ୍ରାମ୍ୟ ଉନୟନ୍ନ ବିଭାଗର ଦୁଇଟି ଡିଭିଜନରେ ଯନ୍ତ୍ରୀ ଅଭାବ କାରଣରୁ ସରକାରଙ୍କ ଗ୍ରାମାଞ୍ଚଳର ଉନ୍ନତି ମୂଳକ କାମ ବାଧାପ୍ରାପ୍ତ ହେଉଥିବା ସରକାରଙ୍କ ଦୃଷ୍ଟିରେ ଅଛି କି, ଯଦି ଉତ୍ତର ହଁ ହୁଏ ତେବେ କେଉଁ କେଉଁ ପଦବୀ କେବେଠାରୁ ଖାଲି ଅଛି ଓ ତାହା କେବେ ସୁଦ୍ଧା ପୂରଣ ହେବ ?

----

## ଲାଭରେ ଚାଲୁଥିବା ଉଦ୍ୟୋଗ ଗୁଡିକର ତାଲିକା

**1860 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ କେତୋଟି ସରକାରୀ ଉଦ୍ୟୋଗ କାର୍ଯ୍ୟ କରୁଛି ଓ ଏଥିରୁ କେତୋଟି ଲାଭରେ ଚାଲୁଛି ଏହାର ଏକ ଉଦ୍ୟୋଗୱାରୀ ତାଲିକା ଦେବା ସହିତ ସରକାରୀ ଉଦ୍ୟୋଗ ଗୁଡିକରୁ ଗତ 5 ବର୍ଷ ମଧ୍ୟରେ କେତେ କର୍ମଚାରୀଙ୍କୁ ଛଟେଇ କିମ୍ବା ସ୍ୱେଚ୍ଛାକୃତ ଅବସର ପ୍ରଦାନ କରାଯାଇଛି ତାହାର ଏକ ଉଦ୍ୟୋଗୱାରୀ ତାଲିକା ପ୍ରଦାନ କରିବେ କି ?

----

## କାଠ ସଂଗ୍ରହ ପରିମାଣ

1861 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କ) କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ପାଇଁ କାମ କରୁଥିବା ଓଡ଼ିଶା ବନ ଉନୟନ ନିଗମ ଭବାନିପାଟଣା ଶାଖା ଜରିଆରେ ବିଗତ ପାଞ୍ଚ ବର୍ଷରେ କେଉଁ କେଉଁ ସ୍ଥାନରେ କେତେ ଟଙ୍କା ଖର୍ଚ୍ଚ ହୋଇ ନୂତନ ବନୀକରଣ ହୋଇଛି ତାହାର ସ୍ଥାନୱାରୀ ମୂଲ୍ୟ ସହ ତଥ୍ୟର ସମ୍ପୂର୍ଣ୍ଣ ବିବରଣୀ ଦେବେ କି, (ଖ) କଳାହାଣ୍ଡି ଜିଲ୍ଲାରେ ବନ ବିଭାଗ ଜରିଆରେ ଗତ ପାଞ୍ଚ ବର୍ଷରେ ଜବତ ହୋଇଥିବା ବିଭିନ୍ନ କିସମର କାଠର ବିବରଣୀ ଓ ପରିମାଣ ନିଗମକୁ ହସ୍ତାନ୍ତର ହୋଇଛି ଓ ତାହାର ବର୍ତ୍ତମାନ ସ୍ଥିତି କଣ ଜଣାଇବେ କି, ଗତ ପାଞ୍ଚ ବର୍ଷରେ ନିଗମ ଅଧିନରେ ଥିବା ବିଭିନ୍ନ ଡ଼ିପୋ ଜରିଆରେ କେତେ ପରିମାଣରେ ଜଙ୍ଗଲଜାତ ଦ୍ରବ୍ୟ ଓ କାଠ ସଂଗ୍ରହ ହୋଇଛି ଓ ଏହାର ବିକ୍ରୟ ର ଡ଼ିପୋ ୱାରୀ ସମ୍ପୂର୍ଣ ତଥ୍ୟ ସହ ବିବରଣୀ ଦେବେ କି ?

----

## ଅର୍ଥ ସଂଗ୍ରହ କରୁଥିବା ସଂସ୍ଥା ସମ୍ପର୍କରେ

1862 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାର ପୌର ସଂସ୍ଥା ଗୁଡିକର ବାର୍ଷିକ ଯୋଜନା ଓ ଅଣ ଯୋଜନା ବ୍ୟୟର କେତେ ପ୍ରତିଶତ ସେମାନେ ଏବେ କେଉଁ ସୁତ୍ରରୁ ସଂଗ୍ରହ କରୁଛନ୍ତି ତାହାର ସଂସ୍ଥା ୱାରୀ ତଥ୍ୟ ସହ ଉକ୍ତ ସଂସ୍ଥା ଗୁଡିକର ବ୍ୟୟ ବଢାଇ ବିଭିନ୍ନ ବିକାଶମୂଳକ କାମ କରିବା ସକାଶେ କି ପଦକ୍ଷେପ ନିଆଯାଉଅଛି, ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ୧୯୭୩ ମସିହାରେ ଗଠନ ହୋଇଥିବା ବେଳେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ଓ ପରିସୀମା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହାକୁ ମ୍ୟୁନସିପାଲିଟି ରୂପେ ଘୋଷଣା କରିବା ପାଇଁ ସରକାର ବିଚାର କରିବେ କି ?

----

## ଗ୍ରାମ ପଞ୍ଚାୟତ ରାସ୍ତା ଓ ପଞ୍ଚାୟତ ସମିତି ରାସ୍ତାର ପରିମାଣ

1863 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ଗ୍ରାମ ପଞ୍ଚାୟତ ରାସ୍ତା ଓ ପଞ୍ଚାୟତ ସମିତି ରାସ୍ତା ପଂଚାୟତ ୱାରୀ ବିବରଣୀ ଦେବେ କି, ବର୍ତ୍ତମାନ ସୁଦ୍ଧା କେତେଗୋଟି ରାଜସ୍ୱ ଗ୍ରାମ ଏବଂ କେତେ କି.ମି. ଅଛି ତାହାର ବ୍ଲକ ଓ ପଡା ଗ୍ରାମକୁ ସବୁଦିନିଆ ରାସ୍ତାନାହିଁ, ରାଜସ୍ୱ ଗ୍ରାମ ଓ ପଡାଗ୍ରାମର ନାମ, ବ୍ଲକ୍ ଓ ପଂଚାୟତ ୱାରୀ ତଥ୍ୟ ଦେବେ କି ; କେଉଁ ସଂସ୍ଥା ଦ୍ୱାରା କେବେ ଉପରୋକ୍ତ ସର୍ବେକ୍ଷଣ କରାଯାଇ ଅସଂଯୋଜିତ ରାଜସ୍ୱ ଗ୍ରାମ ଓ ପଡାଗ୍ରାମ ଗୁଡିକୁ ଚିହ୍ନଟ କରାଯାଇଅଛି, ସଂସ୍ଥାଙ୍କ ନାମ ପ୍ରକାଶ କରିବେ କି ; ରାଜସ୍ୱ ଗ୍ରାମ ଓ ପଡାଗ୍ରାମ ଗୁଡିକରେ ସବୁ ଦିନିଆ ରାସ୍ତା ନିର୍ମାଣ ପାଇଁ କଣ କଣ ସ୍ୱତନ୍ତ୍ର ପଦକ୍ଷେପ ନିଆ ଯାଇଛି ଏବଂ କେବେ ସରିବ ?

----

## ସ୍ଥାୟୀ ନିଯୁକ୍ତି

1864 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାତ୍ମାଗାନ୍ଧୀ ନରେଗା ଯୋଜନାର ନାମ ପରିବର୍ତ୍ତନ ହୋଇ BV-GRMG ହୋଇଥିବାରୁ, ଏହି ଯୋଜନା ଅଧିନରେ ବ୍ଲକମାନଙ୍କରେ କାର୍ଯ୍ୟରତ ଥିବା APO ମାନଙ୍କର ନୂଆ ଯୋଜନାରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସରକାର ବ୍ୟବସ୍ଥା କରିବେ କି, ଦୀର୍ଗ 10 ବର୍ଷର ଅଭିଜ୍ଞତା ଓ ଉଚ୍ଚ ଶିକ୍ଷିତ ମାନେ APO ଭାବେ କାର୍ଯ୍ୟ କରିଥିବାରୁ ଏମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ବଜେଟରେ ବ୍ୟବସ୍ଥା କରିବାକୁ ସରକାର ପଦକ୍ଷେପ ନେବେ କି ?

----

## ନାମ ପଞ୍ଜିକରଣ

1865 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କାର୍ଯ୍ୟରତ ଥିବା ସମସ୍ତ 108 Ambulance ର କର୍ମଚାରୀମାନଙ୍କୁ ସେମାନଙ୍କ ଠିକା ସଂସ୍ଥା ସରକାରଙ୍କ ଶ୍ରମ ନିୟମ ଅନୁଯାୟୀ କାର୍ଯ୍ୟ କରୁଛି କି, କର୍ମଚାରୀ ସ୍ୱତନ୍ତ୍ର ଭତ୍ତା 5000 ଏବଂ 3000 ଟଙ୍କା ଭତ୍ତାକୁ 17 ମାସ ହେଲା କାଟି କର୍ମଚାରୀଙ୍କ ପେଟକୁ କୁଠାରଘାତ କରୁଥିବାରୁ ଏହାର କାରଣ କଣ ଓ ଏହି ଟଙ୍କାକୁ ପୁନର୍ବାର କର୍ଚାମୀଙ୍କୁ ଫେରସ୍ତ କରିବା ପାଇଁ ସରକାର EMRI Green Health Scheme କମ୍ପାନୀକୁ ନିର୍ଦ୍ଦେଶ ଦେବେ କି, ଅନ୍ୟ ରାଜ୍ୟ ଭଳି 108 Ambulance ଦାୟିତ୍ୱ ସରକାର ନିଜ ହାତକୁ ନେବେ କି, ଏତଦ୍ ବ୍ୟତୀତ ସମ୍ପୃକ୍ତ କମ୍ପାନୀ National Skill Development ରେ 108 Ambulance କର୍ମଚାରୀଙ୍କ ନାମ ପଞ୍ଜିକରଣ କରି ମାସିକ 1500 ଟଙ୍କା ଦରମାରୁ କଟୁଛି କାହିଁକି ?

----

## କ୍ଷତିରେ ଚାଲୁଥିବା ଉଦ୍ୟୋଗ

1866 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ଦୀର୍ଘ 20 ମାସ ମଧ୍ୟରେ କ୍ଷତିରେ ଚାଲୁଥିବା ଉଦ୍ୟୋଗମାନଙ୍କରେ ଆର୍ଥିକ ସ୍ୱଚ୍ଛଳତା ଆଣିବା ପାଇଁ କି କି ପଦକ୍ଷେପ ନେଇଛନ୍ତି ତାର ବିସ୍ତୃତ ବିବଣୀ ବିଭିନ୍ନ ଉଦ୍ୟୋଗୱାରୀ ପ୍ରଦାନ କରିବେ କି ?

----

## ନିଜସ୍ୱ ରୋଜଗାର ପାଇଁ ବ୍ୟବସ୍ଥା

1867 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କର ବିଭିନ୍ନ ସହରାଞ୍ଚଳରେ ସ୍ୱାୟତ ସଂସ୍ଥାର (ପୌର) (NAC, Municipality) ଭଳି ସଂସ୍ଥାର ନିଜସ୍ୱ ରୋଜଗାର ପାଇଁ କି କି ବ୍ୟବସ୍ଥା କରିଛନ୍ତି?

----

## ଖର୍ଚ୍ଚ ବିବରଣୀ

1868 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଉକ୍ତ ବିଭାଗ ପକ୍ଷରୁ 2024-25 ଓ 2025-26 (ଆଜିପର୍ଯ୍ୟନ୍ତ) ଆର୍ଥିକ ବର୍ଷରେ କେଉଁଠାରେ କି କି କାମ ହୋଇଛି ଓ କେଉଁ କାମ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର detail report block ୱାରୀ ପ୍ରଦାନ କରିବେ କି ?

----

## ସ୍ଥାୟୀ ନିଯୁକ୍ତି

1869 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ 314 ଗୋଟି ବ୍ଲକରେ କାର୍ଯ୍ୟରତ ଥିବା Additional Programme Officer ମାନେ ମନରେଗା ଯୋଜନା ଅଧିନରେ ଦୀର୍ଘ 15 ବର୍ଷ ହେଲା କାର୍ଯ୍ୟକରୀ ଆସୁଥିବାବେଳେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ସରକାର ଦେଉନାହାଁନ୍ତି କାହିଁକି, ବିଗତ ଦିନରେ ସରକାର ସେହି ମନରେଗା ଅଧିନରେ କାର୍ଯ୍ୟରତ ଥିବା G.P.T.A. ଓ GRS ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଇଥିବାବେଳେ ସରକାର APO ମାନଙ୍କ ପ୍ରତି ସମାନ ନିୟମ ପାଳନ କରି ସ୍ଥାୟୀ ନିଯୁକ୍ତି ଦେବେ କି ?

----

## ବ୍ୟୟ ଅଟ୍ଟକଳ ବିବରଣୀ ପ୍ରଦାନ

1870 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗ୍ରାମ୍ୟ ଉନ୍ନୟନ ବିଭାଗରେ ଚଳିତ ବର୍ଷରେ କେଉଁ ଓ କେତେ କାର୍ଯ୍ୟ ପାଇଁ ବ୍ୟୟ ଅଟ୍ଟକଳ କରାଯାଇଅଛି ତାହାର ତାଲିକା ପ୍ରଦାନ କରିବା ସହ କେତେ ଖର୍ଚ୍ଚ ହୋଇଅଛି ତାହାର କାର୍ଯ୍ୟୱାରୀ ପ୍ରଦାନ କରିବେ କି ?

----

## Deer Park ର ଉନ୍ନତି

1871 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନନ୍ଦନକାନନ ଓ ପାପଡାହାଣ୍ଡି Deer Park ରେ କେଉଁ କେଉଁ ପ୍ରାଣୀ ରହିଛନ୍ତି ଓ କେତେ ଟଙ୍କା ବଜେଟ୍ କରାଯାଇଅଛି ଓ ଖର୍ଚ୍ଚ କରାଯାଇଅଛି ?

----

## କାର୍ଯ୍ୟ ବିବରଣୀ ପ୍ରଦାନ

1872 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଦ୍ୱାରା କି କି କାର୍ଯ୍ୟ କରାଯିବା ପାଇଁ ବଜେଟ୍ କରାଯାଇଅଛି ତାହାର ତାଲିକା 2020-21 ଠାରୁ 2025-26 ପ୍ରଦାନ କରିବେ କି ?

----

## ପଞ୍ଚାୟତରାଜ ବିଭାଗର କାର୍ଯ୍ୟ

1873 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଞ୍ଚାୟତିରାଜ ବିଭାଗଦ୍ୱାରା କି କି କାର୍ଯ୍ୟ କରିବାପାଇଁ କାର୍ଯ୍ୟ ଚାଲୁଅଛି ତାହାର ତାଲିକା 2020-21 ଠାରୁ 2025-26 ପ୍ରଦାନ କରିବେ କି ?

----

## ପ୍ରକଳ୍ପ ଚୟନ

1874 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନୂତନ ମାର୍ଗଦର୍ଶିକା ଅନୁସାରେ ଚଳିତ ବର୍ଷଠାରୁ "ବିକଶିତ ଓଡିଶା" (BGBO) ପ୍ରକଳ୍ପରେ ବିଧାୟକମାନେ 40% ପ୍ରକଳ୍ପ ପାଇଁ ପ୍ରସ୍ତାବ ଦେଇପାରିବେନାହିଁ, ତେବେ ଗ୍ରାମସଭା ଓ ସାଧାରଣ ଜନତାଙ୍କ ଦ୍ୱାରା ଯେଉଁ ପ୍ରସ୍ତାବ ଦିଆଯିବ ସେଥିରୁ କେଉଁ ଆଧାରରେ ଏବଂ କେଉଁ ଅନୁପାତରେ ଜିଲ୍ଲାପାଳ ପ୍ରକଳ୍ପ ଚୟନ କରିବେ, ଯଦି ଜନ ପ୍ରତିନିଧି ଭାବେ ସ୍ଥାନୀୟ ବିଧାୟକ କିଛି ପ୍ରକଳ୍ପର ପ୍ରସ୍ତାବ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରନ୍ତି, ତାହାକୁ ପ୍ରାଥମିକତା ଦିଆଯିବ କି ନାହିଁ ?

----

## କେନ୍ଦ୍ରୀୟ ଅନୁଦାନ ପରିମାଣ

1875 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2024-25 ଓ 2025-26 ଆର୍ଥିକ ବର୍ଷରେ " ଜଳ ଜୀବନ ମିଶନ" କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଓଡିଶାକୁ କେତେ ଟଙ୍କାର କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରିବାର ଥିଲା ଏବଂ ସେଥିରୁ କେତେ ଟଙ୍କା ପ୍ରଦାନ କରିଛନ୍ତି, (ଖ) ଏହି କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ବିଗତ (24-25 ଓ 25-26) ଦୁଇ ଆର୍ଥିକ ବର୍ଷରେ କେତେ ଟଙ୍କା ଖର୍ଚ୍ଚ ପାଇଁ ବଜେଟରେ ଆକଳନ କରିଥିଲେ ଏବଂ ସେଥିରୁ ଏଯାଏଁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ?

----

## ପ୍ରଦୂଷଣ ନିୟମ ଉଲଘଂନ

1876 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂଆ ସରକାର ଆସିବା ପରଠୁ ବିଗତ ୧୯ ମାସ ମଧ୍ୟରେ ଓଡିଶାରେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ଶିଳ୍ପ ସଂସ୍ଥା ପ୍ରଦୂଷଣ ନିୟମ ଉଲଙ୍ଘନ କରିଛନ୍ତି ଏବଂ ସେମାନଙ୍କୁ କେତେ ଟଙ୍କା ଜୋରିମାନା କରାଯାଇଛି, ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ଏହି ସମୟ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ କେତୋଟି ଶିଳ୍ପ ସଂସ୍ଥା ଯାଞ୍ଚ କରିଛି ?

----

## ପ୍ରକଳ୍ପ କାର୍ଯ୍ୟ ବିବରଣୀ

1877 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪ - ୨୫ ଓ ୨୦୨୫ - ୨୬ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବଜେଟରେ କେତେ ଟଙ୍କାର ଅନୁଦାନ ମିଳିଥିଲା ଏବଂ ସେତିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଭୋଗରାଇ ନିର୍ବାଚନ ମଣ୍ଡଳୀ ୨୦୨୪ - ୨୫ ଓ ୨୦୨୫- ୨୬ ଆର୍ଥିକ ବର୍ଷରେ କେତେ ଟଙ୍କାର ଅନୁଦାନରେ କେଉଁ କେଉଁ ପ୍ରକଳ୍ପ ଆରମ୍ଭ ହୋଇଛି, ସେଥିରୁ କେତେ ଟଙ୍କା ଖର୍ଚ୍ଚ ହେଇଛି, କେତୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ କେତେ ଟଙ୍କା ଖର୍ଚ୍ଚ ନହୋଇ ପଡି ରହିଛି ?

----

## ସ୍ଥାୟୀ ନିଯୁକ୍ତି ପ୍ରଦାନ

1878 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ସହରାଞ୍ଚଳରେ ଜଳକର ଆଦାୟ କରୁଥିବା ଜଳସାଥି ମାନଙ୍କୁ ନିୟମିତ କରିବା ପାଇଁ କି ବ୍ୟବସ୍ଥା କରିଛନ୍ତି, (ଖ) ୨୦୧୯ ରୁ ଆରମ୍ଭ ହେଇଥିବା ଏହି କାର୍ଯ୍ୟକ୍ରମ ରେ WATCH ଓ PHeO ର ଅଲଗା ବ୍ୟବସ୍ଥା ନକରି ଗୋଟିଏ ସଂସ୍ଥା କାହିଁକ୍ କରାଯାଇନାହିଁ, ଜଳସାଥୀ ମାନଙ୍କୁ ଏତେ ବର୍ଷ ପରେ ସ୍ଥାୟୀ କରାନଯାଇ କେବଳ କଲେକସନ ଏଜେଣ୍ଟ ଭଳି ରଖାଯାଇଛି କାହିଁକି ?

----

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ

1879 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ପଞ୍ଚାୟତକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, କେବେ ସୁଦ୍ଧା ରାଜ୍ୟର ସମସ୍ତ ପଞ୍ଚାୟତକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣର ଲକ୍ଷ୍ୟ ରହିଛି, ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ ସହିତ ଝାରସୁଗୁଡା ଜିଲ୍ଲାରେ କେତୋଟି ପଞ୍ଚାୟତ ରହିଛି ଓ ଏଥି ମଧ୍ୟରୁ କେତୋଟି ପଞ୍ଚାୟତକୁ ପାଇପ୍ ଯୋଗେ ପାନାୟଜଳ ଯୋଗାଣ କରାଯାଇଛି ?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମଞ୍ଜୁର

1880 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ସହରୀ)ରେ ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ କେତୋଟି ଗୃହ ମଞ୍ଜୁର ହୋଇଛି ଏବଂ ଏଥି ମଧ୍ୟରୁ କେଉଁ ପୌରାଞ୍ଚଳକୁ କେତେ ମିଳିଛି ଏବଂ ଏଥିରୁ କେଉଁ ପୌରାଞ୍ଚଳରେ କେତୋଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ତାହାର ବିସ୍ତୃତ ସୂଚନା ପ୍ରଦାନ କରିବେ କି, ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସହରାଞ୍ଚଳରେ ନିର୍ମାଣ ହେଉଥିବା ଗୋଟିଏ ଘର ପାଇଁ କେତେ ଅର୍ଥ ମିଳୁଛି ଓ ଏଥିରେ କେଉଁ ପ୍ରକାରର ଘର ସହିତ ଅନ୍ୟ କ’ଣ ସବୁ ମୌଳିକ ସୁବିଧାର ନିର୍ମାଣ କରାଯାଉଛି ?

----

## ଝାରସୁଗୁଡା ଜିଲ୍ଲାରେ ବୃକ୍ଷରୋପଣ

1881 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏକ୍ ପେଡେ ମା କି ନାମ୍ ଯୋଜନାରେ ଝାରସୁଗୁଡା ଜିଲ୍ଲାରେ କେତେ ସଂଖ୍ୟକ ବୃକ୍ଷ ରୋପଣ ହୋଇଥିଲା ଓ ଏ ବାବଦରେ ବିଭାଗ ପକ୍ଷରୁ କେତେ ଅର୍ଥ ବ୍ୟୟ କରାଯାଇଥିଲା, ବର୍ତ୍ତମାନ ସୁଦ୍ଧା ଏହିସବୁ ଗଛର ରକ୍ଷଣାବେକ୍ଷଣ ବାବଦରେ କେତେ ଅର୍ଥ ବ୍ୟୟରେ କ’ଣ ସବୁ ପଦକ୍ଷେପ ନିଆଯାଇଛି ଏବଂ ଏଥି ମଧ୍ୟରୁ କେତେ ଗଛ ବଞ୍ଚିଛି ତାହାର ଏକ ଅଞ୍ଚଳୱାରୀ ତାଲିକା ପ୍ରଦାନ କରିବେ କି ?

----

## ନିର୍ମାଣ ହୋଇଥିବା ନୂତନ ସଡକ ସଂଖ୍ୟା

1882 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ ୨୦୨୪ ଜୁନ୍ ମାସ ଠାରୁ ବର୍ତ୍ତମାନ ସୁଦ୍ଧା କେତୋଟି ନୂତନ ସଡକ ନିର୍ମାଣ କରାଯାଇଛି, ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ବିଭାଗ ଅଧୀନରେ କେଉଁ କିସମର କେତେ ପରିମାଣର ସଡକ ରହିଛି ଏବଂ ୨୦୨୪ ଜୁନ୍ ମାସରୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏହାର ରକ୍ଷଣା ବେକ୍ଷଣ ଓ ମରାମତି ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଓ ଏଥିରୁ କେତେ ଅର୍ଥ ବ୍ୟୟ ହୋଇଛି ?

----

## ସ୍ମାର୍ଟ ସିଟିର ସ୍ଥିତି

1883 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସୁଦ୍ଧା ରାଜ୍ୟର ଦୁଇ ସ୍ମାର୍ଟସିଟି ଭୁବନେଶ୍ୱର ଓ ରାଉରକେଲାରେ ସ୍ମାର୍ଟ ସିଟିର ସ୍ଥିତି କ’ଣ ରହିଛି, ଏହି ଦୁଇ ସ୍ମାର୍ଟ ସିଟି ପାଇଁ କେନ୍ଦ୍ରରୁ ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ମିଳିଛି ଓ ଏଥିରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ତାହାର ଏକ ସ୍ମାର୍ଟସିଟି ୱାରୀ ତାଲିକା ପ୍ରଦାନ ସହିତ ବର୍ତ୍ତମାନ ଭୁବନେଶ୍ୱର ସ୍ମାର୍ଟ ସିଟିରେ କାର୍ଯ୍ୟରତ ଅଧିକାରୀ ସହ କର୍ମଚାରୀମାନଙ୍କର ନାମ, ପଦବୀ ଆଦି ଉଲ୍ଲେଖ କରିବା ସହିତ ସେମାନଙ୍କୁ କେଉଁ ସୂତ୍ରରୁ ବେତନ ପ୍ରଦାନ କରାଯାଉଛି ?

----

## ମିନି ଅଡିଟୋରିୟମ ନିର୍ମାଣ

1884 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ମ୍ୟୁନିସିପାଲିଟିରେ ଏକ ମିନି ଅଡିଟୋରିୟମ ନିର୍ମାଣ ନିମନ୍ତେ ସରକାରଙ୍କ ଠାରେ ଦାବି ହେଉଥିବା ସରକାର ଜାଣନ୍ତି କି, ଯଦି ହଁ, ତେବେ ଏହି ମିନି ଅଡିଟୋରିୟମ ତୁରନ୍ତ ନିର୍ମାଣ ନିମନ୍ତେ ସରକାର ବିଚାର କରିବେ କି ?

----

## ବିଭିନ୍ନ ଯୋଜନାରେ ମଞ୍ଜୁର ଅର୍ଥର ପରିମାଣ

1885 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାର ୨୦୨୪ - ୨୫ ଓ ୨୦୨୫ - ୨୬ ଆର୍ଥିକ ବର୍ଷରେ କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିକୁ କେଉଁ କେଉଁ ଯୋଜନାରେ କେତେ ଟଙ୍କା ମଞ୍ଜୁର କରିଛନ୍ତି କହିବେ କି, (ଖ) ଏହି ଦୁଇଟି ମ୍ୟୁନିସିପାଲିଟି ରାଜ୍ୟ ସରକାରଙ୍କୁ ୨୦୨୫ -୨୬ ଆର୍ଥିକ ବର୍ଷ କେତେ କେତେ ଟଙ୍କାର ବାର୍ଷିକ ଆକ୍ସନ ପ୍ଲାନ ପ୍ରସ୍ତୁତ କରି କେଉଁ କେଉଁ ତାରିଖରେ ଅର୍ଥ ମଞ୍ଜୁର ନିମନ୍ତେ ପ୍ରେରଣ କରିଥିଲେ ?

----

## ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ

1886 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ କେଉଁ କେଉଁ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣଧିନ ଅଛି ଓ ସେହି ସେହି ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ଶେଷ ହେବ ଓ ସମ୍ପୃକ୍ତ ଲୋକମାନଙ୍କୁ ପାନୀୟ ଜଳର ଯୋଗାଣ ସୁବିଧା ଉପଲବ୍ଧ ହେବ ?

----

## ପଞ୍ଚାୟତର ଜନ ସଂଖ୍ୟା

1887 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକର କେଉଁ କେଉଁ ପଞ୍ଚାୟତର ୨୦୧୧ ଜନଗଣନା ଅନୁସାରେ ଲୋକସଂଖ୍ୟା କେତେ ଓ ତନମଧ୍ୟରୁ ମହିଳା, ଅନୁସୂଚୀତ ଜାତି / ଜନଜାତିଙ୍କ ସଂଖ୍ୟା କେତେ ?

----

## ପାନୀୟ ଜଳ ପାଇବାରୁ ବଞ୍ଚିତ ଗ୍ରାମ

1888 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ବ୍ଲକର ପୁରୁଶୋମପୁର ପଞ୍ଚାୟତର କୋରୁଆ ଗ୍ରାମ ପାଇପ ସଂଯୋଗ ହୋଇଥିଲେ ମଧ୍ୟ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ସରକାର ଜାଣନ୍ତି କି, ଯଦି ହଁ, ତେବେ ଏହି ସମସ୍ୟାର ସମାଦାନ ପାଇଁ କୋରୁଆ ଗ୍ରାମରେ ଏକ ଜଳ ଉତ୍ସ ପ୍ରଡକ୍ସନ ୱେଲ ଖୋଲିବାକୁ ପଦକ୍ଷେପ ନେବେ କି ?

----

## କ୍ଷତିରେ ଚାଲୁଥିବା ଉଦ୍ୟୋଗର ପୁନରୁଦ୍ଧାର

1889 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ଦୀର୍ଘ 20 ମାସ ମଧ୍ୟରେ କ୍ଷତିରେ ଚାଲୁଥିବା ଉଦ୍ୟୋଗମାନଙ୍କରେ ଆର୍ଥିକ ସ୍ୱଚ୍ଛଳତା ଆଣିବା ପାଇଁ କି କି ପଦକ୍ଷେପ ନେଇଛନ୍ତି ତାର ବିସ୍ତୃତ ବିବଣୀ ବିଭିନ୍ନ ଉଦ୍ୟୋଗୱାରୀ ପ୍ରଦାନ କରିବେ କି ?

----

## ଯୋଜନାରେ ଉପକୃତ ହିତାଧିକାରୀଙ୍କ ତାଲିକା

1890 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ESI (Employees' State Insurance) ଅଧୀନରେ ଥିବା ରାଜୀବ ଗାନ୍ଧୀ ଶ୍ରମିକ କଲ୍ୟାଣ ଯୋଜନା ବର୍ତ୍ତମାନ ଚାଲୁ ରହିଛି କି, ଯଦି ହଁ, ତେବେ ଗତ ୩ ବର୍ଷରେ କେତେ ହିତାଧ୍ୟାକାରୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି ତାର ତାଲିକା ଦେବେ କି, ଏଥିସହ ଏହି ଯୋଜନା ସମ୍ବନ୍ଧରେ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା ନଥିବା ଓ ହିତାଧ୍ୟାକାରୀଙ୍କ ଆବେଦନ ପ୍ରକ୍ରିୟାରେ ଜଟିଳତା ଥିବାରୁ ଶ୍ରମିକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଏହି ଆବେଦନ ପ୍ରକ୍ରିୟାର ସରଳୀକରଣ କରିବା ପାଇଁ ସରକାର କିଛି ପଦକ୍ଷେପ ନେବେ କି ?

----

## ବିଭିନ୍ନ ବ୍ଲକରେ ରାସ୍ତା ନିର୍ମାଣ

1891 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଞ୍ଚାୟତିରାଜ ବିଭାଗ ଅଧୀନରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ବ୍ଲକରେ କେତେ ରାସ୍ତା ନିର୍ମାଣ କରାଯାଇପି ତାର ଏକ ବ୍ଲକୱାରୀ ତାଲିକା ଦେବା ସହ ବ୍ରହ୍ମଗିରି ବ୍ଲକର ପଞ୍ଚାୟତିରାଜ ବିଭାଗ କେଉଁ କେଉଁ Black Top (ଚିତ୍ର) ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଛି ?

----

## ଟ୍ୟାଙ୍କର ଯୋଗେ ପାଣି ଯୋଗାଣ

1892 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ମେଗା ପାନୀୟ ଜଳ ପ୍ରକଳ୍ପ ଶେଷ ହୋଇନଥିବା କାରଣରୁ ଲୋକମାନଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଥିବା କଥା ସରକାର ଜାଣନ୍ତି କି, ଯଦି ହଁ, ଗତ ୫ ବର୍ଷ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବିଭାଗ ତରଫରୁ ପଞ୍ଚାୟତ ୱାରୀ କେଉଁ କେଉଁ ଗାଁରେ ଟ୍ୟାଙ୍କର ଯୋଗେ ପାଣି ଦିଆଯାଇଛି, ଏଥିପାଇଁ କେତେ ପରିମାଣର ଅର୍ଥ କେଉଁ Fund ରୁ ଖର୍ଚ୍ଚ ହେଉଛି ଓ କେଉଁ କେଉଁ ଏଜେନ୍ସିରୁ କେତେ ଟ୍ୟାଙ୍କର ଯୋଗାଇ ଦିଆଯାଇଛି ଓ ଏଜେନ୍ସିଗୁଡିକୁ କେତେ ଅର୍ଥ ଦିଆଯାଇଛି ?

----

## ବ୍ରିଜର ସଂଖ୍ୟା

1893 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଗତ ୫ ବର୍ଷ ମଧ୍ୟରେ କେତେ ବ୍ରିଜ କେଉଁ କେଉଁ ଜାଗାରେ ସମ୍ପୂର୍ଣ୍ଣ କରାଯାଇଛି ଓ କେଉଁ କେଉଁ ଜାଗାରେ ନିର୍ମାଣାଧୀନ ଅଛି ଏବଂ କେଉଁ କେଉଁ ରାସ୍ତା, ନାଳ, ନଦୀରେ ନୂତନ ବ୍ରିଜ ହେବାର ଯୋଜନା ବା ପ୍ରସ୍ତାବ ସରକାରଙ୍କ ପାଖରେ ଅଛି, ତାର ଏକ ତାଲିକା ପ୍ରଦାନ କରିବା ସହ tender ହେବା ପରେ କେତେ ବ୍ରିଜର design change ହୋଇଛି, ତାହାର କାରଣ କଣ ଓ ଏଥିରେ ସରକାରୀ ତହବିଲରୁ କେତେ ଅଧିକ ଖର୍ଚ୍ଚ ହେବ ଏବଂ କେତେ ଥର EOT ଦିଆଯାଇଛି ?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦ୍ୱାରା ସର୍ଭେ

1894 **ଶ୍ରୀ ମାଧବ ଧଡା (ସୋରୋ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ 2024-25 & 2025-26 ଆର୍ଥିକ ବର୍ଷ ପାଇଁ କେନ୍ଦ୍ରରୁ କେତେ ସଂଖ୍ୟକ target ଆସିଅଛି କହିବେ କି ; ଅଦ୍ୟାବଧି PM- AWAS ପାଇଁ ଯେଉଁ ସର୍ଭେ ହେଉଛି ସର୍ଭେର ସ୍ଥିତାବସ୍ଥା ଓ ଆଗାମୀ ପଦକ୍ଷେପ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିବେ କି; ସୋର ନିର୍ବାଚନ ମଣ୍ଡଳୀ କେତେ ହିତାଧିକାରୀ ଚୟନ ହୋଇଛନ୍ତି ଏବଂ କେବେ ସୁଦ୍ଧା ଘରର work order ମିଳିଉଁତାହାର ନିର୍ଦ୍ଦିଷ୍ଟ ତାରିଖ କହିବା ସହିତ ତାର ହିତାଧିକାରୀୱାରୀ ସବିଶେଷ ବିବରଣୀ ଉପସ୍ଥାପନା କରିବେ କି ?

----

## ସୋର ନିର୍ବାଚନ ମଣ୍ଡଳୀରେ ESI Hospital ନିର୍ମାଣ

1895 **ଶ୍ରୀ ମାଧବ ଧଡା (ସୋରୋ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ କାଳରେ ପ୍ରଶ୍ନ ସଂଖ୍ୟା U.D. 1007 ତା. 02.12.2025 ରିଖରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସୋରୋ ନିର୍ବାଚନ ମଣ୍ଡଳୀରେ ESI Hospital ନିର୍ମାଣ ନିମନ୍ତେ ଜିଲ୍ଲା ପ୍ରଶାସନ ଦ୍ୱାରା ଜମି ଚିହ୍ନଟ ପ୍ରକିୟା ଜାରି ରହିଅଛି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ବାଲେଶ୍ୱର ଜିଲ୍ଲାପାଳ ତହସିଲଦାର ସୋର ଓ ଶ୍ରମ ଅଧିକାରୀ ମିଳିତ ବୈଠକ ଡକାଇ କେବେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହିତ ସୋର ବାସୀଙ୍କୁ ESI ହସ୍ପିଟାଲ ର ସେବା ପାଇପାରିବେ ନିର୍ଦ୍ଦିଷ୍ଟ ସମୟ ସୀମା ସହିତ ତଥ୍ୟ ପ୍ରଦାନ କରିବେ କି ; (ଖ) ସୋର ନିର୍ବାଚନ ମଣ୍ଡଳୀ ରେ ବିଗତ 5 ବର୍ଷ ମଧ୍ୟରେ ରାଜ୍ୟରୁ ବାହାର ପ୍ରଦେଶ ଓ ବିଦେଶରେ କାମ କରିବାକୁ ଯାଇ କେତେଜଣ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ତନ୍ମଧ୍ୟରୁ କେଉଁମାନଙ୍କ ଶବକୁ ସେଠାରୁ ଅଣାଯାଇ ତାଙ୍କ ଗ୍ରାମରେ ଶେଷକୃତ୍ୟ ସମ୍ପାଦନ ନିମନ୍ତେ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି, ମୃତ ଶ୍ରମିକଙ୍କ ନାମ ଠିକଣା ସହିତ ବର୍ଷ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ସୋର ମ୍ୟୁନିସିପାଲିଟିରେ ଜଳ ନିଷ୍କାସନ

1896 **ଶ୍ରୀ ମାଧବ ଧଡା (ସୋରୋ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ପ୍ରଶ୍ନ ସଂଖ୍ୟା U.D. 1626 ତା.23.09.2025 ରିଖ ପ୍ରଶ୍ନର ଉତ୍ତରରେ ସୋରୋ ମୁନସିପାଲିଟି ର ସମସ୍ତ ଜଳ ନିଷ୍କାସନ ନିମନ୍ତେ ମାଷ୍ଟର ପ୍ଲାନ ର ବିସ୍ତୃତ ବିବରଣୀ ବିଭାଗ ରେ ହସ୍ତଗତ ହୋଇଅଛି ଉକ୍ତ ବିସ୍ତୃତ ପ୍ରକଳ୍ପ ବିବରଣୀ ବିଭାଗ ର ବିଚାରଧୀନ ଅଛି ବିସ୍ତୃତ ପ୍ରକଳ୍ପ ବିବରଣୀ ର ସମୀକ୍ଷା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ବର୍ତ୍ତମାନ ସେଇ DPR ର status କଣ, ଏବଂ କେବେସୁଦ୍ଧା ଟେଣ୍ଡର କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ତାର detalied Time Line ସହିତ ତଥ୍ୟ ପ୍ରଦାନ କରିବେ କି ; (ଖ ) ପ୍ରଶ୍ନ ସଂଖ୍ୟା U.D. 934 ତା.02.12.2025 ରିଖ ପ୍ରଶ୍ନର ଉତ୍ତରରେ ସୋରୋ ମୁନସିପାଲିଟି ର ଅବସ୍ଥିତ ବଡ ପୋଖରୀ ର ପୁନରଦ୍ଧାର ସହିତ ସୌନ୍ଦର୍ଯ୍ୟକାରଣ କାର୍ଯ୍ୟ ପାଇଁ DPR ପ୍ରସ୍ତୁତ କରି ବିଭାଗ କୁ ପ୍ରେରଣ କରାଯିବା ନିମିତ୍ତ ନିର୍ବାହୀ ଅଧିକାରୀ ସୋରୋ ପୌରପାଳିକା କି ଅନୁରୋଧ କରାଯାଇଛି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ବର୍ତ୍ତମାନ 3 ମାସ ପରେ DPR ର status କଣ; ଏବଂ କେବେସୁଦ୍ଧା DPR ବିଭାଗ ର ବୈଷୟିକ ଅନୁମୋଦନ ଲାଭ କରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ?

----

## ପାଖର ଗ୍ରାମପଞ୍ଚାୟତର ଆର୍ଥିକ ଅନିୟମିତତା

1897 **ଶ୍ରୀ ମାଧବ ଧଡା (ସୋରୋ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଂଚାୟତ୍ତିରାଜ ବିଭାଗ ସୋରୋ ବ୍ଲକ ପାଖର ଗ୍ରାମପଞ୍ଚାୟତ 13 th CFC ର ଆର୍ଥିକ ଅନିୟମିତତା ପାଇଁ ସରପଞ୍ଚ ଙ୍କ ବିରୋଧରେ OGP ACT Section 115(1) ଅନୁଯାୟୀ chaପଞ୍ଚାୟତିରାଜ ବିଭାଗ ସୋରୋ ବ୍ଲକ ପାଖର ଗ୍ରାମପଞ୍ଚାୟତ 13 th CFC ର ଆର୍ଥିକ ଅନିୟମିତତା ପାଇଁ ସରପଞ୍ଚଙ୍କ ବିରୋଧରେ OGP ACT Section 115(1) ଅନୁଯାୟୀ charge frame ପାଇଁ ବାଲେଶ୍ୱର ଜିଲ୍ଲାପାଳ ବିଭାଗ କୁ ପତ୍ରଳାପ ପରେ ବି କାର୍ଯ୍ୟାନୁଷ୍ଠାନରେ ବିଳମ୍ବର କାରଣ କଣ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟ ରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବା ପାଇଁ ପଦକ୍ଷେପ ନେବେ କି ?rge frame ପାଇଁ ବାଲେଶ୍ୱର ଜିଲ୍ଲାପାଳ ବିଭାଗ କୁ ପତ୍ରଳାପ ପରେ ବି କାର୍ଯ୍ୟାନୁଷ୍ଠାନ ରେ ବିଳମ୍ବ ର କାରଣ କଣ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟ ରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବା ପାଇଁ ପଦକ୍ଷେପ ନେବେ କି?

----

## ୱାଟର କିଓସ୍କ ପାଇଁ ଆର୍ଥିକ ଅନୁଦାନ

1898 **ଶ୍ରୀ ମାଧବ ଧଡା (ସୋରୋ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୋରୋ ମୁନସିପାଲିଟିର ଜନଗହଳି ପୂର୍ଣ୍ଣ ଡାକ୍ତରଖାନା ଛକ ନିକଟସ୍ଥ ଆହାର କେନ୍ଦ୍ର, ମହିଳା ମହାବିଦ୍ୟାଳୟ, ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଛକ ନ ଓ ଉତ୍ତରଶ୍ଵର ବସ ଷ୍ଟାଣ୍ଡ, ସୋରୋ ବଜାର ଛକ ନିକଟରେ ୱାଟର କିଓସ୍କ ପାଇଁ ଆଗାମୀ ଆର୍ଥିକ ବର୍ଷ ରେ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ କି ?

----

## Sanctioned Thousands of Single-Village Piped Water

1899 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The government has sanctioned thousands of single-village piped water schemes and mega projects, yet many are delayed due to land acquisition and contractor issues, what measures is the department taking to resolve statutory clearance bottlenecks and ensure completion within the revised deadlines ?

----

## Approval of Samrudha Sahar Scheme

1900 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The Housing & Urban Development Department has approved the 'Samrudha Sahar' scheme with a Rs.4,879 crore outlay for planned urbanisation, what is the progress till date, how does the government plan to measure outcomes such as basic amenities, infrastructure delivery, and quality of life improvements under this

scheme ?

----

**Odisha Climate Adaption Efforts**

1901 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- In view of Odisha's climate adaptation efforts and integrated water management initiatives (such as climate-resilient irrigation upgrades), how does the Forest, Environment & Climate Change Department integrate these with rural water supply and ecosystem protection goals at the panchayat level ?

----

**Affordable Rental Housing Projects with Rent as Low**

1902 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Affordable rental housing projects with rents as low as 500-1,500 per month have been launched for migrants and students. What data exists on occupancy rates, beneficiaries served so far, and measures to expand such housing in secondary cities ?

----

**Migrant Workers from Odisha Died**

1903 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The govt. reported that 518 migrant workers from Odisha died while working outside the state in the last five years. What targeted interventions, including skill training, employment opportunities within the state, and worker protection schemes, is the Labour & ESIC Department implementing to reduce distress migration and enhance worker safety, What are the measurable outcomes of the State's actions in this regard ?

----

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆରମ୍ଭ**

1904 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନ ପ୍ରକ୍ରିୟା କେବେ ଠାରୁ ଆରମ୍ଭ ହେବ, ପୂର୍ବ ବର୍ଷ ଠାରୁ ଏଥର ଆବଣ୍ଟନ ପ୍ରକ୍ରିୟାରେ କିଛି ଭିନ୍ନତା ଅଛି କି, ସର୍ଭେ ପରେ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ କେଉଁଭଳି କରାଯିବ, ତାହାର ନିୟମାବଳୀ କଣ, ନୂଆ ହିତାଧିକାରୀ ମୋଟ କେତେ ଆର୍ଥିକ ସହାୟତା ପାଇବେ, ବ୍ଲକ ୱାରି ଘର ଟାର୍ଗେଟ କେତେ, ଭୂମିହୀନଙ୍କୁ ଆବାସ ଘର ପ୍ରଦାନ କରିବା ପାଇଁ କଣ ବିଶେଷ ଯୋଜନା କରାଯାଇଛି ଏବଂ ବାଲେଶ୍ୱର ସହର ବ୍ଲକରେ ଗ୍ରାମପଂଚାୟତ ୱାରି ଅଦ୍ୟାବଧି ଟାର୍ଗେଟ ଓ ହିତାଧୀକାରୀ ଚୟନର ତଥ୍ୟ ପ୍ରଦାନ କରିବେ କି ?

----

## ବାଲେଶ୍ୱର ସହରର Affordable ହାଉସିଂରେ ଆବାସ ଯୋଜନା

1905 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) Affordable ହାଉସିଂରେ ଆବାସ ଗୃହ ଯୋଗାଣ ପ୍ରକଳ୍ପ ଓଡ଼ିଶାରେ କେଉଁ ସ୍ଥାନରେ ସଫଳତା ପୂର୍ବକ ହୋଇଛି, ତାହାର ଆର୍ଥିକ ବିବରଣୀ ଏବଂ ପ୍ରକ୍ରିୟା କଣ, ବାଲେଶ୍ୱର ସହରରେ ଉକ୍ତ ଯୋଜନା କାର୍ଯ୍ୟକ୍ଷମ ହୋଇଛି କି, ଯଦି ନା, ତେବେ ଏହି ଦିଗରେ ବିଭାଗ ତତ୍ପରତା ଦେଖାଇ କଂଗ୍ରେସ ଗଳିରେ ଥିବା Sweeper colony କୁ ଏହି ଯୋଜନାରେ ବିକଶିତ କରିବେ କି ; (ଖ)ସହରରେ ଗରିବଙ୍କୁ ଘର ଭଡା ସୂତ୍ରରେ ପ୍ରଦାନ କରାଯିବା ନେଇ ଯେଉଁ ପ୍ରସ୍ତାବ ଅଛି ତାହାର ଅଗ୍ରଗତି କଣ, ସହର ୱାରି କେତେ ଘର କେଉଁ ଉତ୍ସରୁ କେଉଁ ପ୍ରଣାଳୀରେ ଭଡା ଦେବା ପାଇଁ ବ୍ୟବସ୍ଥା ହୋଇଛି ତାହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ବାଲେଶ୍ୱର ସହରରେ ଏଦିଗରେ କଣ ଅଗ୍ରଗତି ହୋଇଛି ?

----

## MLA LAD ଓ SPF ହୋଇଥିବା ପ୍ରକଳ୍ପ କାର୍ଯ୍ୟ

1906 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ ଆନୁକୁଲ୍ୟରେ ସହରାଞ୍ଚଳରେ ବିଭିନ୍ନ ଯୋଜନାରେ (MLA LAD/ CMSA/ SPF/ SDP/ FDR/ AWC/ ACR/ BGBO/ GIA ଉଭୟ ଗ୍ରାମାଞ୍ଚଳ/ School-college. Etc..) ଅଦ୍ୟାବଧି କେବଳ କାର୍ଯ୍ୟ ଆରମ୍ଭ ହୋଇନଥିବା (NON Starter) ପ୍ରକଳ୍ପ ଗୁଡିକର Scheme wise ଗ୍ରାମପଂଚାୟତ ୱାରି ଏକ ସବିଶେଷ ବିବରଣୀ ଆର୍ଥିକ ବ୍ୟୟ ବରାଦ ସହ ପ୍ରଦାନ କରିବେ କି ?

----

## ବାଲେଶ୍ୱର ସହରର E-Bus ସେବା

1907 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର E-Bus ସେବା ପ୍ରାରମ୍ଭ କରିବା ପାଇଁ CRUT ପକ୍ଷରୁ ଯେଉଁ ସର୍ଭେ କରାଯାଇଥିଲା ତାହାର ବର୍ତ୍ତମାନ ସୁଦ୍ଧା ସ୍ଥିତାବସ୍ଥା କଣ ଏହା ପାଇଁ କେତେ ଅର୍ଥ ଖର୍ଚ୍ଚହେବ, କେବେ ଠୁଁ CRUT ବାଲେଶ୍ୱରରେ ବସ୍ ସେବା ଆରମ୍ଭ କରିବ ?

----

## ଡୁବୁଡୁବି ନଦୀ ଉପରେ ନିର୍ମାଣାଧିନ ପୋଲର ଅଗ୍ରଗତି

1908 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଡୁବୁଡୁବି ନଦୀ ଉପରେ ପ୍ରସ୍ତାବିତ ପୋଲ କାର୍ଯ୍ୟର ଅଗ୍ରଗତି କଣ, ପୁନଃ tender ହୋଇଥିବା ପ୍ରକିୟାକୁ କାର୍ଯ୍ୟାଦେଶ ପ୍ରଦାନ କରିବା ପାଇଁ ବିଳମ୍ବ କଣ ପାଇଁ ହେଉଛି, କେବେ ସୁଦ୍ଧା ଉକ୍ତ ବ୍ରିଜ କାର୍ଯ୍ୟ ଆରମ୍ଭ ହୋଇ ସମାପନ ହେବ କହିବେ କି ?

----

## Details Information about Houses

1909 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many houses/ plots HIG, MIG, LIG, Duplex, flats have been allotted by BDA & OSHB in Samanta Vihar, Patia, Prachi Enclave, Kanan Vihar Phase-I & Phase-II, and Pokhariput scheme in Bhubaneswar in District-Khuda? Will the Govt. supply detail list of information of houses/ plots allotted in the said scheme and name along with detail address of the allottees, house nos. plot nos. flat nos. etc. be furnished ?

----

## ପୁରୁଣା ରାସ୍ତା ମରାମତି

1910 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2025-26 ଆର୍ଥିକ ବର୍ଷରେ ନର୍ଲ୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ ରାସ୍ତାକୁ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି, ରାସ୍ତାୱାରୀ ଅଟକଳ ପରିମାଣ ପ୍ରଦାନ କରିବେ କି, 2025-26 ନର୍ଲ୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ ପୁରୁଣା ରାସ୍ତା ମରାମତି କରାଯାଉଅଛି ଓ ତାର ଅଟକଳ ମୂଲ୍ୟ କେତେ ?

----

## Labour Card ଧାରୀଙ୍କୁ ସହାୟତା ପ୍ରଦାନ

1911 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲ୍ଲା ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତେ Labour Card ଅଛି ବର୍ତ୍ତମାନ କେଉଁ କେଉଁ ଯୋଜନା ଦ୍ୱାରା Labour Card ଧାରୀଙ୍କ ସହାୟତା ମିଳୁଛି ଏକ ତାଲିକା ନାମ ସହିତ ପ୍ରଦାନ କରିବେ କି ବର୍ତ୍ତମାନ କେଉଁ କେଉଁ ଯୋଜନାରେ କେତେ କେତେ କାର୍ଡଧାରୀ ସହାୟତା ରାଶି ନିମନ୍ତେ ଆବେଦନ କରିଛନ୍ତି (2023-24) ଏବଂ ସେଥିମଧ୍ୟରୁ କେତେ କାର୍ଡଧାରୀ ସହାୟତା ରାଶି ପ୍ରଦାନ କରାଗଲାଣି ?

----

## ବନୀକରଣ ଯୋଜନା ଦ୍ୱାରା ଅର୍ଥ ବ୍ୟୟ

1912 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2019-24 ବର୍ଷ ମଧ୍ୟରେ ନର୍ଲ୍ଲା ନିର୍ବାଚନ ମଣ୍ଡଳୀରରେ କେତେ ଚାରା ସୃଷ୍ଟି କରାଯାଇଥିଲା ସେଥିମଧ୍ୟରୁ କେତେ ବନୀକରଣ କାର୍ଯ୍ୟରେ ଲଗାଗଲା ଏବଂ କେତେ ସାଧାରଣଲୋକଙ୍କୁ ବଣ୍ଟାଗଲା ଏବଂ ଏହି ଚାରା ବାବଦରେ କେଉଁ ବର୍ଷ କେତେ ଅର୍ଥ ଖର୍ଚ୍ଚ ହୋଇଛି ଜଣାଇବା ସହ ଏ ବାବଦରେ ଲୋକଙ୍କଠାରୁ କେତେ ଅର୍ଥ ଚାରାପ୍ରତି ଆଦାୟ ହୋଇଛି ଏବଂ କେଉଁ ଘରୋଇ ଅନୁଷ୍ଠାଓ ଶିଳ୍ପସଂସ୍ଥାଠାରୁ କେତେଟଙ୍କା ଆଦାୟ ହୋଇଛି ଏହାର ହିସାବ ବର୍ଷଓ୍ୱାରୀ ଦେବେ କି ଏବଂ ଏହି ଅର୍ଥ କେଉଁଠାରେ ଜମା ରହିଛି ଓ କେଉଁ କାର୍ଯ୍ୟରେ ଲାଗିଛି ?

----

## CMAPA ଫଣ୍ଡରୁ ମିଳିଥିବା ଅର୍ଥ

1913 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରତି ବର୍ଷ ଲକ୍ଷ ଲକ୍ଷ ଗଛ ଲଗାଯାଉଛି କୋଟି କୋଟି ଟଙ୍କା ଖର୍ଚ୍ଚର ହିସାବ ଦିଆଯାଉଛି ହେଲେ ଗଛ କେତେ ଲାଗୁନି, ଜଙ୍ଗଲ କେତେ ପରିମାଣରେ ବଢୁଛି ଜଣାଇବେକି ଗତ 3 ବର୍ଷ କାମ୍ପା ଫଣ୍ଡରୁ ନର୍ଲ୍ଲା ନିର୍ବାଚନ ମଣ୍ଡଳୀକୁ କେତେ ଅର୍ଥ ଆସିଛି ଓ ସେ ପଇସାରେ କି କି କାମ ହୋଇଛି 2022, 2023, 2024 ଓ 2024 ପରଠୁ ଆଜି ପର୍ଯ୍ୟନ୍ତକେତେ କାମ ହୋଇଛି ?

----

## ଆବାସ ଗୃହ ଯୋଜନାରେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ଟଙ୍କା ମିଳିବା

1914 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟକ ଯୋଜନାରେ ପୂର୍ବ ସରକାର ଦ୍ୱାରା କିଛି ନିର୍ମାଣଧୀନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ସମ୍ପୃକ୍ତ କାର୍ଯ୍ୟାଦେଶ ପ୍ରାପ୍ତ କେଉଁ ମାନଙ୍କର ବିଲ୍, କେତେ ଦିନ ଧରି ବକେୟା ରଖାଯାଇଛି, ଏନେଇ ଜିଲ୍ଲା ପ୍ରଶାସନ ପାଖେ କେତୋଟି ଅଭିଯୋଗ ଦାଖଲ ହୋଇଛି, ବର୍ତ୍ତମାନ ଏହି ଅଭିଯୋଗର ଗୁଡିକର ସ୍ଥିତି କଣ, ସେମାନଙ୍କ ମୂଳ ପ୍ରାପ୍ୟ କେବେ ସୁଧା ଦିଆଯିବ ସରକାର କହିବେ କି ; (ଖ) ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ଗତ ୫ ବର୍ଷରେ କେଉଁ ବ୍ଲକରେ କେତେ ଆବାସ ଗୃହ ପ୍ରଦାନ କରାଯାଇଛି, ସେମଧ୍ୟରୁ କେତେ ଗୃହ କେଉଁ କାରଣରୁ କେବେ ଠାରୁ ଅସମ୍ପୂର୍ଣ୍ଣ ହୋଇ ରହିଛି, ସେମଧ୍ୟରୁ କେତେ ଜଣ ହିତାଧିକାରୀ ଅନ୍ୟର ଜମିରେ ଜବରଦଖଲ କରି ଆବାସ ଗୃହ ନିର୍ମାଣ କରିଛନ୍ତି କି, ଏନେଇ କେତୋଟି ଅଭିଯୋଗ ଆସିଛି କି, ନିର୍ମାଣ ପୂର୍ବରୁ ସେହି ଜମିର ମାଲିକାନା ସତ୍ୟାସତ ଯାଞ୍ଚ କରିବା କେଉଁ କ୍ଷେତ୍ର ସ୍ତରୀୟ କର୍ମଚାରୀଙ୍କ ଦାୟିତ୍ୱ, ଏହି ସମସ୍ୟା ପାଇଁ କେଉଁ ଅଧିକାରୀ ଉତ୍ତରଦାୟୀ, ସଠିକ ସମୟରେ ଆବାସ ଗୃହ ସମାପ୍ତ କରି କେତେ ଜଣ ହିତାଧିକାରୀ ପ୍ରୋତ୍ସାହନ ଟଙ୍କା ନେଇଛନ୍ତି ବ୍ଲକୱାରୀ ସୂଚନା ଦେବେ କି ?

----

## ଅମୃତ ଯୋଜନା କାର୍ଯ୍ୟ ଶେଷ କରିବା

1915 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲା ରାୟଗଡ଼ା ପୌରପରିଷଦରେ ପାନୀୟ ଜଳଯୋଗାଣ ପାଇଁ ଅମୃତ ଯୋଜନା କାର୍ଯ୍ୟ ଶେଷ ସମ୍ପର୍କରେ ସରକାର ପ୍ରଥମେ 10.04.2023 କାର୍ଯ୍ୟ ଶେଷ ତାରିଖ, ପରେ ୩୦.୦୧.୨୦୨୬ ସମାପ୍ତ ବୋଲି କିନ୍ତୁ ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟ ଶେଷ ହବାର ନାମ ଧରୁନାହିଁ, ବାରମ୍ବାର EOT (Extension of Time) ଦିଆଯାଇଛି, ପୌରପରିଷଦ ସହ ସମନ୍ୱୟ ନାହିଁ, କାର୍ଯ୍ୟରେ ସ୍ୱଚ୍ଛତା ନଥିବାରୁ ବାରମ୍ବାର ସହର ଭିତରେ ରାସ୍ତା ଗୁଡିକର ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, ଏନେଇ ସରକାର ଅବଗତ ଅଛନ୍ତି କି, ବିଭାଗୀୟ ମୁଖ୍ୟ ଯନ୍ତ୍ରୀ କେତେ ଥର ସମୀକ୍ଷା କରିଛନ୍ତି, ଏହି କାର୍ଯ୍ୟ କେବେ ସରିବ ଲୋକେ ନୂତନ ପ୍ରକଳ୍ପରୁ କେବେ ପାଣି ପାଇବେ ଜଣାଇବେ କି ?

----

## ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ସହାୟତା ବାଟମାରଣା

1916 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ମୃତ୍ୟୁ ପରର ସହାୟତା ବାଟମାରଣା ସମ୍ପର୍କରେ, ୨୦୨୨-୨୩ ମସିହା ଠାରୁ ସରକାର ୨୦୨୪-୨୫( ଜୁନ ୨୦୨୪) ମସିହା ପର୍ଯ୍ୟନ୍ତ ବିଭାଗୀୟ ସମୀକ୍ଷାର (Audit) କରାଯାଇଥିବା ସ୍ଥଳେ ଏହାର ବିସ୍ତୃତି ବିଶ୍ଳେଷଣ ତଥା ସମ୍ପୂର୍ଣ୍ଣ ବିବୃତି ଦାଖଲ ନିମନ୍ତେ ପ୍ରକ୍ରିୟା ଜାରି, ଯଦି ହଁ, ତେବେ ଆଜକୁ ୨ମାସ ୬ଦିନ ବିତିଗଲାଣି ସମୀକ୍ଷାର ଦାଖଲ କରାଗଲା କି, ସେହି ସମୀକ୍ଷା (Audit) ତଥ୍ୟ ପ୍ରଦାନ କିରିବେ କି, ଏହି ସମୀକ୍ଷା ପରେ କେତେ ଟଙ୍କା ବାଟବଣା ହୋଇଥିବା ପ୍ରମାଣିତ ହୋଇଛି, ଏନେଇ କଣ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନିକ ସୁପାରିଶ କରାଯାଇଛି କି, କିଭଳି ଭାବରେ ଏହି ଟଙ୍କା Recovery ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି, ଯେଉଁ ଯୋଗ୍ୟ ମୃତ୍ୟୁ ଶ୍ରମିକଙ୍କ ଟଙ୍କା ପାଇବା ବ୍ୟବସ୍ଥା କରିବେ କି ?

----

## ପରିବେଶ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ

**1917 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାୟଗଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଶୀ ମଦ ଭାଟି ନିକଟରେ ଦୁର୍ଗନ୍ଧ ଫାଟି ପଡୁଛି, ମଦ ରୋଷେଇ କରିବା ପରେ ଯେଉଁ ବର୍ଯ୍ୟବସ୍ତୁ ପରିଚାଳନା ନକରି ସେହି ଭାଟିର ପାର୍ଶ୍ୱରେ ଫପାଡି ଦେବା ଦ୍ୱାରା ଦୁର୍ଗନ୍ଧ ହେବା ସହ ଅନେକ ସମୟରେ ଗୃହପାଳିତ ପଶୁ ଖାଇ ମୃତ୍ୟୁ ହେଉଛନ୍ତି ଏନେଇ ଜିଲ୍ଲା ପରିବେଶ ବିଭାଗ ଗତ ୧୦ ବର୍ଷ ମଧ୍ୟରେ କେତେ ଥର ପ୍ରଦୂଷଣ ବିଭାଗ ତଦାରଖ କରିଛନ୍ତି କଣ ରିପୋର୍ଟ ଦେଇଛନ୍ତି, ବିବରଣୀ ପ୍ରଦାନ କରିବେ କି ଏହା ସହ ବର୍ତ୍ତମାନ ଜିଲ୍ଲାର ଯେଉଁ ଭାଟିରେ ଏପରି ବର୍ଯ୍ୟବସ୍ତୁ ପରିଚାଳନା କରାଯାଉନାହିଁ ତାହା ଉପରେ କଣ ପଦକ୍ଷେପ ଗ୍ରହଣ କରିବେ କି ; (ଖ)ଃ- ଜିଲ୍ଲାର ସମସ୍ତ ଦେଶୀ ମଦ ଭାଟି ଗୁଡିକ ମଦ ପ୍ରସ୍ତୁତ କରିବା ପାଇଁ ଜାଳେଣି କାଠ ବ୍ୟବହାର କରାଯାଉଛି ଯଦ୍ୱାରା ପରିବେଶ ପ୍ରଦୂଷଣ ହେଉଥିବା ପରିଲକ୍ଷିତ ହେଉଛି, ଏନେଇ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅବଗତ ଅଛନ୍ତି କି, ଏହାକୁ ରୋକିବା ପାଇଁ କଣ ବ୍ୟବସ୍ଥା ଗ୍ରହଣ କରିଛନ୍ତି କହିବେ କି ?

----

## RWS&S ଅଧିନରେ କାର୍ଯ୍ୟରତ Mega Water Project କାର୍ଯ୍ୟ

**1918 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାୟଗଡ଼ା ଏବଂ ସୁନ୍ଦରଗଡ ଜିଲ୍ଲାର RWS & S ଅଧୀନରେ କେତୋଟି Mega Water Project କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି ତା'ର ଏକ ସମ୍ପୂର୍ଣ ତାଲିକା ପ୍ରଦାନ କରିବେ କି, ଏହି କାର୍ଯ୍ୟ ଗୁଡିକ ଧାର୍ଯ୍ୟ ସମୟ ସୀମା କ'ଣ ଥିଲା, କାର୍ଯ୍ୟର ସୁମୟସୀମା ଅତିକ୍ରମ କରିଥିବା ଠିକାଦାର ମାନଙ୍କ ବିରୁଦ୍ଧରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ଏହି କାର୍ଯ୍ୟରେ କିଛି ଅନିୟମିତତା ହୋଇଛି କି, ଯେଉଁ ଠିକାଦାର ସଠିକ ସମୟରେ କାର୍ଯ୍ୟ ସମାପ୍ତ କରିଛନ୍ତି ସେମାନଙ୍କୁ ତାଙ୍କ କାର୍ଯ୍ୟର ଅର୍ଥ ସଠିକ ସମୟରେ ପ୍ରଦାନ କରାଯାଇଛି କି, ଆଜି ସୁଦ୍ଧା କେଉଁ ବ୍ଲକର କେଉଁ ଗ୍ରାମର କେତେ ଘରକୁ ପାନୀୟ ଜଳଯୋଗାଣ ଦିଆଯାଇଛି, କେତେ ଘରର ପାନୀୟ ଜଳଯୋଗାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି, କେତେ ଘରକୁ Har Ghar Jal Certification ଦିଆଯାଇଛି, କେବେ ସୁଧା ସମସ୍ତଙ୍କ ଘରେ ଘରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ କହିବେ କି ; (ଖ) ଏହି ଜିଲ୍ଲାରେ RWS & S ଅଧୀନରେ ନଳକୂପ (Tube Well ) ଏବଂ ସୌର ଚାଳିତ ନଳକୂପ କେଉଁ ବ୍ଲକରେ କେତୋଟି ରହିଛି, ସେମଧ୍ୟରୁ କେତୋଟି କାର୍ଯ୍ୟକ୍ଷମ ରହିଛି, କେତୋଟି ଅଚଳାବସ୍ଥାରେ ରହିଛି, କେଉଁ କେଉଁ ଗ୍ରାମରେ ପାନୀୟ ଜଳ ଯୋଗାଣ ନଳକୂପ କିମ୍ବା ସୌର ଚାଳିତ ବ୍ୟବସ୍ଥା ବନ୍ଦ ରହିଛି, କେଉଁ କାରଣରୁ ରହିଛି, ଜିଲ୍ଲାର ଅଧିକ୍ଷଣ ଯନ୍ତ୍ରୀ ମାନେ ପ୍ରତି ମାସରେ କେତୋଟି ଗ୍ରାମ ପରିଦର୍ଶନ କରୁଛନ୍ତି ?

----

## କର୍ମନିଯୁକ୍ତି ଯୋଜନାର ବର୍ତ୍ତମାନ ସ୍ଥିତି

**1919 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା ନିର୍ବାଚନ ମଣ୍ଡଳୀରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା କାର୍ଯ୍ୟଦିବସର ବର୍ତ୍ତମାନ ସ୍ଥିତି କଣ ରହିଛି, ବସ୍ତା ଓ ବାଲିଆପାଳ ବ୍ଲକ ଅଧିନରେ କେତେ ସଂଖ୍ୟକ ଜବ୍ କାର୍ଡଧାରୀ ଅଛନ୍ତି ଓ ସେଥିମଧ୍ୟରୁ କେତେଜଣ active ଜବ୍ କାର୍ଡଧାରୀ ଅଛନ୍ତି ତାହା ଜଣାଇବା ସହିତ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଭାଗରେ ଓଡ଼ିଶାରେ ଗ୍ରାମୀଣ ନିଯୁକ୍ତିରେ ଯେଉଁ ୧୬% ହ୍ରାସ ପରିଲକ୍ଷିତ ହୋଇଥିଲା, ତାହାକୁ ସୁଧାରିବା ପାଇଁ, ବିଶେଷକରି ବସ୍ତା ପରି କୃଷିପ୍ରଧାନ ତଥା ଋତୁକାଳୀନ ବେକାରୀ ସମସ୍ୟା ଥିବା ଅଞ୍ଚଳ ପାଇଁ କଣ ପଦକ୍ଷେପ ନିଆଯାଉଛି ?

----

## ବନୀକରଣ ଯୋଜନାରେ ବ୍ୟୟ

1920 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଅଣଜଙ୍ଗଲ କାର୍ଯ୍ୟ ପାଇଁ କେତେ ଜଙ୍ଗଲ କଟାଯାଇଛି ତାହାର ଏକ ଜଙ୍ଗଲ ଡିଭିଜନୱାରୀ ତାଲିକା ଦେବା ସହିତ କ୍ଷତିପୂରକ ଭାବେ ବନୀକରଣ ଯୋଜନାରେ କେଉଁ କେଉଁ ସ୍ଥାନରେ କେତେ ଜଙ୍ଗଲ କେତେ ଅର୍ଥ ବ୍ୟୟରେ ସୃଷ୍ଟି କରାଯାଇଛି ତାହାର ଏକ ତାଲିକା ଦେବେ କି, ଏଥିସହିତ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟର କେତେ ସଂଖ୍ୟକ ହାତୀ, ବାଘ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କର କେଉଁ କାରଣ ପାଇଁ ମୃତ୍ୟୁ ଘଟିଛି ତାହାର ଏକ ଡିଭିଜନ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି?

----

## ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପଞ୍ଜିକୃତ ଶ୍ରମିକ

1921 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଫେବୃଆରୀ-୨୦୨୬ ସୁଦ୍ଧା ଓଡ଼ିଶା ବିଲିଂ ଏବଂ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ କେତେ ଜଣ ନିର୍ମାଣ ଶ୍ରମିକ ପଞ୍ଜିକୃତ ଅଛନ୍ତି ଏବଂ ଗତ ୨ ବର୍ଷରେ ବସ୍ତା ନିର୍ବାଚନ ମଣ୍ଡଳୀରୁ କେତେଜଣ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ସନ୍ତାନ ଶିକ୍ଷା ସହାୟତା ପାଇଛନ୍ତି ଓ ମୋଟ କେତେ ଟଙ୍କା ବିତରଣ କରାଯାଇଛି ଓ ଶିକ୍ଷା ସହାୟତା ଆବେଦନ ମଞ୍ଜୁରି ଓ ଦେୟ ପ୍ରଦାନରେ ବିଳମ୍ବ ହେବା ସମ୍ପର୍କରେ କୌଣସି ଅଭିଯୋଗ ମିଳିଛି କି ନାହିଁ ତାହା ଜଣାଇବେ କି ; (ଖ) ବାଲେଶ୍ୱର ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କୁ ଏହି ଶିକ୍ଷା ସହାୟତା ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## SVAMITA ଯୋଜନାରେ ସାମିଲ

1922 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତେଟି ଜିଲ୍ଲାକୁ SVAMITA (Survey of Villages and Maping with Improvised Technology in Village Areas) ଯୋଜନାରେ ସାମିଲ କରାଯାଇଛି ଏବଂ ରାଜ୍ୟରେ ଏହି ଯୋଜନାର କାର୍ଯ୍ୟକାରିତା ଏବଂ ଏପର୍ଯ୍ୟନ୍ତ ବୈଧ ହୋଇଥିବା ଜମି ରେକର୍ଡର ମୋଟ ସଂଖ୍ୟା କେତେ ?

----

## ଜଳ ମିସନ୍ ଯୋଜନା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ

1923 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ଜଳ ଜୀବନ ମିସନ୍ ଯୋଜନା ଅଧୀନରେ ଗତ ପାଞ୍ଚ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ କେତୋଟି ପ୍ରକଳ୍ପର କାମ ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଥିଲା ଏବଂ ସେଥି ମଧ୍ୟରୁ କେତୋଟି ପ୍ରକଳ୍ପର କାମ ସରିଯାଇଛି ଏବଂ ଆଉ କେତୋଟିର କାମ ବାକି ରହିଛି ଓ ବାକି ରହିବାର କାରଣ ସହିତ ତାହା କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

## ଜଙ୍ଗଲର ପୁନରୁଦ୍ଧାର

1924 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତଲ ନିର୍ବାଚନ ମଣ୍ଡଳୀ ତିନିଗୋଟି ବ୍ଲକ ବିରିଡି, ରଘୁନାଥପୁର, ତିର୍ତ୍ତୋଲ ର ଧର୍ଦ୍ଦଗଡ ଜଙ୍ଗଲର ପୁନଉଦ୍ଧାର କରିବାପାଇଁ କେତେ ଅର୍ଥରାଶି ଖର୍ଚ୍ଚ କରାଯାଇଛି ଓ କେତେ ମଞ୍ଜୁର ହୋଇଛି ,କେତେ ବଳକା ରାଶି ଅଛି ବଳକା ରାଶି ଅର୍ଥକୁ ଖର୍ଚ୍ଚ କରିବାକୁ କଣ ବ୍ୟବସ୍ଥା କରାଯାଉଅଛି ?

----

## ପ୍ରକଳ୍ପ ପାଇଁ ଅନୁଦାନ

1925 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିର୍ତ୍ତୋଲର ଗୋଟି ବ୍ଲକର ବିରିଡି ରଘୁନାଥପୁର ତିର୍ତ୍ତୋଲର ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଦ୍ୱାରା 2022 ରୁ ଆଜିପର୍ଯ୍ୟନ୍ତ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥରିଶି ମଞ୍ଜୁର ହୋଇଛି ଏବଂ ପ୍ରତ୍ୟେକ କି କି କାମ ହେବାର ଧାର୍ଯ୍ୟ ହୋଇଛି ଏହି ସବୁ ପ୍ରକଳ୍ପର Maintenance କାର୍ଯ୍ୟ ପାଇଁ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥରାଶି ମଞ୍ଜୁର କରାଯାଇଛି ?

----

## Final Bill ପ୍ରଦାନ

1926 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ୩ ଟି ବ୍ଲକ ବିରିଡି, ରଘୁନାଥପୁର ତିର୍ତ୍ତୋଲର ପାନୀୟ ଜଳ ବିଭାଗ ଦ୍ୱାରା 2020ମସିହାରୁ ଆଜିପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ କରାଯାଇଥିବା ଉନ୍ନତି ମୂଳକ କାର୍ଯ୍ୟ କେଉଁ କେଉଁ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଛି କେଉଁ କେଉଁ ଜାଗାରେ କାର୍ଯ୍ୟ କରାଯାଇଛି ଏଥିପାଇଁ କେତେ ଅର୍ଥରାଶି ମଞ୍ଜୁର କରାଯାଇଛି ଏବଂ ଏହା କେଉଁ Agent ଦ୍ୱାରା କରାଯାଇଛି ଏହାର Agreement Com Estimate ତଥ୍ୟ Final Bill ପ୍ରଦାନ କରିବେ କି ?

----

## ନଳକୂପ ଖନନ ବାବଦ ଖର୍ଚ୍ଚ

1927 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ୩ ଟି ବ୍ଲକର ବିରିଡି, ରଘୁନାଥପୁର ତିର୍ତ୍ତୋଲର 22-2023 ରୁ ବର୍ତ୍ତମାନ ସୁଧା ବାର୍ଷିକ କେତେ ରାଶି Tube well ଓ ପାଣିଟାଙ୍କି ବାବଦରେ Raghunathpur Sub Division ଓ ତିନିଗୋଟି ବ୍ଲକରେ କେତେ ଟଙ୍କା ବାର୍ଷିକ ଖର୍ଚ୍ଚ କରାଯାଇଛି ସେଥିଲେ କେତେ ଟଙ୍କା ବାର୍ଷିକ ଖର୍ଚ୍ଚ କରାଯାଇଛି ସେଥିରେ କେତେ ଟଙ୍କାର ଜିନିଷପତ୍ର (Pipe ଅନ୍ୟାନ୍ୟ ସାମଗ୍ରୀ) କିଣା ଯାଇଛି ଓ କିଣା ଯାଇଥିବା Stock ରୁ କେତେ ଖର୍ଚ୍ଚ ହୋଇଛି ଏବଂ କେତେ Stock ଅଛି ଏବଂ ଖରାପ ହୋଇଥିବା ପୁରୁଣା ଜିନିଷ ଫେରସ୍ତ ଆସିଛି କି ?

----

## ବସୁଧା ଯୋଜନାରେ ପ୍ରକଳ୍ପ କାର୍ଯ୍ୟ

1928 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ୩ ଟି ବ୍ଲକ ବିରିଡି ରଘୁନାଥପୁର ତିର୍ତ୍ତୋଲର ବସୁଧା ଯୋଜନାରେ 2022 ମସିହାରୁ ଏପର୍ଯ୍ୟନ୍ତ ସବୁ ପ୍ରକଳ୍ପର କେତେ ଟଙ୍କା ଖର୍ଚ୍ଚ ହୋଇଛି କେଉଁ ଯାଗାରେ ବାକି ଅଛି ?

----

## ପାଟକୁରାରେ ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଣ

1929 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଜୁନ୍ 2024 ମସିହା ଠାରୁ ଆଜି ପର୍ଯ୍ୟନ୍ତ ପାଟକୁରା ନିର୍ବାଚନ ମଣ୍ଡଳୀର କେତେଗୋଟି ପଞ୍ଚାୟତକୁ ପାଇପ୍ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଇ ପାରିଛି?

----

## କାର୍ଯ୍ୟରତ ଜଳସାଥୀଙ୍କ ସଂଖ୍ୟା

1930 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସହରାଞ୍ଚଳରେ ଜଳକର ଆଦାୟ କରିବା ପାଇଁ କେତେଜଣ ଜଳସାଥୀ କାର୍ଯ୍ୟରତ ଅଛନ୍ତି ; ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାପାଇଁ ସରକାର ବିଚାର କରିବେ କି?

----

**ବିଭିନ୍ନ ଯୋଜନାରୁ ମଂଜୁରୀ ହୋଇଥିବା ଆର୍ଥିକ ଅନୁଦାନ**

1931 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନ 2024 ରୁ ଆଜି ପର୍ଯ୍ୟନ୍ତ ପାଟକୁରା ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକ ଯଥା- ଗରଦପୁର, ଡେରାବିଶି ଓ ମାର୍ଶାଘାଇ (7ଟି ଗ୍ରାମ ପଞ୍ଚାୟତ) ପାଇଁ କେଉଁ କେଉଁ ଯୋଜନାରୁ କେତେ ଆର୍ଥିକ ଅନୁଦାନ ମଂଜୁରୀ ହୋଇଛି ଓ ସେଥିରୁ ବର୍ତ୍ତମାନ ସୁଦ୍ଧା କେତେ ଅନୁଦାନ ମିଳିପାରିଛି ଓ ତନ୍ମଧ୍ୟରୁ କେତେ ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇଅଛି?

----

**ରାଜ୍ୟ ବାହାରକୁ ଯାଇ ମୃତ୍ୟୁବରଣ କରୁଥିବା ଶ୍ରମିକଙ୍କ ତାଲିକା**

1932 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଜୁନ 2024 ରୁ ଆଜି ପର୍ଯ୍ୟନ୍ତ କାମଧନ୍ଦା ଅନ୍ୱେଷଣରେ ରାଜ୍ୟ ବାହାରକୁ ଓ ଦେଶ ବାହାରକୁ ଯାଇଥିବା ଶ୍ରମିକମାନେ ନିର୍ଯ୍ୟାତିତ ହୋଇଛନ୍ତି ଓ ମୃତ୍ୟୁବରଣ କରିଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; (ଖ) ରାଜ୍ୟ ଓ ଦେଶ ବାହାରକୁ ଯାଉଥିବା ଶ୍ରମିକମାନଙ୍କର ସୁରକ୍ଷା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ଓ ବର୍ତ୍ତମାନ ସୁଦ୍ଧା କେତେଜଣ ଓଡିଆ ଶ୍ରମିକ କେଉଁ କେଉଁ ଜାଗାରେ କାର୍ଯ୍ୟରତ ଅଛନ୍ତି?

----

**RERA ରେ ରୁଜୁ ହୋଇଥିବା ମାମଲା ସଂଖ୍ୟା**

1933 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ RERA ରେ କେଉଁ ବିଲଡର ସଂସ୍ଥା ବିରୋଧରେ କେତୋଟି ମାମଲା ରୁଜୁ ହୋଇଛି ଓ କେତୋଟି ସମାଧାନ କେଉଁ କାରଣରୁ ହୋଇ ପାରିନାହିଁ ; RERA କୁ ପ୍ରଭାବଶାଳୀ କରିବା ପାଇଁ କି କି ସଂସ୍କାରର ଆବଶ୍ୟକତା ପରିଲକ୍ଷିତ ହେଉଛି ଓ ସେ ଦିଗରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ; କାର୍ଯ୍ୟରତ କର୍ମଚାରୀମାନେ ଅନୁଭବି ପ୍ରତିତ ହେବା ସ୍ଥଳେ ସଠିକ୍ ସଂଖ୍ୟାରେ କର୍ମଚାରୀ ନଥିବା ଯୋଗୁଁ କାର୍ଯ୍ୟାଳୟ କାର୍ଯ୍ୟ ବାଧା ଉପୁଜୁଥିବା ସରକାର ଅନୁଭବ କରୁଛନ୍ତି କି ; କର୍ମଚାରୀମାନେ ବିଲଡରମାନଙ୍କୁ ସୁହାଇଲା ପରି ପରାମର୍ଶ ଓ ନ୍ୟାୟ ଦେବା ଏବଂ ବାରମ୍ବାର ବିଭିନ୍ନ ପ୍ରକାର ଆଳ ଦେଖାଇ ହଇରାଣ କରୁଥିବା କାରଣରୁ ଜନସାଧାରଣ ସହଜରେ ନ୍ୟାୟ ନପାଇବା ସରକାର ଜାଣନ୍ତି କି?

----

**NQM ଓ SQM ଙ୍କ ଦ୍ୱାରା ଗୁଣବତ୍ତା ନିରିକ୍ଷଣ**

1934 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନାଗିରି ଓ କୋରାପୁଟ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ନିରୀକ୍ଷଣ ପାଇଁ ଆସିଥିବା NQM ଓ SQM ଙ୍କ ଦ୍ୱାରା ଗୁଣବତ୍ତା ନିରିକ୍ଷଣ ତତ୍ ସହ ବିଭାଗୀୟ ଅଧିକାରୀଙ୍କ ତଦାରଖ ସ୍ୱତ୍ତେ ନୂତନ ନିର୍ମିତ ରାସ୍ତାର ଆୟୁଧ ବର୍ଷେ କି, ଏନବିସିସି କମ୍ପାନୀ ଦ୍ୱାରା କରାଯାଇଥିବା ସମସ୍ତ ରାସ୍ତାକୁ ମିଳିତ ଭାବେ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ତଦାରଖ ପାଇଁ ତାରିଖ ଧାର୍ଯ୍ୟ କରିବେ କି, ଏବଂ NQM ଏବଂ SQM ଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ ର ତଥ୍ୟ ପ୍ରଦାନ କରିବେ କି, ବାଲିମେଳାଠୁ ଚିତପର ରାସ୍ତାର ନିମ୍ନମାନର କାର୍ଯ୍ୟ ଅବଗତ ଅଛନ୍ତି କି ଓ ଏହାର ସଠିକ୍ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଅଛି; ଓ ଏହାଦ୍ୱାରା ସରକାରଙ୍କ କେତେ ସମୟ, ଅର୍ଥ ଓ ମାନବ ସମ୍ବଳ ନଷ୍ଟ ହୋଇଛି; ଏହି ପରି ଦାୟିତ୍ୱ ହିନ କାର୍ଯ୍ୟ ପାଇଁ କି ଦଣ୍ଡ ବ୍ୟବସ୍ଥା ରହିଛି କି, ନିମ୍ନମାନର କାର୍ଯ୍ୟ ହେଉଛି କିପରି, ଏହି ଦିଗରେ ସରକାର ଅନୁଧ୍ୟାନ କରି ଦୃଢ ପଦକ୍ଷେପ ନେବେ କି ଓ ଆଇଆଇଟି ଭୁବନେଶ୍ୱର ପରି ରାଜ୍ୟର ଅନ୍ୟ ଶିକ୍ଷଣୀୟ ସଂସ୍ଥାକୁ କାର୍ଯ୍ୟ ନିରୀକ୍ଷଣ ପାଇଁ ନିୟୋଜିତ କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ କି ?

----

## କାର୍ଯ୍ୟାଦେଶ ଜାରି କରାଯାଇଥିବା କାର୍ଯ୍ୟ ସମ୍ପର୍କରେ

1935 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନାବେଡା ଗ୍ରାମ୍ୟ ଉନ୍ନୟନ ସର୍କଲ ଅନ୍ତର୍ଗତ ସମସ୍ତ ଡିଭିଜନ ଅଧିନରେ 2022-23 ଆର୍ଥିକ ବର୍ଷରୁ 2025-26 ଆର୍ଥିକ ବର୍ଷ ମଧ୍ୟରେ ଯେଉଁ କାର୍ଯ୍ୟ ଅନୁମୋଦନ ପାଇ କାର୍ଯ୍ୟାଦେଶ ଜାରି କରାଯାଇଛି ତାହାର ସବିଶେଷ ତଥ୍ୟ ବର୍ଣ୍ଣନା (କାର୍ଯ୍ୟ ପ୍ରାପ୍ତ ସଂସ୍ଥା and ଆଦେଶ ସଂଖ୍ୟା, ଟେଣ୍ଡର ଆହ୍ୱାନ ତାରିଖ, କାର୍ଯ୍ୟ ଆଦେଶ, କାର୍ଯ୍ୟ ମୂଲ୍ୟ, ଆରମ୍ଭ ଓ ଶେଷ ତାରିଖ, ତଦାରଖ JE & SDO, ଅବଧି ସମ୍ପ୍ରସାରଣ ଉଦ୍ଦେଶ୍ୟ ଓ ତାରିଖ, (ଯଦି ଥାଏ) ପ୍ରକଳ୍ପ ବା କାର୍ଯ୍ୟର ସ୍ଥିତି, UCର ତଥ୍ୟ Jan 2026 ସୁଦ୍ଧା ପ୍ରଦାନ କରିବେ କି?

----

## 108 ଆମ୍ବୁଲାନ୍ସ ଡ୍ରାଇଭର ଓ ହେଲପରଙ୍କ ପାରିଶ୍ରମିକ

1936 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ NHM ଅନ୍ତର୍ଗତ ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ସପ୍ତାହକୁ ୪୮ଘଣ୍ଟା ପର୍ଯ୍ୟନ୍ତ କରିବା ପରିବର୍ତ୍ତେ ୧୦୮ ଆମ୍ବୁଲାନ୍ସ ପରିଚାଳନା କମ୍ପାନୀ ଡ୍ରାଇଭର ଓ ହେଲପରଙ୍କୁ ଦିନକୁ ୧୨ ଘଣ୍ଟା ଏବଂ ରେଫର କେସରେ ୧୨ ଘଣ୍ଟାରୁ ଅଧିକା କାର୍ଯ୍ୟରେ ନିୟୋଜିତ କରିବା, ଦିନକୁ କେତେ ପାରିଶ୍ରମିକ ଓ ଅଧିକ ସମୟ (ଓଭରଟାଇମ) ପାଇଁ ଘଣ୍ଟାକୁ କେତେ ପାରିଶ୍ରମିକ ବାବଦରେ ମୋଟ କେତେ ପାରିଶ୍ରମିକ ଓ ରେଷ୍ଟ୍ / ଆରାମ ପାଇଁ କେତେ ଦିନ/ ଘଣ୍ଟା ଦେଉଛନ୍ତି ; (ଖ) EMRI Green (Odisha) ସଂସ୍ଥା ଇଏସଆଇସି ଜମାର ଛଅ ମାସର ତଥ୍ୟ ଅଧିନରେ କେତେ କର୍ମଚାରୀ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କ ମାସିକ ଇପିଏଫ, ସହ ଇଏସଆଇସି କାର୍ଡ ସମସ୍ତଙ୍କୁ ବଣ୍ଟନ କରି କର୍ମଚାରୀଙ୍କୁ ସଚେତନ କରାଯାଉଛି କି ?

----

## ଶ୍ରମିକ ନାମ ପଞ୍ଜିକରଣ

1937 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମହାକାଳ ପଡା ନିର୍ବାଚନ ମଣ୍ଡଳୀରେ କେତେ ନିର୍ମାଣ ଶ୍ରମିକ ରେଜିଷ୍ଟ୍ରିଭୁକ୍ତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣ ଚଳିତ ବର୍ଷ କେଉଁ ଯୋଜନାରେ ଉପକୃତ ହୋଇଛନ୍ତି ?

----

## କେନ୍ଦ୍ରାପଡାରେ ବନୀକରଣ

1938 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ କେତେ ପରିମାଣର ଜଙ୍ଗଲ ଅଛି ଓ କେତେ ପରିମାଣର ଜଙ୍ଗଲ ଜମି ଖାଲି ପଡିଛି, ଖାଲିପଡିଥିବା ଜଙ୍ଗଲ ଜମିରେ ବ୍ୟାପକ ବନୀକରଣ ସହ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ସେତୁ ନିର୍ମାଣ

1939 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ ବିଜୁ ସେତୁ ଯୋଜନାରେ କେତୋଟି ସେତୁ ପୂର୍ଣ୍ଣାଙ୍ଗ ହୋଇଛି, କେତୋଟି ସେତୁ ନିର୍ମାଣାଧୀନ ଓ ପ୍ରସ୍ତାବାଧିନ ଅଛି, ଉକ୍ତ ସେତୁକୁ ପୂର୍ଣ୍ଣାଙ୍ଗ ସହ କେଉଁଠାରେ ସେତୁ ନିର୍ମାଣ ପାଇଁ ଲୋକେ ଦାବି କରିଛନ୍ତି, ଲୋକମାନଙ୍କ ଦାବିକୁ ବିଚାରକୁ ନେଇ ଗମନା ଗମନର ସୁବିଧା ପାଇଁ ଅଧିକ ସେତୁ ନିର୍ମାଣ ନିମନ୍ତେ ସରକାର ବ୍ୟବସ୍ଥା କରିବେ କି?

----

## ରାସ୍ତା କାମ

1940 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମହାକାଳପଡା ନିର୍ବାଚନ ମଣ୍ଡଳୀର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମରେ କେତେ କିଲୋମିଟର ପଞ୍ଚାୟତ ରାସ୍ତା ଅଛି, ସେଥିମଧ୍ୟରୁ କେତେ ରାସ୍ତାକୁ କଂକ୍ରିଟ୍ ଓ ଫେବର ବ୍ଲକ କରାଯାଉଛି ଓ ଅବଶିଷ୍ଟ ରାସ୍ତାକୁ କଂକ୍ରିଟ୍ ଓ ଫେବର ବ୍ଲକ୍ କରିବାକୁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## Vendor ଙ୍କ ତାଲିକା ପ୍ରଦାନ

1941 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଗତ ୫ ବର୍ଷ ଭିତରେ ମନରେଗା ଯୋଜନାରେ କେତେ ଟଙ୍କାର କାମ କେଉଁ ବର୍ଷ ହେଇଛି ତନ୍ମଧ୍ୟରୁ କେତେ କାମ ସରିଛି ଆଉ କେତେ ବାକି ଅଛି ବ୍ଲକଓ୍ୱାରୀ ତଥ୍ୟ ଦେବେ କି; ନିର୍ବାଚନମଣ୍ଡଳୀରେ ମନରେଗା ଯୋଜନାରେ କେତେ ଜଣ Vendorଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି ଦିଆଯାଇଛି ଏବଂ 2015 ମସିହାରୁ ଆଜିପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟରେ କେତେ ଟଙ୍କା ଜମା ହୋଇଛି ଓ କେତେ ଟଙ୍କା GST Payment ହୋଇଛି ତାର ବ୍ଲକଓ୍ୱାରୀ ଓ ବର୍ଷଓ୍ୱାରୀ ତାଲିକା ପ୍ରଦାନ କରିବେ କି ; GST ଫାଙ୍କୁଥିବା Vendorଙ୍କ ତାଲିକା ପ୍ରଦାନ କରିବା ସହ ସେମାନଙ୍କ ବିରୁଦ୍ଧରେ ବିଭାଗ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## RD ରାସ୍ତାର ମରାମତି

1942 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୋରପୁଟ ଜିଲ୍ଲାର ଜରାଜୀର୍ଣ୍ଣ ଅବସ୍ଥାରେ ଥିବା RD ରାସ୍ତାଗୁଡ଼ିକୁ ମରାମତି ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ସରକାର ଗତ ପାଞ୍ଚ ବର୍ଷରେ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ଓ କେତେ କିଲୋମିଟର ରାସ୍ତା କରିଛନ୍ତି, ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ତଥା ବିଭିନ୍ନ ରାସ୍ତା ନିର୍ମାଣକାରୀ ବିଭାଗ ଦ୍ୱାରା କେତେ କିଲୋମିଟର ରାସ୍ତା ଓ କେଉଁ କେଉଁ ରାସ୍ତା ନୂତନ ଭାବେ ହୋଇଛି, କେତୋଟି ନୂତନ ସେତୁ ନିର୍ମାଣ ହୋଇଛି ଓ କେତେ ଅର୍ଥ ଖର୍ଚ୍ଚ ହୋଇଛି, ଠିକ ସେହିପରି ଜିଲ୍ଲାରେ ଆଜି ସୁଦ୍ଧା କେତେ ଓ କେଉଁ କେଉଁ ଗ୍ରାମକୁ ରାସ୍ତା ସଂଯୋଗ ହୋଇନାହିଁ ସମସ୍ତ ତଥ୍ୟ ବ୍ଲକ ୱାରୀ ତଥ୍ୟ ଦେବା ସହ କେବେ ସୁଧା ସଂଯୋଗିକରଣ ହେବ,ରାସ୍ତା ନିର୍ମାଣରେ ବ୍ୟବହୃତ ପିଚୁର ମାନ ପରୀକ୍ଷା କରିବା ପାଇଁ ସରକାର ବିଶେଷ ଦୃଷ୍ଟି ଦେବା ସହିତ ରାସ୍ତା ନିର୍ମାଣରେ ବ୍ୟବହୃତ ବିଭିନ୍ନ ମ୍ୟାଟେରିଆଲ (Material) ଗୁଡ଼ିକର Quality କିଏ ନିର୍ଦ୍ଧାରଣ କରିଥାନ୍ତି ?

----

## ବାସଗୃହ ଯୋଗାଣ

1943 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ଜଣ ଭୂମିହୀନ, ବାସହୀନ ପରିବାରକୁ (ଗ୍ରାମାଞ୍ଚଳରେ) ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ କେଉଁ ଯୋଜନାରେ ଗତ ଦୁଇ ବର୍ଷରେ ଭୂମି ଓ ବାସଗୃହ ଯୋଗାଇ ଦିଆଯାଇଛି ତାର ଜିଲ୍ଲାୱାରୀ ତଥ୍ୟ ଦେବା ସହ ନୂତନ ଭାବେ ଚାଲୁଥିବା ଅନ୍ତୋଦ୍ୟୟ ଯୋଜନା ଓ ଆବାସ ଯୋଜନାରେ ରାଜ୍ୟରେ ଆଜିସୁଦ୍ଧା କେତେ ଜଣ ଘର ପାଇବାକୁ ଯୋଗ୍ୟ ହୋଇଛନ୍ତି ଓ ସରକାର କେତେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିଛନ୍ତି, ଦିତୀୟ କିସ୍ତି ମିଳିବାରେ ବିଳମ୍ବ ହେବାର କରଣ କଣ, ସେହିଭଳି କୋରାପୁଟ ଜିଲ୍ଲାର ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ କାମ ଯୋଗାଇବା ପାଇଁ ଜୀବିକା ମିଶନ ମାଧ୍ୟମରେ କେଉଁ କେଉଁ କାମ ପାଇଁ କେତେ ଅର୍ଥ ଆସିଛି? ସେହି ଅର୍ଥରେ କେତେ ମହିଳା କି କି କାମ ପାଇଛନ୍ତି ବ୍ଲକ୍ ୱାରୀ ତଥ୍ୟ ଦେବେ କି ?

----

## ଶ୍ରମ ଆଇନ୍ ଉଚ୍ଛେଦ

1944 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନିକଟରେ କେନ୍ଦ୍ର ସରକାର ଦେଶରେ ଚାଲୁଥିବା ୨୯ ଗୋଟି ଶ୍ରମ ଆଇନକୁ ଉଚ୍ଛେଦ କରି Code on wages - 2019, Code on social security 2020, industrial relation code-2020 ଏବଂ Occupational safety health & working condition 2020 ଭଳି ୪ ଟି ଶ୍ରମ କେତେ ଲଗାଇ ଶ୍ରମିକ ମାନଙ୍କ ଦରମା, ନିଯୁକ୍ତି, ସ୍ୱାସ୍ଥ୍ୟ ଗ୍ୟାରେଣ୍ଟି ଦେଉଥିବା ବେଳେ ଓଡ଼ିଶା ସରକାର ଶ୍ରମିକ ମାନଙ୍କ ପାଇଁ ଏସବୁ ଲଗାଇଛନ୍ତି କି, ଯଦି ହଁ ତେବେ ରାଜ୍ୟରେ ପଞ୍ଜୀକୃତ ଶ୍ରମିକ ସଂଖ୍ୟା କେତେ ଓ ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ସଂଖ୍ୟା କେତେ ଓ ସେମାନଙ୍କ ପାଇଁ ଏହି ନୂତନ ଶ୍ରମ କେଉଁ କେଉଁ ଆଧାରରେ ଲାଗିବ ଜଣାଇବେ କି, ପୂର୍ବରୁ ରାଜ୍ୟ ସରକାରଙ୍କର ଥିବା ବିଭିନ୍ନ ଶ୍ରମିକ କଲ୍ୟାଣ ନୀତି ଯଥା ବିବାହ, ପାଠପଢ଼ା, ସ୍ୱାସ୍ଥ୍ୟ ଓ ମୃତ୍ୟୁ କାଳୀନ ସହାୟତା ଗୁଡ଼ିକ ସରକାର ଚାଲୁ ରଖିବେ ନା ନାହିଁ ?

----

## ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ସଂଖ୍ୟା

1945 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର କେଉଁ ବ୍ଲକରେ କେତେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଚିହ୍ନଟ ହୋଇଛନ୍ତି, ବିଭିନ୍ନ କଲ୍ୟାଣକର ଯୋଜନା ପ୍ରବର୍ତ୍ତନ କରି ଦାରିଦ୍ର୍ୟ ହ୍ରାସ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ଏହାର ବ୍ଲକୱାରୀ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି?

----

## ସହରରେ ଜମି ସଂରକ୍ଷିତ ରଖିବା

1946 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Odisha Government Settlement Rule-1983 ଆଧାରରେ ପ୍ରତ୍ୟେକ ସହରରେ କେଉଁ କେଉଁ କିସମ ଜମି କେଉଁ ଉଦ୍ଦେଶ୍ୟରେ ସଂରକ୍ଷିତ ରଖିବାକୁ ନିୟମ ପ୍ରଣୟନ କରାଯାଇଥିବାବେଳେ ଭଦ୍ରକ ସହରାଞ୍ଚଳରେ ଏଥିପାଇଁ ଆବଶ୍ୟକୀୟ ଜମି ସଂରକ୍ଷିତ ହୋଇ ରହିଛି କି, ଯଦି ହଁ, ତେବେ କେଉଁ କେଉଁ ଉଦ୍ଦେଶ୍ୟରେ କେତେ ସଂରକ୍ଷିତ ହୋଇଛି ତାହାର ବିବରଣୀ ପ୍ରଦାନ କରିବେକି, ଯଦି ନାଁ ତେବେ ଜମି ସଂରକ୍ଷିତ ପାଇଁ ସରକାର ଯୋଜନା କରିବେକି?

----

## Training of Construction Workers in the State

1947 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the government furnish the details of the initiatives taken for capacity building, skill development and advanced Training of Construction Workers in the State, particularly in modern construction practices such as mechanised shuttering, concrete technology, plumbing, electric works, welding, surveying and safety management, further, will the government furnish the number of construction of workers trained during the last two years, (b) the number of training programmes conducted in Bhadrak district, whether any collaboration has been made with OSDA/PMKVY or private developer associations for skilling and up-skilling and the measures taken to ensure employment opportunities for the trained workers in Govt. and Private construction projects?

----

## ଗାଁ ସାଥୀମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି

1948 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ଗାଁ ସାଥୀମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି, ସରକାରୀ କର୍ମଚାରୀ ସ୍ଥାନ ମାନ୍ୟତା ଏବଂ ESI, EPF,ବୀମା ଓ ଅନ୍ୟାନ୍ୟ କଲ୍ୟାଣମୂଳକ ସୁବିଧା ଯୋଗାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିଛନ୍ତି କି?

----

## ଦାଦନ ଶ୍ରମିକଙ୍କୁ ଥଇଥାନ

1949 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉକ୍ତ ସାମାଜିକ ସୁରକ୍ଷା ବିଭାଗ ଆମ ରାଜ୍ୟର ଦାଦନ ଶ୍ରମିକଙ୍କୁ ଅନ୍ୟ ରାଜ୍ୟରୁ ଉଦ୍ଧାର କରିଆଣି ଥଇଥାନ କରି କି ପ୍ରକାର ସୁବିଧା ସୁଯୋଗ ଦେବାର ବ୍ୟବସ୍ଥା କରିଛନ୍ତି ତାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେକି?

----

## ବୃକ୍ଷ ରୋପଣ

1950 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବୃକ୍ଷ ରୋପଣ ଓ ବନୀକରଣ ପାଇଁ କେତେ ଅର୍ଥ ବିନିଯୋଗ କରାଯାଇଛି, କେଉଁ କେଉଁ ସଂସ୍ଥା ମାଧ୍ୟମରେ ସଂପାଦନ ହେଉଛି?

----

## ଆଦର୍ଶ ଗ୍ରାମ ପାଇଁ ବ୍ୟୟ

1951 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ନିର୍ବାଚନମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି, ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି, ଏବଂ କେଉଁ ଗ୍ରାମ ପଂଚାୟତଗୁଡିକରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି?

----

## ବ୍ରିଜ୍ ନିର୍ମାଣ

1952 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉକ୍ତ ବିଭାଗ ତରଫରୁ ଉଦଳା ନିର୍ବାଚନମଣ୍ଡଳୀରେ କେତୋଟି ବ୍ରିଜ୍ ନିର୍ମାଣ କରାଯାଇଛି, କେତୋଟି ବ୍ରିଜ୍ ନିର୍ମାଣ ସଂପୁର୍ଣ୍ଣ ହୋଇଛି ଆଉ କେତେ ଅଂସପୁର୍ଣ୍ଣ ବ୍ରିଜ୍ ଅଛି ତାର ସଂଖ୍ୟା କେତେ?

----

## Drainage ବ୍ୟବସ୍ଥା

1953 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ଉପଖଣ୍ଡର ଗ୍ରାମ୍ୟ ଉନ୍ନୟନ ବିଭାଗର ଥିବା ରାସ୍ତା ଗୁଡିକରେ ବର୍ଷ ଦିନରେ ଜଳ ନିଷ୍କାସନ ନ ହେବା କାରଣରୁ ସାଧାରଣ ଲୋକ ମାନେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ତେଣୁ ରାସ୍ତା ଗୁଡିକରେ Drainge ବ୍ୟବସ୍ଥା କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଚାରା ରୋପଣ ବିବରଣୀ ପ୍ରଦାନ

1954 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର 24 ଗୋଟି ପଞ୍ଚାୟତରେ ବିଗତ 2019 -20 ଠାରୁ 2024 -25 ଆର୍ଥିକ ବର୍ଷ ମଧ୍ୟରେ 533.37 ଲକ୍ଷ ଅର୍ଥ ରାଶିରେ 2.80 ଲକ୍ଷ ବୃକ୍ଷଚାରା ରୋପଣ ସହିତ 2.45 ଲକ୍ଷ ବୃକ୍ଷଚାରା ହିତାଧିକାରୀ ଶିକ୍ଷାନୁଷ୍ଠାନ ମାନଙ୍କୁ ନିଜସ୍ୱ ବାଡ଼ି ବଗିଚାରେ ରୋପଣ ନିମନ୍ତେ ବିତରଣ କରାଯାଇ ଥିବା ସତ୍ୟ କି, ଯଦି ହଁ ଯେଉଁ 24 ଗୋଟି ପଞ୍ଚାୟତରେ ବୃକ୍ଷ ରୋପଣ କରାଯାଇଛି ତାହା କେଉଁ ପଞ୍ଚାୟତର ଏବଂ କେଉଁ ଗ୍ରାମରେ କେତେ ଟଙ୍କା ବିନିଯୋଗ କରାଯାଇଛି ତାହାର ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି ; 2.45 ଲକ୍ଷ ବୃକ୍ଷ ଚାରା ହିତାଧିକାରୀ / ଶିକ୍ଷାନୁଷ୍ଠାନ ମାନଙ୍କୁ ବିତରଣ କରାଯାଇଅଛି ତାହାର ସବିଶେଷ ତଥ୍ୟ ଦେବେ କି ; କେଉଁ ଶିକ୍ଷାନୁଷ୍ଠାନ ଏବଂ କେଉଁ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଇଅଛି ଏବଂ କେତେ ଟଙ୍କାର ବୃକ୍ଷ ପ୍ରଦାନ କାରାଯାଇଛି ?

----

## ରାସ୍ତା ହସ୍ତାନ୍ତର

1955 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ଛୟାଳସିଂଠାରୁ କ୍ଷେଣ୍ଟତୀର ପର୍ଯ୍ୟନ୍ତ ରାସ୍ତାଟି ଉପରେ ପ୍ରାୟ ୫ ଟି ପଞ୍ଚାୟତର ୩୦ ହଜାରରୁ ଉର୍ଦ୍ଧ ଲୋକ ନିର୍ଭର କରନ୍ତି, ପ୍ରତେକ ଦିନ ଦିନ ସହ ସହ ଗାଡି ମଟର ଯିବା ଆସିବା କରୁଥିବାରୁ ରାସ୍ତାଟି ନିର୍ବାଚନ ମଣ୍ଡଳୀର ଲୋକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଉକ୍ତ ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ PWD ବିଭାଗକୁ ହସ୍ତାନ୍ତର କଲେ ଏଠାକାର ଜନସାଧାରଣ ବହୁଳ ଉପକୃତ ହେବେ ?

----

## ନୂତନ ଗ୍ରାମପଞ୍ଚାୟତ ଗଠନ

1956 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଜନସଂଖ୍ୟାକୁ ଦୃଷ୍ଟିରେ ରଖି କେତେଗୋଟି ନୂତନ ଗ୍ରାମ ପଞ୍ଚାୟତ ଗଠନ କରିବା ନିମନ୍ତେ ପଞ୍ଚାୟତିରାଜ ବିଭାଗ ଦ୍ୱାରା ପ୍ରସ୍ତାବ ରଖିଛନ୍ତି,ଯଦି ନୂତନ ପଞ୍ଚାୟତ ଗଠନ କରିବା ପାଇଁ ସରକାର ପ୍ରସ୍ତାବ ରଖିଥାନ୍ତି ତେବେ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## RD road are available in Paralakhemundi Constituency

1957 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How Many Kilometres Of RD Roads Are Currently Available In The Paralakhemundi Constituency; (b) Could the Govt. inform Us How Many New Roads Have Been Proposed Under PMGSY, Along Wit Details And Names Of The Proposed Roads; When The Deteriorated Roads In the Constituency will Be repaired ?

----

## Wood are sold by forest Development Corporation

1958 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Which Types of Wood are sold each year by the Odisha Forest Development Corporation In Gajapati District, And In What Quantities; (b) Could the Govt.You Informs from which locations these woods are Collected; The details regarding where the Depots are established in the State for selling these woods & what Steps are being taken to create and develop Hental Forests Jhaun Forests?

----

## Currently operating is in profit Industries

1959 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The number of Common Industries that are currently operating in profit, the Govt. how many Industries are running in lose , the details along with the names of these Industries and their Respective Profit or Loss figures, What steps have been taken to make the loss making Industries profitable?

----

**Total Number of Labour in the State**

1960 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The latest Total number of Labourers in the State; How many Women labourers are included in both the organised and unorganised Sectors; The details regarding how many unorganised Labourers migrate outside the State and how many labourers have dies in the last five years, along with the category wise details ?

----

**Metro Railway ପାଇଁ ଯୋଜନା**

1961 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଗାମି ଦିନରେ Metro Railway ପାଇଁ ସରକାରଙ୍କର କିଛି ଯୋଜନା ଅଛି କି, ଯଦି ଅଛି, ତାହା କେଉଁଠୁ ଆରମ୍ଭ ହୋଇ କେଉଁ ପର୍ଯ୍ୟନ୍ତ ଯିବ ଏବଂ ପ୍ରକଳ୍ପର ଅଟକଳ ମୂଲ୍ୟ କେତେ ଏବଂ ବର୍ତ୍ତମାନ କେଉଁ ସ୍ଥିତିରେ ପ୍ରକଳ୍ପ ଅଛି ?

----

**ଅତି ନିମ୍ନମାନର ରାସ୍ତା କାର୍ଯ୍ୟ**

1962 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାମୁର ଛକ ଠାରୁ ତାଳପଦର via-ତଣ୍ଡିଆମାଳ ରାସ୍ତାର କାର୍ଯ୍ୟ ଅତିନିମ୍ନମାନର ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି; (ଖ) ଏହି ରାସ୍ତାର Quality control ପାଇଁ କଣ କଣ ବ୍ୟବସ୍ଥା କରାଯାଇଛି ଏବଂ ହୋଇଥିବା Quality test IRC specification ଅନୁସାରେ ହୋଇଛି କି; ଯଦି ହୋଇଛି ତାର test result ଗୁଡ଼ିକ ପ୍ରଦାନ ସହିତ କେଉଁ officer ତଦାରଖ କରିଛନ୍ତି ?

----

**ବ୍ରିଜ ନିର୍ମାଣର ଆକଳନ**

1963 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ଗ୍ରାମାଞ୍ଚଳରେ କେତୋଟି ନାଳ ବା ନଦୀରେ ସଂଯୋଗୀକରଣ ପାଇଁ ବ୍ରିଜ ନିର୍ମାଣର ଆକଳନ ହୋଇଛି କି; ଯଦି ହୋଇଛି ଏହାର constituency wise ତାଲିକା ପ୍ରଦାନ କରିବେ କି ?

----

## ଖର୍ଚ୍ଚର ସମ୍ପୂର୍ଣ୍ଣ ତଥ୍ୟ

1964 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲା ଜାରକା ଠାରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ୍‌ରେ ୨୦୨୨-୨୩ ରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ Year Wise କେତେ ଖର୍ଚ୍ଚ ବ୍ୟୟ ବରାଦ କରାଯାଇଥିଲା ଏବଂ ସେଥିମଧ୍ୟରୁ ଆଜି ପର୍ଯ୍ୟନ୍ତ କେତେ ଖର୍ଚ୍ଚ ହୋଇଛି ତା'ର ସମ୍ପୂର୍ଣ୍ଣ ତଥ୍ୟ Year Wise ଓ Constituency Wise ପ୍ରଦାନ କରିବେ କି ?

----

## Street Light ଲଗାଇବା ପାଇଁ ଯୋଜନା

1965 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ ଥିବା Panchayat ଗୁଡିକର Street Light ବା Solar Street Light ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କ'ଣ ଯୋଜନା ରହିଛି ଏବଂ ସେଥିପାଇଁ କେତେ ଅର୍ଥ ବ୍ୟୟବରାଦ କରାଯାଇଛି, କେଉଁ ବ୍ଲକର କେଉଁ ପବାଂୟତରେ କେତୋଟି ଲାଗିବାର ଯୋଜନା ଅଛି ଏବଂ ସେଥିମଧ୍ୟରୁ କୋଟୋଟି ଲାଗିସାରିଛି ସେଗୁଡିକର Block Wise ସହ Panchayat Wise ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହିତ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ବିଭିନ୍ନ ବ୍ଲକକୁ ଅର୍ଥବ୍ୟୟ ବରାଦ

1966 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାକୁ ପଞ୍ଚାୟତିରାଜ ବିଭାଗ ତରଫରୁ ଆର୍ଥିକ ବର୍ଷ ୨୦୨୨-୨୩ ରୁ ୨୦୨୫-୨୬ ପର୍ଯ୍ୟନ୍ତ କେଉଁ ବ୍ଲକ୍ ପାଇଁ କେଉଁ ବର୍ଷ କେତେ ଅର୍ଥ ବ୍ୟୟ ବରାଦ କରାଯାଇଥିଲା ଓ ସେଥିମଧ୍ୟରୁ କେତେ ଖର୍ଚ୍ଚ ହୋଇଛି?

----

## ଗୁଡ଼ାରି NACରେ stadium ନିର୍ମାଣ

1967 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଗ୍ରସ୍ତରେ ପ୍ରତ୍ୟେକ ବ୍ଲକରେ indoor stadium ଘୋଷଣା କରିଥିଲେ ତେବେ ରାୟଗଡା ଜିଲ୍ଲାରେ ଗୁଡାରି NACରେ stadium କେବେ ଆରମ୍ଭ ହେବ କହିବେ କି; ଏବଂ ଏହା ସହ ଗୁଡାରି NAC ରେ ପାନୀୟ ଜଳ ସମସ୍ୟା, ନିଷ୍କାସନ ଓ ରାସ୍ତା ଭଳି ମୌଳିକ ସୁବିଧା ପାଇଁ କଣ ପଦକ୍ଷେପ ନେଇଛନ୍ତି?

----

## କ୍ଷୟ ହୋଇଥିବା ଜଙ୍ଗଲ ଭୂମିର ପରିମାଣ

1968 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ ଗତ ତିନି ବର୍ଷ ମଧ୍ୟରେ କେତେ hector ଜଙ୍ଗଲ ଭୂମି କ୍ଷୟ ହୋଇଛି, ଏହାର କାରଣ କଣ, ସରକାର ଏଥିପ୍ରତି କଣ ପଦକ୍ଷେପ ନେଇଛନ୍ତି, ଗତ ପାଞ୍ଚ ବର୍ଷ ରେ କେତେ ବୃକ୍ଷ ରୋପଣ କରାଯାଇଛି ଓ ଏହାର ସଫଳତା ହାର କେତେ?

----

## 15 ତମ ଅର୍ଥ କମିଶନ ଅନୁଦାନରେ ମଞ୍ଜୁର ଅର୍ଥର ପରିମାଣ

1969 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ 15 ତମ ଅର୍ଥ କମିଶନ ଅନୁଦାନ ଅନ୍ତର୍ଗତ କେତେ ଅର୍ଥ ମଂଜୁର ହୋଇଛି ଓ କେଉଁ କେଉଁ କାମ ସମ୍ପନ୍ନ ହୋଇଛି ବ୍ଲକ ୱାରୀ ବିବରଣୀ ଦେବେ କି, ଏହାସହ ଗ୍ରାମସଭା ଓ ପଲ୍ଲୀ ସଭା ସମୟମତେ ଆୟୋଜିତ ହେଉଛି କି, ଜିଲ୍ଲାର E- Governance (e-panchayat) ପ୍ରଣାଳୀ କେତେଦୂର କାର୍ଯକାରୀ ହୋଇଛି ?

----

## ସ୍ୱତନ୍ତ୍ର ପାନୀୟ ଜଳ ପ୍ରକଳ୍ପ ସ୍ଥାପନ

1970 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ନୀଳଗିରି ଓ ଔପଦା ବ୍ଲକର କେଉଁ କେଉଁ ଉପାନ୍ତ ଏବଂ ପାହାଡ଼ିଆ ଅଞ୍ଚଳରେ ଭୂତଳ ଜଳ ସ୍ତର ବହୁତ ତଳେ ଥିବାରୁ ପାନୀୟ ଜଳ ସଙ୍କଟ ଦେଖାଯାଉଛି, (ଖ) ଏହି ସମସ୍ୟା ସମାଧାନ ପାଇଁ ସେହି ଅଞ୍ଚଳଗୁଡ଼ିକରେ Solar based Dual Pump କିମ୍ବା ସ୍ୱତନ୍ତ୍ର ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରିବାକୁ ସରକାରଙ୍କ ପକ୍ଷରୁ କୌଣସି ପରିକଳ୍ପନା କିମ୍ବା ପ୍ରସ୍ତାବ ରହିଛି କି ଏବଂ ଯଦି ରହିଛି, ତେବେ ଚଳିତ ଆର୍ଥିକ ବର୍ଷରେ ନୀଳଗିରି ଓ ଔପଦା ବ୍ଲକରେ କେତୋଟି Solar based Dual Pump କିମ୍ବା କଳ ପ୍ରକଳ୍ପ ସ୍ଥାପନ କରାଯିବ ଏବଂ ସେଗୁଡ଼ିକ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ, ଉକ୍ତ ଅଞ୍ଚଳଗୁଡ଼ିକୁ ଭବିଷ୍ୟତରେ ସ୍ଥାୟୀ ପାନୀୟ ଜଳ ସମାଧାନ ଦେବା ପାଇଁ RWSS ବିଭାଗର କୌଣସି ଦୀର୍ଘମିଆଦୀ ଯୋଜନା ରହିଛି କି ?

----

## କଲ୍ୟାଣ ମଣ୍ଡପର ତାଲିକା

1971 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ କେତେଟି କଲ୍ୟାଣ ମଣ୍ଡପ ନିର୍ମାଣାଧୀନ ଅଛି, ପଞ୍ଚାୟତୱାରୀ ତାଲିକା ସହିତ ସୂଚନା ପ୍ରଦାନ କରିବେ କି, ଉକ୍ତ ପ୍ରତ୍ୟେକ ପଞ୍ଚାୟତରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପଗୁଡ଼ିକ ପାଇଁ ଏପର୍ଯ୍ୟନ୍ତ କେତେ ଅନୁଦାନ ମଞ୍ଜୁର ହୋଇଛି ଏବଂ ବର୍ତ୍ତମାନ ସୁଦ୍ଧା କେତେ ଟଙ୍କା ଖର୍ଚ୍ଚ ହୋଇଛି, ପଞ୍ଚାୟତୱାରୀ ଓ ମଣ୍ଡପୱାରୀ ବିବରଣୀ ଦେବେ କି, ଏବଂ ଉକ୍ତ କଲ୍ୟାଣ ମଣ୍ଡପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ଆଉ କେତେ ଅନୁଦାନ ଆବଶ୍ୟକ ଅଛି ଏବଂ ସେହି ଅନୁଦାନ କେବେ ସୁଦ୍ଧା ମଞ୍ଜୁର କରାଯିବ, ଏହି ସମସ୍ତ ନିର୍ମାଣାଧୀନ କଲ୍ୟାଣ ମଣ୍ଡପଗୁଡ଼ିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ସାଧାରଣ ଜନତାଙ୍କ ବ୍ୟବହାର ପାଇଁ କାର୍ଯ୍ୟକ୍ଷମ ହେବ ?

----

## କଲ୍ୟାଣ ମଣ୍ଡପ ପାଇଁ ପ୍ରକଳ୍ପ ମଞ୍ଜୁରୀ

1972 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ନୀଳଗିରି ବ୍ଲକ୍ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ପାଇଁ ଶେଷଥର ପଞ୍ଚାୟତ ତହବିଲ, ୫ମ ରାଜ୍ୟ ଅର୍ଥ କମିଶନ (5th SFC) କିମ୍ବା ୧୫ମ କେନ୍ଦ୍ରୀୟ ଅର୍ଥ କମିଶନ (15th CFC) ମାଧ୍ୟମରେ କେତେ ଟଙ୍କାର ପ୍ରକଳ୍ପ ମଞ୍ଜୁରି ପାଇଛି, (ଖ) ଏପର୍ଯ୍ୟନ୍ତ ଏହି ପ୍ରକଳ୍ପରେ କେତେ ଟଙ୍କା ବ୍ୟୟ ହୋଇଛି ଏବଂ ଦେୟ ହୋଇଥିବା ବିଲ୍‌ଗୁଡ଼ିକର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ଏବଂ ମଞ୍ଜୁରି ପାଇଥିବା ଅନୁଦାନ ରାଶି ଏପର୍ଯ୍ୟନ୍ତ ସମ୍ପୂର୍ଣ ବ୍ୟୟ ହୋଇନଥିବାର କାରଣ କ'ଣ, ଏହି ପ୍ରକଳ୍ପର ଅର୍ଥ ବ୍ୟୟ ହୋଇନଥିବାରେ ଯେଉଁ ଦାୟିତ୍ୱଶୀଳ ଅଧିକାରୀମାନଙ୍କ ଅବହେଳା ରହିଛି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କି, ଏପର୍ଯ୍ୟନ୍ତ ମୁକ୍ତିପ୍ରାପ୍ତ ଅନୁଦାନ ରାଶି କେବେ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ବ୍ୟୟ କରାଯିବ ଓ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ କେବେ ସମାପ୍ତ ହେବ ?

----

## ଅର୍ଥ ବ୍ୟୟ ପରିମାଣ

1973 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସମସ୍ତ ଜିଲ୍ଲାରେ ୨୦୨୪ ଜାନୁଆରୀରୁ ଆଜି ଯାଏଁ ବିଭାଗ ପକ୍ଷରୁ କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ସଚେତନତା କାର୍ଯ୍ୟ କରାଯାଇଛି ଓ କେଉଁ ସଂସ୍ଥା ପକ୍ଷରୁ କରାଯାଇଛି ତାର ଜିଲ୍ଲା ୱାରି ସବିଶେଷ ତାଲିକା ପ୍ରଦାନ ପ୍ରଦାନ କରିବେ କି ?

----

## ନଳକୂପ ଖନନ

1974 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ (୨୦୨୫-୨୬) ବର୍ଷରେ ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ କେତେଗୋଟି ନଳକୂପ ଖନନ ହୋଇଛି ଓ ଏହା କେତେ ଅର୍ଥ ବ୍ୟୟରେ ହୋଇଛି, ଆଉ କେତେଗୋଟି ନୂତନ ନଳକୂପ ଖନନର ପ୍ରସ୍ତାବ ରହିଛି ତାର ପଞ୍ଚାୟତ ୱାରି ସବିଶେଷ ତାଲିକା ପ୍ରଦାନ କରିବେ କି, ଚଳିତ ବର୍ଷରେ କେତେ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦିଆଯାଇଛି ଓ ଆଉ କେତେ ଲୋକଙ୍କୁ ଗୃହ ଯୋଗାଇବା ପାଇଁ ବିଭାଗ ତରଫରୁ କଣ ପଦେକ୍ଷପ ନିଆଯାଉଛି ତାର ପଞ୍ଚାୟତ ୱାରି ତାଲିକା ପ୍ରଦାନ କରିବେ କି ?

----

## ଚାରା ରୋପଣ

1975 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ (୨୦୨୫-୨୬) ବର୍ଷରେ ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥରେ କେତେ ଅର୍ଥ ବ୍ୟୟରେ କେତେ ପରିମାଣର ଚାରା ରୋପଣ କରାଯାଇଛି ଓ କେଉଁ କେଉଁ ସ୍ଥାନରେ କରାଯାଇଛି ତାର ପଞ୍ଚାୟତ ୱାରି ସବିଶେଷ ତଥ୍ୟ ପ୍ରଦାନ କରିବେ କି, ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ କେତେ ପରିମାଣର ଗଛ କଟାଯାଇଛି ଓ ଏହା କେଉଁ କାରଣ ପାଇଁ କରାଯାଇଛି ?

----

## ପରିଦର୍ଶକ ନିଯୁକ୍ତି

1976 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରିରେ ଶ୍ରମ ବିଭାଗର ପରିଦର୍ଶକ (Labour Inspectors) ସଂଖ୍ୟା କେତେ, ଅଧିକ ପରିଦର୍ଶକ ନିଯୁକ୍ତି ପାଇଁ ପଦକ୍ଷେପ ନେବେ କି ?

----

## ମାତୃତ୍ୱ ବୀମା ପ୍ରଦାନ

1977 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ ମହିଳା କର୍ମଚାରୀଙ୍କ ପାଇଁ ମାତୃତ୍ୱ ବୀମା ସୁବିଧା (Maternity Benefit) କିପରି କାର୍ଯ୍ୟକାରୀ ହେଉଛି, ଗତ 2 ବର୍ଷରେ କେତେ ମହିଳାଙ୍କୁ ଏହି ସୁବିଧା ମିଳିଛି ଓ କେତେ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ?

----

## ବନ ସଂରକ୍ଷଣ

1978 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାରେ ଗତ 5 ବର୍ଷରେ ବନ କ୍ଷୟ ହାର କେତେ, ବନ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ କେଉଁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ଏବଂ ଏହାର ଅଗ୍ରଗତି କଣ ?

----

## Plots cancelled by BDA

**1979 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many plots/ houses of different allottees have been cancelled by BDA, OSHB and CDA Cuttack basing on the report of Tara Dutta Task force committee as well as on the report of Special Audit report of Finance Deptt. and other reasons due to multiple allotment of plots / houses, the detail list of cancelled plots / houses along with name of the allottees with detail name and address, Plot No., Mouza, scheme, etc. in the said matter be furnished ?

----

## ଅସମାପ୍ତ ଉନ୍ନୟନ କାର୍ଯ୍ୟ

**1980 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୫ ଅଛି, କେଉଁ ପ୍ରକାର କାର୍ଯ୍ୟ କେଉଁ କାରଣରୁ ଆରମ୍ଭ ହୋଇପାରିନାହିଁ ଏବଂ ଅବିଳମ୍ବେ ଶେଷ କରିବାକୁ ସରକାରଙ୍କ ପଦକ୍ଷେପ କଣ ହେବ ?

----

## ପଦବୀ ପୂରଣ

**1981 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର ଗ୍ରାମ୍ୟ ଉନ୍ନୟନ ଡିଭିଜନରେ ଦୀର୍ଘ ମାସ ଧରି SE, AEE ତଥା ଅନ୍ୟାନ୍ୟ କର୍ମଚାରୀ ପଦବୀ ଖାଲିଥିବା ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ, କେବେ ସୁଦ୍ଧା ନିଯୁକ୍ତି ଦିଆଯିବ ସରକାର ଏଥିରେ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ସହରୀ ଟ୍ୟାକ୍ସ ଦେଇ ଗ୍ରାମୀଣ ସୁବିଧା ମିଳିବା

**1982 ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଥିବା ୧୨ଟି ଗ୍ରାମ ପଞ୍ଚାୟତରୁ ସାମିଲ ହେବା ଦିନଠାରୁ ଏପର୍ଯ୍ୟନ୍ତ କେତେ ପରିମାଣର ହୋଲଡିଂ ଟ୍ୟାକ୍ସ' (Holding Tax) ଏବଂ ବ୍ୟବହାରକାରୀ ଦେୟ (User Fees) ସଂଗ୍ରହ କରାଯାଇଛି, (ଖ) ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସମ୍ବଲପୁରର ସହରୀ ଭିତ୍ତିଭୂମି ବଜେଟରୁ କେତେ ପ୍ରତିଶତ ଅର୍ଥ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡଗୁଡିକରେ ଖର୍ଚ୍ଚ କରାଯାଇଛି, ସରକାର ଅବଗତ ଅଛନ୍ତି କି ଯେ, ଏହି ଅଞ୍ଚଳର ବାସିନ୍ଦାମାନେ ସହରୀ ଟ୍ୟାକ୍ସ ଦେଉଥିଲେ ମଧ୍ୟ ସେମାନଙ୍କୁ ଗ୍ରାମୀଣ ସ୍ତରର ଡ୍ରେନେଜ୍ ଓ ସ୍ୱଚ୍ଛତା ସେବା ମିଳୁଛି, ଯଦି ହଁ, ଏହି ଅଞ୍ଚଳଗୁଡିକୁ ମୁଖ୍ୟ ସହର ସହିତ ସମାନ କରିବା ପାଇଁ ସରକାର କେଉଁ ସମୟସୀମା ଧାର୍ଯ୍ୟ କରିଛନ୍ତି ?

----

## ନିମ୍ନମାନର ରାସ୍ତା ମରାମତି କାର୍ଯ୍ୟ

1983 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମ୍ବଲପୁର ସମନ୍ୱିତ ସ୍ୱରେଜ୍ ପ୍ରକଳ୍ପ ଶେଷ କରିବାର ମୂଳ ସମୟସୀମା କ'ଣ ଥିଲା ଏବଂ ଏପର୍ଯ୍ୟନ୍ତ କେତେଥର ସମୟସୀମା ବୃଦ୍ଧି କରାଯାଇଛି, (ଖ) ଏହା କଣ ସତ୍ୟ କି, ପାଇପ୍ ବିଛାଇବା ପରେ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ (PHEO) ଏବଂ ଠିକାଦାରମାନେ ରେଙ୍ଗାଲି ଅଞ୍ଚଳର ରାସ୍ତାଗୁଡ଼ିକୁ ବିପର୍ଯ୍ୟସ୍ତ ଅବସ୍ଥାରେ ଛାଡି ଦେଇଛନ୍ତି, କାର୍ଯ୍ୟରେ ଅବହେଳା ଓ ନିମ୍ନମାନର ରାସ୍ତା ମରାମତି ପାଇଁ ଦାୟୀ ଠିକାଦାରମାନଙ୍କୁ ସରକାର 'ବ୍ଲାକଲିଷ୍ଟ' (Blacklist) କରିବାକୁ ବିଚାର କରୁଛନ୍ତି କି ?

----

## ଜାଗା ମିଶନ କାର୍ଯ୍ୟକାରୀ

1984 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମ୍ବଲପୁର ମହାନଗର ନିଗମର ରେଙ୍ଗାଲି ଅଂଶରେ PMAY-Urban 2.0 ଅଧୀନରେ ଘର ମଞ୍ଜୁର ହୋଇଥିବା କିନ୍ତୁ ପ୍ରଥମ କିସ୍ତି ପାଇନଥିବା ହିତାଧିକାରୀଙ୍କର ଏକ ୱାର୍ଡ-ୱାରି ତାଲିକା ପ୍ରଦାନ କରାଯାଉ, (ଖ) 'ଜାଗା ମିଶନ' ସତ୍ତ୍ୱେ କେବଳ "ଜମି ପଟ୍ଟା" ନଥିବା ଦର୍ଶାଇ ରେଙ୍ଗାଲି ଅଞ୍ଚଳରେ କେତେଜଣଙ୍କ ଆବେଦନ ଖାରଜ କରାଯାଇଛି, ରେଙ୍ଗାଲି-ସମ୍ବଲପୁର ଶିଳ୍ପାଞ୍ଚଳ କରିଡରରେ ଶ୍ରମିକମାନଙ୍କ ପାଇଁ ବସ୍ତିର ପୁନରୁଦ୍ଧାର ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ପ୍ରକଳ୍ପ କାର୍ଯ୍ୟ

1985 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆର୍ଥିକ ବର୍ଷ ୨୦୨୨ - ୨୩, ୨୦୨୩ - ୨୪, ୨୦୨୪ - ୨୫, ୨୦୨୫ - ୨୬ ପାଇଁ ପୁରୀ ମ୍ୟୁନିସିପାଲିଟି / ମହାନଗର ନିଗମରେ ୧ ଲକ୍ଷରୁ ୫ ଲକ୍ଷ ମୂଲ୍ୟରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇଛି ?

----

## Preparation of DPR

**1986 ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Urban Swachh Bharat Mission (Urban) has Puri Municipal Corporation (Earlier Puri Municipality) prepared a DPR for solid waste management, If yes, what are the plans for solid waste management and whether color coded bins are being issued to households in Puri, How many such bins has been issued to house holds in the town from the year which house holds, a ward wise data be submitted ?

----

## ପୋଖରୀର ପୁନଃରୁଦ୍ଧାର ପାଇଁ ଖର୍ଚ୍ଚ

**1987 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର ରାୟଗଡା, ଗୁଣୁପୁର ପୌର ପରିଷଦ ଓ ଗୁଡାରି ବିଜ୍ଞାପିତ ଅଂଚଳ ରେ ଗତ ଆର୍ଥିକ ବର୍ଷ 2023-24,2024-25 ରେ ପୋଖରୀ ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟ କରଣ ପାଇଁ କେଉଁ କେଉଁ ପୋଖରୀ କୁ ହାତ କୁ ନେଇଥିଲେ ଓ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା, ବର୍ତମାନ ତାର ସ୍ଥିତି କଣ ବିବରଣୀ ଦେବେ କି ?

----

## ଠିକା ସଂସ୍ଥାର tender ସମୟସୀମା

**1988 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲା ର ରାୟଗଡା,ଗୁଣୁପୁର, ପୌର ପରିଷଦ ଓ ଗୁଡାରି ବିଜ୍ଞାପିତ ଅଂଚଳ ର sanitation କାର୍ଯ୍ୟ ବର୍ତମାନ କେଉଁ ସଂସ୍ଥା କୁ ଦିଆଯାଇଛି ଓ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ର tender ସମୟ ସୀମା କେଉଁ ବର୍ଷ ସରୁଛି, ଯଦି ସରିଯାଇଛି ତେବେ ପୁନଃ tender କେଉଁ କାରଣ ରୁ କରାଯାଇ ନାହିଁ , କେଉଁ ନିୟମାବଳୀ ଅନୁସାରେ ସେହି ଠିକା ସଂସ୍ଥା କୁ renew କରି ଦିଆଯାଉଛି, ଏଥିରେ ସରକାର ଙ୍କ ଯେଉଁ revenue loss ହେଉଛି ତାର ଦାୟୀ କିଏ, Sanitation ପାଇଁ ନୂତନ tender ପ୍ରକ୍ରିୟା କେବେ ହେବ, ଉଠା ଦୋକାନୀ ଙ୍କ ଟିକସ collection ପାଇଁ ବର୍ତମାନ କେଉଁ ସଂସ୍ଥା କୁ ଦିଆ ଯାଇଛି ତାହାର ସମୟ ସୀମା କେବେ ସରୁଛି ନୂତନ tender ପ୍ରକ୍ରିୟା କେବେ ହେବ ?

----

## ରାସ୍ତା ଉନ୍ନତିକରଣ

1989 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ଚଳିତ ଆର୍ଥିକ ବର୍ଷ ସହ ଗତ ତିନି ବର୍ଷରେ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ରାସ୍ତା ଏବଂ କେତେ କି.ମି. ଉନ୍ନତିକରଣ କରାଯାଇଛି ; (ଖ) ସେହିଭଳି ଗତ ତିନି ବର୍ଷରେ ବିଭାଗ ତରଫରୁ କେଉଁ କେଉଁ ରାସ୍ତାକୁ ପଞ୍ଚାୟତ ସମିତିରୁ R.D. ବିଭାଗକୁ ହସ୍ତାନ୍ତର କରାଯାଇ ଉନ୍ନତିକରଣ କରାଯାଇଛି ?

----

## ରାସ୍ତା ଏବଂ ପୋଲ ନିର୍ମାଣ

1990 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଗତ 2024-25 ଆର୍ଥିକ ବର୍ଷରେ ଏବଂ ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଭାଗ ତରଫରୁ ରାସ୍ତା ଓ ପୋଲ ନିର୍ମାଣ କରିବା ପାଇଁ କେତେ ପରିମାଣ ଅର୍ଥ ଅନୁଦାନ ଦେଇଥିଲେ ବା ଦେଇଛନ୍ତି, କେତେ ଖର୍ଚ୍ଚ ହୋଇଛି, ତାହାର ଏକ ସବିଶେଷ ବିବରଣୀ ନିର୍ବାଚନ ମଣ୍ଡଳୀ ୱାରୀ ଦେବାର ବ୍ୟବସ୍ଥା କରିବେ କି ?

----

## ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଦ୍ଵାରା ପ୍ରକଳ୍ପ କାର୍ଯ୍ୟ

1991 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା ଅନ୍ତର୍ଗତ ୨୦୨୦-୨୧ ରୁ ୨୦୨୩-୨୪ ବର୍ଷ ମଧ୍ୟରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ତଥା କଣ୍ଟାବାଞ୍ଜି ଏନ୍.ଏ.ସି ରେ କେତେ ଗୋଟି ପ୍ରକଳ୍ପ ମଞ୍ଜୁର କରାଯାଇଥିଲା ଏବଂ ସେମଧ୍ୟରୁ କେଉଁ କେଉଁ ପ୍ରକଳ୍ପ କେଉଁ କାରଣରୁ ବର୍ତମାନ ସୁଦ୍ଧା ଆରମ୍ଭ ହୋଇ ପାରିନାହିଁ ; (ଖ) ଯେଉଁ ପ୍ରକଳ୍ପ ଗୁଡିକର ବିଗତ ୨ ବର୍ଷ ଅବଧିରୁ ନିର୍ମାଣ/ ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇନାହିଁ, ସେଗୁଡିକର ମଞ୍ଜୁରୀ ପ୍ରାପ୍ତ ଅଟକଳ ଟଙ୍କାରେ ଉକ୍ତ କାର୍ଯ୍ୟ ଗୁଡିକର ସମ୍ପାଦନ କରିବା ବର୍ତମାନ ସମ୍ଭବପର ହୋଇପାରିବ ନାହିଁ, ଏଣୁ ଉକ୍ତ ପ୍ରକଳ୍ପ ଗୁଡିକୁ ପ୍ରତ୍ୟାହାର କରାଯାଇ ସେହି ପ୍ରକଳ୍ପ ନିମନ୍ତେ ମଞ୍ଜୁରୀ ପ୍ରାପ୍ତ ଅର୍ଥକୁ ଅନ୍ୟ ନୂତନ ପ୍ରକଳ୍ପ କାର୍ଯ୍ୟରେ ବିନିଯୋଗ କରିବାକୁ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ କି ?

----

## ଆବାସିକ ଆପାର୍ଟମେଣ୍ଟ ନିର୍ମାଣ

1992 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପଞ୍ଚମ ଅଧିବେଶନ ର UDAQ ପ୍ରଶ୍ନ ସଂଖ୍ୟା ୧୧୧୧ର ତା. 02.12.2025 ରିଖ ଉତ୍ତରରେ କଣ୍ଟାବାଞ୍ଜି ସହରାଞ୍ଚଳରେ ନିଜସ ଗୃହ ନଥିବାର ପରିବାରଙ୍କୁ ଗୃହ ଯୋଗେଇବା ନିମନ୍ତେ ଆବାସିକ ଆପାର୍ଟମେଣ୍ଟ ନିମନ୍ତେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ତରଫରୁ ଜିଲ୍ଲାପାଳ ବଲାଙ୍ଗିର ଙ୍କୁ ପତ୍ର ସଂଖ୍ୟା ୨୦୫୫ ତା. ୧୮.୦୩.୨୦୨୫ ରେ ଅନୁରୋଧ କରାଯାଇଥିବାର ତଥ୍ୟ ପ୍ରଦାନ କରାଯାଇଛି, ତାହାର ବର୍ତମାନ ସ୍ଥିତି କଣ ; ଖ) ରାଜସ୍ବ ବିଭାଗ ଦ୍ଵାରା କେତେ ଏକର ଜମି ଗୃହ ନିର୍ମାଣ ସଂସ୍ଥାକୁ ପ୍ରଦାନ/ ଆବଣ୍ଟନ କରାଯାଇଛି କିମ୍ବା ଅଦ୍ୟାବଧି ତତ୍ସମ୍ବନ୍ଧୀୟ କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ତାହାର ସବିଶେଷ ତଥ୍ୟ ସରକାର ଙ୍କ ନିକଟରେ ଅଛି କି, ଗୃହ ନିର୍ମାଣ ସଂସ୍ଥା ଦ୍ଵାରା ଜିଲ୍ଲାପାଳଙ୍କୁ ଜମି ଆବଣ୍ଟନ ପାଇଁ ଅନୁରୋଧ କରାଯାଇଥିବା ପତ୍ରର ତଥ୍ୟାବଳୀ ପ୍ରଦାନ କରିବେ କି ?

----

## କାର୍ଯ୍ୟକାରୀ ହେଉଥିବା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା

1993 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତୋଟି ପୌରାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୨୪x୭ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ସୁବିଧା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଛି, ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ବଜେଟ୍‌ରେ କେତେ ଅର୍ଥ ବ୍ୟୟବରାଦ ହୋଇଥିଲା ଏବଂ ୯ ଫେବୃଆରୀ ୨୦୨୬ ସୁଦ୍ଧା ସେଥିରୁ କେତେ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଇଛି, (କ) ନବଗଠିତ ଚଣ୍ଡିଖୋଲ NACକୁ କେବେ ସୁଦ୍ଧା ଏହି ମିଶନରେ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି ?

----

## ଜଙ୍ଗଲୀ ମାଙ୍କଡ ଦ୍ଵାରା ଫସଲ ନଷ୍ଟ

1994 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ଚଣା ବ୍ଲକର ବିଭିନ୍ନ ଗ୍ରାମରେ ଜଙ୍ଗଲୀ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଯୋଗୁଁ ଫସଲ ହାନି ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହେଉଅଛି, ଜଙ୍ଗଲରେ ଫଳପ୍ରଦ ବୃକ୍ଷର ଅଭାବ ଯୋଗୁଁ ମାଙ୍କଡ଼ମାନେ ଗାଁ ମୁହାଁ ହେଉଥିବା ନେଇ ସରକାର ଅନୁଧ୍ୟାନ କରିଛନ୍ତି କି, ଯଦି ହଁ, ମାଙ୍କଡଙ୍କ ପ୍ରାଦୁର୍ଭାବରୋକିବା ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଉଛି; (କ) ମାଙ୍କଡ଼ଙ୍କ ଦ୍ଵାରା ଫସଲ ନଷ୍ଟର ଆକଳନ ପାଇଁ ସରକାର କେଉଁ ପ୍ରକ୍ରିୟା ଆପଣାଉଛନ୍ତି ଏବଂ ଗତ ୩ ବର୍ଷରେ କେତେଜଣ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇଛି ; (ଖ) ଗତ ୩ ବର୍ଷ ମଧ୍ୟରେ ମାଙ୍କଡ଼ ଆକ୍ରମଣରେ ବଡ଼ଚଣା ବ୍ଲକର କେତେ ଜଣ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ କେତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ?

----

## Growth Hubs କରାଯିବାର ଯୋଜନା

1995 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିକଶିତ ଓଡିଶା ଭିଜନ-2036 ଅନୁଯାୟୀ କଟକ ଜିଲ୍ଲାରେ ଯେଉଁ ଯେଉଁ ଗ୍ରୋଥ୍ ହବ୍ (Growth Hub) କରାଯିବାର ଯୋଜନା ରହିଛି, ସେଥିରେ କଟକ ସଦର ନିର୍ବାଚନ ମଣ୍ଡଳୀର ଅଂଶଗ୍ରହଣ କିପରି ହେବ ?

----

## ମୋ ବସ୍ ସେବାର ସ୍ଥିତି

1996 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସଦର ନିର୍ବାଚନ ମଣ୍ଡଳୀରେ ସରକାରୀ ମୋ ବସ୍ ସେବାର ସ୍ଥିତି କ'ଣ, କଟକ-କନ୍ଦରପୁର-କିଶୋର ନଗର-ନେମାଳ ଏବଂ କଟକ-ଫୁଲନଖରା-ନିଆଳି ରୁଟ୍ ରେ ଇଲେକ୍ଟ୍ରିକ୍ ବସ୍ କିମ୍ବା "ମୋ ବସ୍" ଚଳାଇବା ପାଇଁ କୌଣସି ପ୍ରସ୍ତାବ ଅଛି କି ?

----

## Scheme Project

1997 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Housing as well as plotted scheme executed and the upcoming housing/ plotted scheme project thereof along with different proposed schemes of BDA as well as OSHB in different Mouzas in BMC area as well as in the Khurda District in New Capital region with detail road map including Capital region ring road project maps and the newly proposed CDP for the upcoming projects including connecting road to different locations in BMC by BDA as well as OSHB in detail be furnished ?

----

## Demolition of Encroached Construction

1998 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Is it a fact that the main drainage approved by IIT, Khadagpur in Paikanagar, Bhubaneswar under master plan, 2010 along with govt. plots No.228, 229, 226, 227, 230 & 232 have been encroached by the local mafias inspite of warning by BMS, Bhubaneswar as "no construction" with the involvement of police and employees and if so, will the govt. enquiring and demolish encroached constructions as an early date for that benefit of local people ?

----

## କାକପୋଇ ଗଛର ସୁରକ୍ଷା

1999 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ କାକପୋଇ ଗଛର ସୁରକ୍ଷା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ତାର ସମସ୍ତ ତଥ୍ୟ ପ୍ରଦାନ କରିବେ କି ?

----

## Development of Biramitrapur Municipality

2000 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How much funds has been allocated for the development of Biramitrapur Municipality from 2023 to 2025 till date (04.02.2026) categorically like Roads, Lights, Drains, Water Supply, Parks, Market Complex, Buildings, Building Boundaries and other miscellaneous expenditure ?

----

## ପାଣି ପଞ୍ଚାୟତ ଗଠନ

2001 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀର ବେଗୁନିଆ ଓ ବୋଲଗଡର କେଉଁ କେଉଁ ପଞ୍ଚାୟତରେ ପାଣି ପଞ୍ଚାୟତ ଗଠନ କରାଯାଇଛି, ବିଗତ 5 ବର୍ଷରେ କେତେ ଅର୍ଥ ବିନିମୟରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ?

----

## Model Crematorium କାର୍ଯ୍ୟ ସମ୍ପର୍କରେ

2002 **ଶ୍ରୀମତୀ ସୀମାରାଣୀ ନାୟକ (ହିନ୍ଦୋଳ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ ସଂଖ୍ୟା-୧୨୨ ତା.26.11.2024 ରିଖରେ ଦିଆଯାଇଥିବା ଉତ୍ତର ଅନୁଯାୟୀ 30.12.2024 ରିଖରେ ସମାପ୍ତ ହେବାକୁ ଥିବା Model Crematorium କାର୍ଯ୍ୟ ଅଦ୍ୟାବଧି ସରିନଥିବା ସରକାର ଅଛନ୍ତି କି, ଯଦି ହଁ, ତେବେ ଏହା ଉପରେ ଅଦ୍ୟାବଧି କି କି ସରକାରୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ; (ଖ) ଅଦ୍ୟାବଧି ଏହି ଠିକାଦାର ସଂସ୍ଥାକୁ କଳା ତାଲିକା ଭୁକ୍ତ ନ କରିବାର କାରଣ କ'ଣ ?

----

## Drain ବ୍ୟବସ୍ଥା

2003 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କାମାକ୍ଷା ଏବଂ Bhuban OIରେ drain ର ସୁବିଧା କରିବେ କି ?

----

## Implemented of T.P. Project Schemes

2004 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether any T.P. project schemes was implemented by BDA in different Mouzas in Bhubaneswar and Khurda District, out of the entire T.P. project schemes, how many of them have been completed and how many of them are still in the execution process in different Mouzas in Bhubaneswar and Khurda District, the detail name and list of ongoing TP project schemes of BDA in different Mouzas in Bhubaneswar and Khurda District along with the detail lay out sketch maps of the completed T.P. project schemes and the detail lay out sketch maps of ongoing T.P. project schemes prepared by BDA in Bhubaneswar and Khurda District be furnished ?

----

## ରାସ୍ତା ହସ୍ତାନ୍ତର

2005 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲେଫ୍ରିପଡା ବ୍ଲକର ରାଜବାହାଲ ଠାରୁ ହେମଗିରି ବିଲକର MCL ବସୁନ୍ଧରା ପର୍ଯ୍ୟନ୍ତ ଯାଇଥିବା PMGSY ରାସ୍ତାଟି ସେଠାରେ ଥିବା ଗ୍ରାମବାସୀ ମାନଙ୍କର ଦୈନନ୍ଦିନର ଯାତାୟତ କରିବା ରାସ୍ତା ଯାହା ବର୍ତ୍ତମାନ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଉକ୍ତ ରାସ୍ତାର ସଠିକ ମରାମତି ଓ ପ୍ରସାରଣ ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ତାହା ଜଣାଇବା ସଙ୍ଗେ ସଙ୍ଗେ ଏହି ରାସ୍ତାଟିର ଉଚିତ୍ ରକ୍ଷଣାବେକ୍ଷଣ ପାଇଁ ଏହାକୁ ନିର୍ମାଣ ବିଭାଗ (Works Department) କୁ ହସ୍ତାନ୍ତର କରିବା ପାଇଁ ସରକାର ପ୍ରସ୍ତାବ ଦେବେ କି ?

----

## ସେତୁ ନିର୍ମାଣ

2006 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତରେ ନଦୀ ଓ ନାଳ ଗୁଡିକର ସେତୁ ନଥିବା କାରଣରୁ ସାଧାରଣ ଜନତା ଯାତାୟତରେ ବହୁବିଧ ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ଏବଂ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବା ପରିପ୍ରେକ୍ଷୀରେ କେଉଁ ବ୍ଲକର କେତୋଟି ସେତୁ ନିର୍ମାଣର ଆବଶ୍ୟକତା ରହିଛି, ତନ୍ମଧ୍ୟରୁ କେତୋଟି ସେତୁର କାର୍ଯ୍ୟ ଆରମ୍ଭ ହୋଇଛି, ବାକିଥିବା ସେତୁକୁ କେବେସୁଦ୍ଧା କାର୍ଯ୍ୟକ୍ଷମ କରିବେ ?

----